


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୧୭ ଏପ୍ରିଲ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 17 APRIL 2025

Vol.No. 36 ■ No.100 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ

ବିଷୁବ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


# ନ୍ୟାସନାଲ ହେରାଲ୍ଡ ମାମଲାରେ ଇଡ଼ି କାର୍ଯ୍ୟାଳୟ ଘେରିଲା କଂଗ୍ରେସ

ଭୁବନେଶ୍ୱର, ୧୬/୪ (ନି.ପ୍ର): ମୋଦୀ ସରକାର ଅନ୍ୟାୟ ଭାବରେ "ନ୍ୟାସନାଲ ହେରାଲ୍ଡ" ସମ୍ବାଦ ପତ୍ରର ସମ୍ପତିକୁ ଜବତ ଏବଂ କଂଗ୍ରେସ ଦଳର ନେତୃବର୍ଗଙ୍କ ବିରୁଦ୍ଧରେ ମନମୁଖୀ ଚାର୍ଜସିଟ୍ ଦାଖଲ କରିଛନ୍ତି । ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ସମସ୍ତ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସଦର ମହକୁମାରେ ଥିବା କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୋଦୀ ସରକାରଙ୍କର ମନମାନି, ପ୍ରତିହିଂସା ଓ ଅତ୍ୟାଚାର ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷିରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭୁବନେଶ୍ୱରସ୍ଥିତ ଇ.ଡି. କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିସିସି ସଭାପତିଙ୍କ ନେତୃତ୍ୱରେ ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସଙ୍କ ତତ୍ୱାବଧାନରେ ଏହି ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ପିସିସି ସଭାପତି ମୋଦୀ ସରକାର ମନମୁଖ କାର୍ଯ୍ୟକ୍ରମକୁ ନେଇ ଦୃଢ଼ ନିନ୍ଦା କରିବା ସହିତ ମୋଦୀ ଓ ଶାହାଙ୍କ ନିର୍ଦ୍ଦେଶରେ ଇ.ଡି. ଏକ ମିଛ ମାମଲାରେ ଅଭିଯୁକ୍ତ ଫର୍ଦ୍ଦ ଦାଖଲ କରିଛି । ଏହି ଘଟଣା ଭାରତ ବର୍ଷର ସମସ୍ତ ଆଇନ ଓ କାନୁନ୍ ବ୍ୟବସ୍ଥାର ଖୁଲମ୍‌ଖୋଲା ଉଲଙ୍ଘନ କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେଉଁ ନ୍ୟାସନାଲ ହେରାଲ୍ଡ ସମ୍ପତି ଓ ଅର୍ଥ ହେରଫେର କଥା କୁହାଯାଉଛି ଏହି ଘଟଣାରେ ଏକ ଟଙ୍କାର କାରବାର ହୋଇନାହିଁ । ସେ କହିଛନ୍ତି ମୋଦୀ ସରକାର ଅନ୍ୟାୟ ଭାବରେ ନ୍ୟାସନାଲ ହେରାଲ୍ଡକୁ ସମ୍ପତିକୁ ଜବତ କରିବା ଏବଂ କଂଗ୍ରେସ ଦଳର ବରିଷ୍ଠ ନେତୃବୃନ୍ଦଙ୍କ ବିରୁଦ୍ଧରେ ଚାର୍ଜସିଟ୍ କରିବା ନିନ୍ଦନୀୟ। ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ

▶▶ପୃଷ୍ଠା ୭

# ଜଷ୍ଟିସ୍ ବି.ଆର ଗବାଇ ହେବେ ସୁପ୍ରିମକୋର୍ଟର ପରବର୍ତ୍ତୀ ମୁଖ୍ୟ ବିଚାରପତି

## ମେ ୧୪ ତାରିଖରେ ଗ୍ରହଣ କରିପାରନ୍ତି କାର୍ଯ୍ୟଭାର

ଆଦିଲ୍ଲୀ,୧୬।୪: ଭାରତର ପ୍ରଧାନ ବିଚାରପତି ସଞ୍ଜିବ ଖାନ୍ନା ବୁଧବାର ସୁପ୍ରିମକୋର୍ଟର ବରିଷ୍ଠତମ ବିଚାରପତି ଜଷ୍ଟିସ ବି.ଆର୍. ଗଭାଇଙ୍କୁ ତାଙ୍କ ଉତ୍ତରାଧିକାରୀ ଭାବରେ ସୁପାରିଶ କରିଛନ୍ତି। ଜଷ୍ଟିସ ଗଭାଇ ପରବର୍ତ୍ତୀ ସିଜେଆଇ ହେବେ ବୋଲି ବିଶ୍ୱାସ କରାଯାଉଛି। ତେବେ ସେ ସେ ମେ'୧୪ ତାରିଖରେ ଦେଶର ୫୨ତମ ସିଜେଆଇ ଭାବରେ ଶପଥ ନେବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ ଗଭାଇଙ୍କୁ ଶପଥ ପାଠ କରାଇବେ। ଜଷ୍ଟିସ ଡି ୱାଇ ଚନ୍ଦ୍ରଚୂଡ଼ ୬୫ ବର୍ଷ ବୟସରେ ଅବସର ନେବା ପରେ ଜଷ୍ଟିସ ଖାନ୍ନା ନଭେମ୍ବର ୨୦୨୪ରେ ସିଜେଆଇ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ବର୍ତ୍ତମାନ ଜଷ୍ଟିସ ଖାନ୍ନା ଅବସର ନେଉଛନ୍ତି। ଜଷ୍ଟିସ ଗଭାଇଙ୍କ ପୂରା ନାମ ଭୂଷଣ ରାମକୃଷ୍ଣ ଗଭାଇ, ଯିଏ ୨୪ ନଭେମ୍ବର ୧୯୬୦ରେ



ମହାରାଷ୍ଟ୍ରର ଅମରାବତୀରେ ଜନ୍ମଗ୍ରହଣ କରିଥିଲେ। ସେ ନଭେମ୍ବର ୧୨, ୨୦୦୫ରେ ହାଇକୋର୍ଟର ସ୍ଥାୟୀ ବିଚାରପତି ହୋଇଥିଲେ। ସେବେଠାରୁ ସେ ସୁପ୍ରିମକୋର୍ଟର ଅନେକ ସାମ୍ବିଧାନିକ ଖଣ୍ଡପୀଠର ଅଂଶ ଅଟନ୍ତି, ଯେଉଁମାନେ ଅନେକ ଐତିହାସିକ ରାୟ ଦେଇଛନ୍ତି । ପୂର୍ବତନ ଜମ୍ମୁ-କଶ୍ମୀର ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେଉଥିବା ଧାରା ୩୭୦କୁ ଉଚ୍ଛେଦ କରିବା ପାଇଁ କେନ୍ଦ୍ରର ନିଷ୍ପତ୍ତିକୁ ସର୍ବସମ୍ମତିକ୍ରମେ ସମର୍ଥନ କରିଥିବା ପାଞ୍ଚ ଜଣିଆ ଖଣ୍ଡପୀଠର ସଦସ୍ୟ ଥିଲେ ଜଷ୍ଟିସ ଗଭାଇ।

# ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବିଭିନ୍ନ ଠିକଣାରେ ରେଡ୍ : ପୁଳା ପୁଳା ଟଙ୍କା ଜବତ

ଭୁବନେଶ୍ୱର, ୧୬/୦୪ : (ନି.ପ୍ର) ଭିଜିଲାନ୍ସ ଜାଲରେ ଆଠମଲ୍ଲିକ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରାମ ଚନ୍ଦ୍ର ଶତପଥୀ । ବେଆଇନ ସମ୍ପତ୍ତି ଠୁଳ ମାମଲାରେ ଆଜି ଭିଜିଲାନ୍ସ ଚଢାଉ ବେଳେ ନିଜ ଓ ସମ୍ପର୍କୀୟଙ୍କ ଘରୁ ପୁଳା ପୁଳା ଟଙ୍କା ଓ ଗହଣା ଜବତ ହୋଇଛି । ୯ଟି ଠିକଣାରେ ରେଡ ହୋଇଛି । ଯନ୍ତ୍ରୀଙ୍କ ଜ୍ୱାଇଁଙ୍କ ଘରୁ ୨୨ ଲକ୍ଷ ନଗଦ ଟଙ୍କା ଓ ସୁନା ମିଳିଛି । ଲାଞ୍ଚୁଆ ବାବୁ ଆପଣାଇଥିଲେ ଲାଞ୍ଚଖିଆ ନୀତି, ବେଆଇନ ଭାବେ କମାଇଥିଲେ ଅମାପ ସମ୍ପତ୍ତି । ରେଡ୍ ବେଳେ ନିଜ ଘର ସମେତ ସମ୍ପର୍କୀୟଙ୍କ ଘରୁ ବାହାରୁଛି ପୁଳାପୁଳା ନଗଦ ଟଙ୍କା ଓ ସୁନାଗହଣା । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ସ୍କାନରକୁ ଆସିଛନ୍ତି ଆଠମଲ୍ଲିକ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରାମ ଚନ୍ଦ୍ର ଶତପଥୀ ।



ଏକକାଳୀନ ଢେଙ୍କାନାଳ ସମେତ, ଅନୁଗୁଳ, କଟକ ଓ ଭବାନୀପାଟଣା ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି । ଜ୍ୱାଇଁ ତପନ କୁମାର ତ୍ରିପାଠୀଙ୍କ ଘରୁ ରେଡ ସମୟରେ ଭିଜିଲାନ୍ସ ହାତରେ ଲାଗିଛି ପୁଳାପୁଳା ଟଙ୍କା ଓ ଗହଣା । ୨୨ ଲକ୍ଷ ନଗଦ ଟଙ୍କା ସହ ୫୦୦ ଗ୍ରାମ୍ ସୁନା, ୨୦୦ ଗ୍ରାମ୍ ରୁପା ଏବଂ ଗୋଟିଏ ଦାମୀ କାର୍ ଜବତ ହୋଇଛି । ୧୯ରୁ ଅଧିକ ମୂଲ୍ୟବାନ ଜମିର ଖରିଦ ଦସ୍ତାବିଜ ସିଜ୍ କରାଯାଇଛି। ରାମ ଚନ୍ଦ୍ର ଶତପଥୀ ଏବଂ ଜ୍ୱାଇଁଙ୍କୁ ଆଠମଲ୍ଲିକ ନେଇ ଜେରା କରିବା ସହ ଆୟ ବହିର୍ଭୁତ ସମ୍ପତ୍ତି ବାବଦରେ ପଚରାଉଚରା କରୁଛନ୍ତି ଭିଜିଲାନ୍ସ ଟିମ୍ ।

## ଆସନ୍ତା ୨୧ରେ ସମ୍ବଲପୁରରେ ବିଭିନ୍ନ ଜନ ଅଭିଯୋଗର ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ : କାଲି ୧୧ଟାରୁ ଆରମ୍ଭ ହେବ ପଞ୍ଜୀକରଣ



ଭୁବନେଶ୍ୱର, ୧୬/୪ (ନି.ପ୍ର): ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନ୍ତା ଅପ୍ରେଲ ୨୧ ତାରିଖ-ସୋମବାରରେ ଏଥର ସମ୍ବଲପୁରରେ ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ, ଦୁର୍ଗାପାଲି ଠାରେ ବିଭିନ୍ନ ଜନ ଅଭିଯୋଗର ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ । ଏଥିପାଇଁ ଆସନ୍ତାକାଲି ଅପ୍ରେଲ ୧୭ତାରିଖ ଦିବା ୧୧ ଘଟିକା ଠାରୁ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ପଞ୍ଜୀକରଣ ଆରମ୍ଭ ହେବ। ପଞ୍ଜୀକୃତ ସର୍ବାଧିକ ୧୦୦୦ ଦରଖାସ୍ତକାରୀ ୨୧ ତାରିଖ ଦିନ ସକାଳ ୮ଟା ସମୟରୁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କର ଅଭିଯୋଗ ଜଣାଇପାରିବେ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ମୁର୍ସିଦାବାଦକୁ ଫେରିଲେ ୧୪୦ ଲୋକ : ଶାନ୍ତି ପ୍ରତିଷ୍ଠା କରିବାରେ ଲାଗିଛି ପୋଲିସ ଓ ବିଏସଏଫ



କୋଲକାତା, ୧୬/୪ : ମୁର୍ସିଦାବାଦ ଜିଲ୍ଲାରେ ନିକଟରେ ହୋଇଥିବା ହିଂସା ପରେ ଘର ଛାଡିବାକୁ ବାଧ୍ୟ ହୋଇଥିବା ଲୋକେ ଏବେ ଧୀରେ ଧୀରେ ଫେରୁଛନ୍ତି । ପ୍ରଶାସନ ଅନୁସାରେ ଗତ ତିନିଦିନରେ ପ୍ରାୟ ୧୪୦ ଲୋକ ତାଙ୍କ ଘରକୁ ଫେରିଲେଣି । ପ୍ରାୟ ୩୬୦ ଲୋକଙ୍କୁ ଘରକୁ ଫେରାଇବାକୁ ପୋଲିସ ଓ ବିଏସଏଫ ଦିନରାତି ଉଦ୍ୟମ କରୁଛନ୍ତି । ଧୁଲିୟାନ ଅଂଚଳରେ ମଙ୍ଗଳବାର ଅନେକ ପରିବାର ନିଜ ନିଜ ଗାଁକୁ ଫେରୁଛନ୍ତି । ପୁରୁଷଙ୍କ କାନ୍ଧରେ ବାଗ, ମହିଳାଙ୍କ ହାତରେ ପୁଟୁଳି ଥିବାର ଦେଖିବାକୁ ମିଳିଛି । ଗତ ୪୮ ଘଂଟାରେ ହିଂସା ପ୍ରଭାବିତ ଅଂଚଳରେ ପୋଲିସ ଓ ବିଏସଏଫର ଗସ୍ତ ଲୋକଙ୍କ ମଧ୍ୟରେ ଭରସା ଫେରାଇଛି । ଅରାଜକତା ସୃଷ୍ଟି କରିଥିବା ଗିରଫଦାରି ସଂଖ୍ୟା ବଢିଛି ।

# ମଣିପୁରରୁ ବିଭିନ୍ନ ସ୍ଥାନରେ ୧୧ ଉଗ୍ରବାଦୀ ଗିରଫ

ଇମ୍ଫାଲ, , ୧୬/୪ : ମଣିପୁର ପୋଲିସ ଓ କେନ୍ଦ୍ରୀୟ ସୁରକ୍ଷାବଳ ବିଭିନ୍ନ ସ୍ଥାନରୁ ପ୍ରତିବନ୍ଧିତ ସଂଗଠନର ୧୧ ଉଗ୍ରବାଦୀଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ଅସ୍ତ୍ରଶସ୍ତ୍ର, ମୋବାଇଲ୍ ଫୋନ, ଗାଡିମୋଟର ଓ ଅନ୍ୟ ଆପତ୍ତିଜନ ସାମଗ୍ରୀ ବି ଜବତ କରିଛି । ମଣିପୁର ପୋଲିସ ବୁଧବାର କହିଛି ଯେ, ଥୌବଲ ଜିଲ୍ଲାର ହିରୋକ ଥାନା ଅନ୍ତର୍ଗତ ସଲୁଂଗଫମ ମମାଂଗ ଲାଇକୋଇ ବଜାର ନିକଟରୁ କେସିପିର ୪ ଉଗ୍ରବାଦୀଙ୍କୁ ଗିରଫ କରାଯାଇଛି । ଏମାନେ ବିଭିନ୍ନ ସ୍ଥାନରେ ଲୋକଙ୍କ ଠାରୁ ଦାଦାବଟି ଆଦାୟ କରୁଥିଲେ । ଏମାନଙ୍କ ନିକଟରୁ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ କରାଯାଇଛି । ଏହା ବ୍ୟତୀତ ମଣିପୁର ପୋଲିସ ଇମ୍ଫାଲ ଇଷ୍ଟ ଜିଲ୍ଲାର ବୈଥୋ ଚିରୁ ଅଂଚଳରୁ ଏସଓଆରଇପିଏ ସଙ୍ଗଠନର ତିନି ସଦସ୍ୟଙ୍କୁ ଗିରଫ କରିଛି । ଏମାନଙ୍କ ନିକଟରୁ ମଧ୍ୟ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ କରାଯାଇଛି । ଅନ୍ୟ ଏକ ଅଭିଯାନରେ ମଣିପୁର ପୋଲିସ କେସିପି ସଙ୍ଗଠନର ଜଣେ ସଦସ୍ୟକୁ ଗିରଫ କରିଛି । ସମସ୍ତ ଉଗ୍ରବାଦୀଙ୍କ ବିରୁଦ୍ଧରେ ଆଇନଗତ ମାମଲା ଆରମ୍ଭ ହୋଇଛି ।

# ୱାକଫ ଆଇନର ବିବାଦ ମାମଲା : 'ମୁସଲମାନମାନେ ହିନ୍ଦୁ ବୋର୍ଡ ଚଳାଇବେ କି ?' କେନ୍ଦ୍ରକୁ ପ୍ରଶ୍ନ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୬।୪: ସୁପ୍ରିମକୋର୍ଟ ବୁଧବାର ବିବାଦୀୟ ୱାକଫ ସଂଶୋଧନ ଆଇନ, ୨୦୨୫ ଉପରେ ଶୁଣାଣି କରି କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିଛନ୍ତି। କୋର୍ଟ ଏହି ଆଇନକୁ ଚ୍ୟାଲେଞ୍ଜ କରି ୭୩ଟି ଆବେଦନର ଶୁଣାଣି କରୁଥିଲା, ଯାହା ଅନେକ ରାଜ୍ୟରେ ବିରୋଧ ସୃଷ୍ଟି କରିଛି। ମୁଖ୍ୟ ବିଚାରପତି ସଞ୍ଜିବ ଖାନ୍ନାଙ୍କ ନେତୃତ୍ୱରେ ଏବଂ ବିଚାରପତି ସଞ୍ଜୟ କୁମାର ଏବଂ କେଭି ବିଶ୍ୱନାଥନଙ୍କୁ ନେଇ ଗଠିତ ତିନି ଜଣିଆ ଖଣ୍ଡପୀଠ 'ଉପଭୋକ୍ତା ଦ୍ୱାରା ୱାକଫ' ଏବଂ କେନ୍ଦ୍ରୀୟ ୱାକଫ ପରିଷଦରେ ଅଣ-ମୁସଲମାନମାନଙ୍କୁ ଅନ୍ତର୍ଭୁକ୍ତ କରିବା ସମ୍ବନ୍ଧୀୟ ବ୍ୟବସ୍ଥା ଉପରେ କଠୋର ପ୍ରଶ୍ନ



ଉଠାଇଥିଲେ, ଆଇନର କିଛି ଅଂଶକୁ ଆଇନଗତ ଏବଂ ସାମ୍ପ୍ରଦାୟିକ ଭାବରେ ପରିପୂର୍ଣ୍ଣ ବୋଲି କହିଥିଲେ। ଜଣେ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରୁଥିବା ବରିଷ୍ଠ ଓକିଲ କପିଲ ସିବଲ କହିଛନ୍ତି ଯେ ସଂଶୋଧିତ ଆଇନ ସମ୍ବିଧାନର ଧାରା ୨୬ ର ଉଲ୍ଲଙ୍ଘନ କରେ, ଯାହା ଧାର୍ମିକ ବ୍ୟାପାର ପରିଚାଳନା କରିବାର ଅଧିକାରକୁ ସୁରକ୍ଷା ଦିଏ। ସେ ବିଶେଷ ଭାବରେ ଜିଲାପାଳଙ୍କ ପାଖରେ ଥିବା କ୍ଷମତାକୁ ସମାଲୋଚନା କରି କହିଛନ୍ତି ଯେ ଯଦି ଅଧିକାରୀଙ୍କୁ ବିଚାରପତି ଏବଂ କାର୍ଯ୍ୟନିର୍ବାହୀ ଭାବରେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଏ ତେବେ ଏହାକୁ "ଅସାମ୍ବିଧାନିକ" ବୋଲି କହିଛନ୍ତି। ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭି ସିବଲଙ୍କ ଯୁକ୍ତିକୁ ସମର୍ଥନ କରି ପ୍ରକାଶ କରିଛନ୍ତି ଯେ ଭାରତର ୮ ଲକ୍ଷ ୱାକଫ ସମ୍ପତ୍ତି ମଧ୍ୟରୁ ୪ ଲକ୍ଷ 'ବ୍ୟବହାରକାରୀଙ୍କ ଦ୍ୱାରା' ବର୍ଗରେ ପଡୁଛି। ଏହି ସମୟରେ ମୁଖ୍ୟ ବିଚାରପତି ଏକ ଆଶ୍ଚର୍ଯ୍ୟଜନକ ପର୍ଯ୍ୟବେକ୍ଷଣ କରିଥିଲେ: "ଆମକୁ କୁହାଯାଇଛି ଯେ ଦିଲ୍ଲୀ ହାଇକୋର୍ଟ ୱାକଫ ଜମିରେ ନିର୍ମିତ... ଆମେ କହୁନାହୁଁ ଯେ ସମସ୍ତ 'ୱାକଫ ବ୍ୟବହାରକାରୀଙ୍କ ଦ୍ୱାରା' ଭୁଲ, କିନ୍ତୁ ଏକ ପ୍ରକୃତ ଚିନ୍ତାଜନକ ଅଛି ।" କୋର୍ଟ ଚେତାବନୀ ଦେଇଥିଲେ ଯେ କୋର୍ଟ ଦ୍ୱାରା ଘୋଷିତ ୱାକଫ ସମ୍ପତ୍ତିକୁ ଉଚ୍ଛେଦ କରିବା ନ୍ୟାୟିକ ସ୍ୱାଧୀନତା ଏବଂ ଐତିହାସିକ ପୂର୍ବ ନଜିରକୁ ଉଲ୍ଲଂଘନ କରିପାରେ।

▶▶ପୃଷ୍ଠା ୭

# ଛତିଶଗଡ ସୁରକ୍ଷାବଳଙ୍କ ଏନକାଉଂଟରରେ ଦୁଇ ନକ୍ସଲ ନିହତ

କୋଂଡାଗାଓଁ, ୧୬/୦୪ : ଛତିଶଗଡର କୋଂଡାଗାଓଁ ଜିଲ୍ଲାର ମରକାମ ପାଲରେ ଗତକାଲି ବିଳମ୍ବିତ ରାତିରେ ହୋଇଥିବା ଏନକାଉଂଟରରେ ୨ ନକ୍ସଲ ନିହତ ହୋଇଛନ୍ତି । ଘଟଣାସ୍ଥଳରୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ମୃତ ନକ୍ସଲ ହେଉଛନ୍ତି ହଲଦର ଓ ରାମ । ଅଂଚଳରେ ସର୍ଚ୍ଚ ଅପରେସନ ଜାରି ରହିଛି । ଏନେଇ ପୋଲିସ ଅଧୀକ୍ଷକ ଅକ୍ଷୟ କୁମାର ସୂଚନା ଦେଇଛନ୍ତି । ସୂଚନା ମୁତାବକ କୋଂଡାଗାଓଁ-ନାରାୟଣପୁର ସୀମାକୁ ଲାଗିଥିବା କିଲମ-ବରଗୁମ ଅଂଚଳର ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ସୂଚନା ମିଳିବା ପରେ ଡିଆରଜି ତଥା ବସ୍ତର ଫାଇଟର୍ସ ଟିମ୍ ମାଓବାଦୀ ବିରୋଧୀ ଅଭିଯାନରେ ଏପ୍ରିଲ ୧୫ରେ ବାହାରିଥିଲେ । ସନ୍ଧ୍ୟାରେ ସୁରକ୍ଷାବଳ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଗୁଳି କାଣ୍ଡରେ ଏବେ ସୁଦ୍ଧା ୨ ନକ୍ସଲ କ୍ୟାଡରଙ୍କ ମୃତଦେହ ଜବତ ହୋଇଛି ।

# ଦୟଣାଚୋରୀ ସାହିତ୍ୟ ଆସର -୨୦୨୫ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଓ ସାରସ୍ୱତ ସମାରୋହ



ଡେଲାଙ୍ଗ, ,୧୬/୪(ନି. ପ୍ର): ଓଡିଶା ପ୍ରସିଦ୍ଧ ଘୋରଡ଼ିଆ ଦୟାଣାଚୋରି ଯାତ୍ରା ମେଳଣ ମହୋତ୍ସବ ଅବସରରେ ମେକ୍ ଇନ ଇଣ୍ଡିଆ ଆଣ୍ଡ ମିଡ଼ିଆ ପରିବାର ଓ୍ ଜଳନ୍ଧର ସ୍ମୃତି ସାହିତ୍ୟ ପ୍ରତିଷ୍ଠାନ, ଘୋରଡ଼ିଆ ଆନୁକୂଲ୍ୟରେ ୧୦ମ ବାର୍ଷିକ ଦୟଣାଚୋରି ସାହିତ୍ୟ ଆସର -୨୦୨୫ ଦୟଣାଚୋରି ମେଳଣ ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି ! ଏହି ଅବସରରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଦିଲ୍ଲୀପ କୁମାର ଧାଉଡ଼ିଆଙ୍କ ପୌରହିତ୍ୟରେ ଆୟୋଜିତ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ ଓ୍ ସାରସ୍ୱତ ସମାରୋହ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିଶୁ ସାହିତ୍ୟିକ ଡକ୍ଟର ହେମନ୍ତ କୁମାର ଛୋଟରାୟ, ମୁଖ୍ୟବକ୍ତା ଭାବେ କବି ତଥା ପ୍ରଫେସର ଶାଶଙ୍କ ଶେଖର ଚୂଡ଼ାମଣି, ସମ୍ମାନିତ ଅତିଥିରୂପେ ଅତିରିକ୍ତ ଏସପି ତଥା ଲେଖକ ବିଶ୍ୱପ୍ରକାଶ ପଟ୍ଟନାୟକ, ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ତଥା ଲେଖକ, ନାଟ୍ୟକାର ବିଭୁତି ଭୂଷଣ ପଟ୍ଟନାୟକ, ମାଟିର ମହକ ତଥା ନିମାଇଁ ସାହିତ୍ୟ ସଂସଦ ର ସମ୍ପାଦକ ମାନସ ରଞ୍ଜନ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ତ୍ରିପାଠୀ,ବରିଷ୍ଠ ଶିଶୁସାହିତ୍ୟିକ ବିପିନି ବିହାରୀ ଦଳେଇ, ଉପଦେଷ୍ଟା ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ କବି କବୟିତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହିତ ଦୟଣାଚୋରି ଯାତ୍ରାର ଐତ୍ୟହ, ପରମ୍ପରା ଓ୍ କଳା ସଂସ୍କୃତି ଏବଂ ଓଡ଼ିଆ ଅସ୍ମିତା ସମ୍ପର୍କରେ ଆଲୋଚନା କରିଥିଲେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶଶିଶେଖର ରାୟଙ୍କୁ ଦୟଣାଚୋରୀ ଆଦର୍ଶ ଯୁବ ସମାଜସେବୀ ସମ୍ମାନ -୨୦୨୫, ଡକ୍ଟର ହେମନ୍ତ କୁମାର ଛୋଟରାୟଙ୍କୁ ଚଳିତ ବର୍ଷ ଦୟାଣା ସାହିତ୍ୟ ସାରସ୍ୱତ ସମ୍ମାନ - ୨୦୨୫, ଗାନ୍ଧୀ ତତ୍ତ୍ୱ ପ୍ରଚାରକ ଅନାମ ମଲ୍ଲିକଙ୍କୁ ଦୟଣାଚୋରି ଗାନ୍ଧୀ ସ୍ୱାଭିମାନ ସମ୍ମାନ, ପ୍ରଦ୍ୟୁମ୍ନ ପରିଡ଼ାଙ୍କୁ ଦୟାଣାଚୋରି କବି ଗୌରବ ସମ୍ମାନ, ବିଶ୍ୱରଞ୍ଜନ ରଞ୍ଜନ ବଳବନ୍ତରାୟଙ୍କୁ ଦୟଣାଚୋରୀ ଯୁବ ସମାଜସେବୀ ସମ୍ମାନ, ପ୍ରସନ୍ନ ତ୍ରିପାଠୀଙ୍କୁ ଦୟଣାଚୋରୀ ସୂଚନା ଶିରମଣୀ ସମ୍ମାନ, ବିପିନ ବିହାରୀ ଦଳାଇଙ୍କୁ ଦୟଣାଚୋରୀ ଶ୍ରେଷ୍ଠ ଶିଶୁ ସାହିତ୍ୟିକ ସମ୍ମାନ,ବାସୁଦେବ ସାହୁଙ୍କୁ ଦୟଣା ସାହିତ୍ୟ ସାରସ୍ୱତ ସମ୍ମାନ, ନଗେନ ପ୍ରଧାନଙ୍କୁ ଦୟଣାଚୋରି ଆଦର୍ଶ ସମାଜସେବୀ ସମ୍ମାନ, ନରେନ୍ଦ୍ର କୁମାର ମୁଦୁଲିଙ୍କୁ ଦୟଣା ସାହିତ୍ୟ ସାରସ୍ୱତ ସମ୍ମାନ,ଏହିପରି ୨୧ ଜଣ ପ୍ରତିଭାଙ୍କୁ ମାନପତ୍ର,ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହିତ ଓଡ଼ିଆ ଭାଷା, ସାହିତ୍ୟ, କଳା ସଂସ୍କୃତି କ୍ଷେତ୍ରରେ ଉଲେଖନୀୟ କାମ କରୁଥିବା ୧୨ଟି ସାହିତ୍ୟ ଅନୁଷ୍ଠାନଙ୍କୁ ସମ୍ମାନିତ କରାଯାଇଥିଲା । ରମେଶ ଚନ୍ଦ୍ର ସ୍ୱାଇଁ ମଞ୍ଚ ପରିଚାଳନା କରିଥିବା ବେଳେ, କବିତା ସଂଯୋଜନା କରିଥିଲେ କବି ବିକ୍ରମ କେଶରୀ ଚମ୍ପତି, ଜ୍ୟୋସ୍ନାମୟୀ ସ୍ୱାଇଁ ଓ୍ ନମିତା ସ୍ୱାଇଁ ! ଏହି ଆସରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ କବି କବୟିତ୍ରୀ ଯୋଗ ଦେଇଥିଲେ ।

## ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ

ବେତନଟୀ,୧୬/୪(ନି. ପ୍ର): ବେତନଟୀ ଏମପିସି ହାଇସ୍କୁଲରେ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ ପରିପ୍ରେକ୍ଷୀରେ ଏକ ମୋକଡ୍ରିଲ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ଅଧକ୍ଷତାରେ ଆୟୋଜିତ ମୋକଡ୍ରିଲ କାର୍ଯ୍ୟକ୍ରମରେ ବେତନଟୀ ଦମକଳକେନ୍ଦ୍ର ଅଧିକାରୀ ସତ୍ୟବାଦୀ ପଲେଇ ହାଇସ୍କୁଲରେ ପହଞ୍ଚି ଆକସ୍ମିକ ଅଗ୍ନିକାଣ୍ଡ ସମେତ ବନ୍ୟାବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଖପାଖରେ ଉପଲବ୍ଧ ଘର ଉପକରଣର ସଠିକ ବ୍ୟବହାର ଦ୍ୱାରା ନିଜର ଏବଂ ଅନ୍ୟମାନଙ୍କର ଧନଜୀବନର ସୁରକ୍ଷା କରାଯାଇ ପାରିବ ସେନେଇ ବିଭିନ୍ନ କୌଶଳ ମୋକଡ୍ରିଲ ମାଧମରେ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ଆଗ୍ନିକ ଜଗନ୍ନାଥ ଗିରି, ଆଗ୍ନିକ ଅଜୟ କୁମାର ସାହୁ, ଡ୍ରାଇଭର ହାବିଲଦାର ଛବିଳ ବେହେରା ପ୍ରମୁଖ ଛାତ୍ରଛାତ୍ରୀ ମାନଙ୍କୁ ମୋକଡ୍ରିଲ ମାଧମରେ ବିଭିନ୍ନ ଅତ୍ୟାବଶ୍ୟକ କୌଶଳ ପ୍ରଦର୍ଶନ ପୂର୍ବକ ସଚେତନ କରାଇଥିଲେ । ପରିଚାଳନାରେ ହାଇସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ ।

# ପାନୀୟ ଜଳର ସମସ୍ୟା ନେଇ ବିଡ଼ିଓଙ୍କ ସହ ଗ୍ରାମବାସୀଙ୍କର ଆଲୋଚନା

ବେତନଟୀ,୧୬/୪(ନି. ପ୍ର): ବେତନଟୀ ପଞ୍ଚାୟତ ଅଧୀନ ଆମ୍ବଯୋଡ଼ା ଗ୍ରାମରେ ବସୁଧା ଯୋଜନାରେ ଗ୍ରାମବାସୀଙ୍କୁ ପାଣି ନ ମିଳିବାରୁ ଆଜି ଗ୍ରାମବାସୀ ମାନେ ବେତନଟୀ ବ୍ଲକଅଫିସରେ ପହଞ୍ଚି ପାଣି ସମସ୍ୟା ବାବଦରେ ବିଡ଼ିଓଙ୍କୁ ଅବଗତ କରିବା ସହିତ ଆଲୋଚନା କରିଛନ୍ତି । ଘଟଣାରୁ ପ୍ରକାଶ ଯେ ବେତନଟୀ ପଞ୍ଚାୟତ ଅଧୀନ ଆମ୍ବଯୋଡ଼ା ଗ୍ରାମର ୧୦ନମ୍ବର ଏବଂ ୧୧ନମ୍ବର ୱାର୍ଡ ପାଇଁ ବସୁଧା ଯୋଜନାରେ ଏକଲକ୍ଷ ଲିଟର ଜଳଧାରଣ କ୍ଷମତା ସମ୍ପନ୍ନ ପାଣିଟାଙ୍କି ନିର୍ମାଣ କରାଯାଇଥିଲା । ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିରୀକ୍ଷଣରେ ନିର୍ମିତ ଏହି ପାଣି ଟାଙ୍କି ଉପରେ ଦୁଇଟି ୱାର୍ଡର ଦେଢ଼ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭରଶୀଳ ରହୁଛନ୍ତି । ତେବେ ପାଣିଟାଙ୍କି ନିର୍ମାଣଶୈଳୀରେ ଅନିୟମିତତା ଏବଂ ପାଇପ ବିଛାଇବାରେ ବୈଷୟିକ ତ୍ରୁଟି ପାଇଁ ଗ୍ରାମବାସୀଙ୍କ ନିକଟକୁ ପିଇବାପାଣି ପହଞ୍ଚି ପାରୁନାହିଁ । ପାଣି ସମସ୍ୟା ନେଇ ଗ୍ରାମବାସୀ ବାରମ୍ବାର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀଙ୍କୁ ଅବଗତ କରିଆସୁଥିଲେ ସୁଦ୍ଧା ସମସ୍ୟାର କୌଣସି ସମାଧାନ ହୋଇପାରୁନଥିଲା । ଶେଷରେ ଆଜି ଗ୍ରାମବାସୀ ମାନେ ବେତନଟୀ ବ୍ଲକକାର୍ଯ୍ୟାଳୟରେ ପହଞ୍ଚି ବିଡ଼ିଓ ସୁଶାନ୍ତ କୁମାର ସୁତାରଙ୍କୁ ସାକ୍ଷାତ କରି ଅଭିଯୋଗ କରିବା ସହିତ ସମସ୍ୟା ସମାଧାନ ପାଇଁ ଆଲୋଚନା କରିଥିଲେ । ଆସନ୍ତାକାଲି ବିଡ଼ିଓ ସେହି ଜାଗାକୁ ଯାଇ ପାନୀୟ ଜଳ ର ତୁରନ୍ତ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ନାରୀ ନ୍ୟାୟ, ୱାକଫ ବିଲ ପ୍ରତ୍ୟାହାର ଏବଂ ରନ୍ଧନଗ୍ୟାସ ଦରବୃଦ୍ଧି ଦାବିରେ ନୀଳଗିରି କଂଗ୍ରେସର ମଶାଲ ଶୋଭାଯାତ୍ରା




ନୀଳଗିରି ,୧୬/୪(ନି. ପ୍ର): ଦେଶରେ ବିଜେପି ଶାସନାଧୀନ ମୋଦି ସରକାର ନାରୀକୁ ସମ୍ମାନର କଥା କହୁଥିବା ବେଳେ ଦେଶରେ ନାରୀଜାତି ଅବହେଳିତ, ଧର୍ଷଣର ଶିକାର, ୫୦ପ୍ରତିଶତ ସଂରକ୍ଷଣ ଆଦି କେବଳ ଭୁଆଁବାଣ ବୋଲି କଂଗ୍ରେସ ଅଭିଯୋଗ କରିଆସୁଛି । ଆଜି ନୀଳଗିରି କଂଗ୍ରେସ ତରଫରୁ ନଗର ସଭାପତି ଉପେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ନାରୀକୁ ସମ୍ମାନ, ୱାକବ ବିଲ ପ୍ରତ୍ୟାହାର, ରନ୍ଧନଗ୍ୟାସ ଦରବୃଦ୍ଧି ଦାବୀନେଇ ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ବାହାରି ଦୁର୍ଗାମଣ୍ଡପ ପର୍ଯ୍ୟନ୍ତ ଆସିଥିଲା । ଏହି ଶୋଭାଯାତ୍ରାରେ ଯଶୋଦାନନ୍ଦନ ସିଂହ, ଅଶ୍ୱନୀ ପାତ୍ର, ମହିଳା ସଭାପତି ବାସନ୍ତୀ ସିଂ, ଶାନ୍ତନୁ ମହାଳିକ, ପତିତପାବନ ନାୟକ, ଅଭିଜିତ ଜେନା, ବିଶ୍ୱଭୂଷଣ ଖିଲାର, ମଧୁସୂଦନ ଦାସ, ରବୀନ୍ଦ୍ର ନାୟକ, ବ୍ରଜମୋହନ ପୃଷ୍ଟି, ହେମନ୍ତ ନାୟକ, ରଥ ସିଂ, ଚନ୍ଦ୍ରମୋହନ ସିଂ, ରାଜକିଶୋର ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ଟାଉନ୍‌ହଲ ରୋଡ଼ ଶ୍ରୀ ହନୁମାନ ମନ୍ଦିରରେ ବାର୍ଷିକ ଉତ୍ସବ ଓ ଶ୍ରୀହନୁମାନ ଜୟନ୍ତୀ ପାଳନ



ବାଲେଶ୍ୱର, ୧୬/୦୪: (ନି.ପ୍ର) ଟାଉନ୍‌ହଲ ରୋଡ଼ରେ ଥିବା ଶ୍ରୀମହାବୀର ହନୁମାନ ମନ୍ଦିରରେ ସୁଦକ୍ଷ ବୈଦିକ ପଣ୍ଡିତ ବ୍ରାହ୍ମଣଙ୍କ ଦ୍ୱାରା ମନ୍ଦିର କମିଟିର ଆବାହକ ଡକ୍ଟର ଗୌରସାଧନ ମିଶ୍ର (ଧରଣୀ ନନା)ଙ୍କ ପରାମର୍ଶରେ ଯଥାବିଧି ବାର୍ଷିକ ଉତ୍ସବ ସହିତ ଶ୍ରୀହନୁମାନ ଜୟନ୍ତୀ ଯଥୋଚିତ ଉତ୍ସବ ଓ ମାର୍ଯ୍ୟାଦାର ସହ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ମନ୍ଦିର ପୂଜକ ପଣ୍ଡିତ କୃତିବାସ ପଣ୍ଡାଙ୍କ ପୌରାହିତ୍ୟରେ କାର୍ଯ୍ୟସୂଚୀ ଅନୁଯାୟୀ ସମସ୍ତ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି । ଦିବସବ୍ୟାପୀ ଆୟୋଜିତ ଉତ୍ସବରେ ଷୋଡ଼ଶ ଉପଚାର ପୂଜା ସହିତ ହନୁମାନଙ୍କ ବୀଜମନ୍ତ୍ରରେ ବିଶ୍ୱକଲ୍ୟାଣ ନିମନ୍ତେ ୧୦୮୦ ଥର ହୋମଯଜ୍ଞ ଏବଂ ସନ୍ଧ୍ୟାରେ ପୂର୍ଣ୍ଣାହୁତି ଓ ପୂର୍ଣ୍ଣାଳତୀ ସହ ୧୦୮ ଲଡୁ ଭୋଗ ଭକ୍ତି ଓ ପବିତ୍ରତାର ସହ ପାଳିତ ହୋଇଥିଲା ଏବଂ ଏହି ଅବସରରେ ମନ୍ଦିର କମିଟି ତରଫରୁ ଭକ୍ତମାନଙ୍କ ପାଇଁ ଲଡୁଭୋଗ ଓ ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଥିଲା । ଏହି ଧାର୍ମିକ ଓ ଆଧାତ୍ମିକ କାର୍ଯ୍ୟକ୍ରମ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାଏକଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା ଏବଂ ଏଥିରେ ମନ୍ଦିର କମିଟି ତରଫରୁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମନ୍ଦିର କମିଟିର ସଦସ୍ୟ ଓ ଶୁଭେଚ୍ଛୁ ବିଶେଷ ଭାବେ ଯୁବ କର୍ମକର୍ତ୍ତାଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ସୁପରିଚାଳିତ ହୋଇଥିଲା । ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତଙ୍କ ଦ୍ୱାରା ବିଧାୟକ ପାଣ୍ଠି ସରକାରୀ ଅନୁଦାନରେ ଏହି ମନ୍ଦିରର ଉନ୍ନତିକଳ୍ପେ ୨ ଲକ୍ଷ ଟଙ୍କା ଅର୍ଥରେ କାର୍ଯ୍ୟ ହୋଇଥିବାରୁ କମିଟି ତରଫରୁ ତାଙ୍କୁ ସମସ୍ତଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ମହାନ୍ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ ବ୍ୟକ୍ତି ଓ ଭକ୍ତମାନେ ଯୋଗଦାନ ଦେଇ ଶ୍ରୀହନୁମାନ ଚାଳିଶା ପାଠ ସହ ଜୟ ଶ୍ରୀରାମ, ଜୟ ଶ୍ରୀ ହନୁମାନ ଓ ଶଙ୍ଖଧ୍ୱନିରେ ସମଗ୍ର ଅଂଚଳକୁ ଭକ୍ତିମୟ କରିଥିଲେ । ଏଥିରେ ମନ୍ଦିର କମିଟିର ବରିଷ୍ଠ ସଦସ୍ୟ ସର୍ବଶ୍ରୀ ଲକ୍ଷ୍ମଣ କୁମାର ବାରିକ, ପ୍ରଶାନ୍ତ କୁମାର ଦାସ, ବସନ୍ତ କୁମାର ଦାସ, ରାଜେନ୍ଦ୍ର ବେହେରା, ରଞ୍ଜିତ ନନ୍ଦୀ, ସିଦ୍ଧାର୍ଥ ପ୍ରଧାନ, ଶାନ୍ତନୁ କୁମାର ଲେଙ୍କା ଓ ବିକ୍ରମ କେଶରୀ ମହାପାତ୍ର ପ୍ରମୁଖ ଯୋଗଦାନ ଦେଇଥିଲେ । ଏହି ଉତ୍ସବର ସର୍ବସଫଳତା ପାଇଁ ମନ୍ଦିର କମିଟିର ଆବାହକ ଡକ୍ଟର ଗୌର ସାଧନ ମିଶ୍ର କମିଟିର ସବୁ ସଦସ୍ୟ ଓ ଶୁଭେଚ୍ଛୁ ସମସ୍ତଙ୍କୁ ତାଙ୍କର ପୂର୍ଣ୍ଣ ସହଯୋଗ ପାଇଁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ ଓ ଶେଷରେ ଶ୍ରୀ ହନୁମାନଙ୍କ କୃପାଭିକ୍ଷା କରି ସବୁ ଭକ୍ତ ତଥା ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ ।

# ମା ମଙ୍ଗଳା ସାହିରେ ଝାମୁଯାତ୍ରା



ଭୁବନେଶ୍ୱର,୧୬।୪, ମା ମଙ୍ଗଳା ସାହିରେ ଥିବା ମା ମଙ୍ଗଳା ମନ୍ଦିର ସମ୍ମୁଖରେ ପବିତ୍ର ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ଦଣ୍ଡଧାରୀ ଓ ମାନସିକଧାରୀମାନେ ଯଥାବିଧି, ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି ନଗର ପରିକ୍ରମା କରିଥିଲେ । ମା ମଙ୍ଗଳା ସାହିର ପ୍ରତ୍ୟେକ ଘର ଦୁଆର ମୁହଁରେ ଭକ୍ତମାନେ ଗୋମୟରେ ଲିପି, ନୂତନ ବସ୍ତ୍ର ଓ ପିଢା ପକାଇ, ପୂର୍ଣ୍ଣ କଳସ ବସାଇ ଠାକୁରାଣୀଙ୍କୁ ଧାରଣ କରିଥିବା କାଳିସୀଙ୍କ ପାଦ ଧୋଇ ମା'ଙ୍କୁ ଧୂପ, ଦୀପ, ନୈବେଦ ଦେଇ ପୂଜାର୍ଚ୍ଚନା କରିଥିଲେ । ମଧ୍ୟାହ୍ନରେ ଦଣ୍ଡଧାରୀମାନେ ସୁଦ୍ଧସ୍ନାନ ସାରି ମା ମଙ୍ଗଳାଙ୍କ ପାଖରେ ଅଧିଆ ପଡି ମା'ଙ୍କ ଆଜ୍ଞା ନେଇ ଝାମୁଯାତ୍ରାରେ ବାହାରିଥିଲେ । ମନ୍ଦିର ସମ୍ମୁଖରେ ନିର୍ମିତ ୯ ଟି ଝାମୁ ଗାଡର ଡହଡହ ନିଆଁରେ ଦଣ୍ଡଧାରୀ ଓ ମାନସିକଧାରୀମାନେ ଚାଲିଥିଲେ । ଏହି ଉତ୍ସବରେ ସ୍ଥାନୀୟ ଅଂଚଳର ବହୁ ଜନସାଧାରଣ ଯୋଗଦେଇ ଦର୍ଶନ କରିଥିଲେ । ସାହି କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ସହଯୋଗ କରିଥିଲେ । ଏହି ଅବସରରେ ଯୁବକ ସଂଘ ପକ୍ଷରୁ ପଣା ବଂଟନ କରାଯାଇଥିଲା ।

# ୧୯ରେ ଆଇଆଇଏମ୍ ସମ୍ବଲପୁରର ନବମ ବାର୍ଷିକ ସମାବର୍ତ୍ତନ ଉତ୍ସବ

ସମ୍ବଲପୁର, ୧୬/୦୪ (ନି.ପ୍ର)– ଆଇଆଇଏମ୍ ସମ୍ବଲପୁର ଏହାର ନବମ ବାର୍ଷିକ ସମାବର୍ତନ ଉତ୍ସବ ଆସନ୍ତା ୧୯ ତାରିଖରେ ଆଇଆଇଏମ୍ ସମ୍ବଲପୁର ପରିସରସ୍ଥ କୋଣାର୍କ ଅଡିଟୋରିୟମରେ ଅନୁଷ୍ଠିତ ହେବାକୁ ଯାଉଛି । ସମ୍ମାନିତ ବ୍ୟକ୍ତି, ଅଧାପକ ଓ ଅତିଥିମାନଙ୍କ ଉପସ୍ଥିତିରେ ୩୧୩ ଏମବିଏ (୨୦୨୩-୨୫), ୩୮ଜଣ ଏକ୍‌ଜିକ୍ୟୁଟିଭ୍ ଏମବିଏ(୨୦୨୨-୨୪), ୧୦ ଜଣ ଏମ୍?ବିଏ ଫର୍ ୱାର୍କିଂ ପ୍ରେଫସନାଲ୍ (୨୦୨୩-୨୫) ଏବଂ ୬ଜଣ ପିଏଚଡି ସ୍କଲାର ନିଜ ନିଜ ଡିଗ୍ରୀ ଗ୍ରହଣ କରିବେ । ସମାବର୍ତନ ଉତ୍ସବରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ମୁଖ୍ୟ ଅତିଥି , ଆଇଆଇଏମ୍ ସମ୍ବଲପୁରର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର୍ ଅଧକ୍ଷା ତଥା ସେଲ୍‌ସେଫୋର୍ସ ଇଣ୍ଡିଆ ଓ ଦକ୍ଷିଣ ଏସିଆର ଅଧକ୍ଷା ତଥା ସିଇଓ ପଦ୍ମଶ୍ରୀ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ ଏବଂ ବୋଷ୍ଟନ୍ କନସଲ୍ଟିଂ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଆଶିଷ ଗର୍ଗ ସମ୍ମାନିତ ଅତିଥି ଭାବରେ ଯୋଗଦେବ । ଏହି ସମାବର୍ତନ ସମାରୋହରେ ଉତ୍କୃଷ୍ଟ ଶିକ୍ଷାଗତ ଉତ୍କର୍ଷତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ନିଜ ନିଜ ପାଠ୍ୟକ୍ରମ ଅନୁଯାୟୀ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ ବୋଲି ଆଇଆଇଏମ୍ କାର୍ଯ୍ୟାଳୟ ସୂତ୍ରରୁ ସୂଚୀତ କରାଯାଇଛି ।

# ପଥଚାରୀ ଓ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରତୀକ ଅରଗାନାଇଜେସନର ଉଦାର ଉଦ୍ୟମ




ବାରିପଦା, ୧୬/୦୪: (ନି.ପ୍ର)ଅତିରିକ୍ତ ଜିଲ୍ଲାପାଳ ଦେବତ୍ତର ବିଭାଗ ମୟୂରଭଞ୍ଜ ଶ୍ରୀଯୁକ୍ତ ଦୟାସିନ୍ଧୁ ପରିଡ଼ା ଫିତାକାଟି ଷ୍ଟଲ୍ ଶୁଭ ଉଦଘାଟନ କରିବା ସହିତ ପଣା ମଧ୍ୟ ବଣ୍ଟନ କରିଛନ୍ତି । ସକାଳ ୧୦:୩୦ ମିନିଟ୍ ସମୟରେ ଶୁଭାରମ୍ଭ ପରେ, ଉକ୍ତ ପଣା ବଣ୍ଟନ କାର୍ଯ୍ୟକ୍ରମରେ ପ୍ରତୀକ ଅରଗାନାଇଜେସନର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ । ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ଆମ ଓଡ଼ିଶାର ଏକ ଅନନ୍ୟ ପରମ୍ପରା, ଯେଉଁ ପରମ୍ପରା ଆମ ଧର୍ମୀୟ ଭାବନା ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ । ସେଥିପାଇଁ ଏଇ ପଣା,ସରବତ୍, ଥଣ୍ଡାପାନୀୟ ବଣ୍ଟନ କାର୍ଯ୍ୟକ୍ରମକୁ ମୟୂରଭଞ୍ଜର ଆରାଧ୍ୟ, ବାରିପଦାର ଶ୍ରୀ ଶ୍ରୀ ହରି ବଳଦେବ ଜୀଉଙ୍କ ମନ୍ଦିର ପାଖରେ ଆୟୋଜନ କରାଯାଇଥିଲା । ଯଦ୍ଦ୍ୱାରା ଉଭୟ ପଥଚାରୀ ଓ ଜଗନ୍ନାଥଙ୍କ ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ସେବା ସୁରୁଖୁରୁରେ ହୋଇପାରିବ । ଉକ୍ତ ଜଳସେବା ଲୋକଙ୍କୁ ତୃପ୍ତି ପ୍ରଦାନ କରିଥିବା ତୃଷାର୍ତ୍ତ ଲୋକେ ପ୍ରକାଶ କରିବା ସହିତ ପ୍ରତୀକ ଅରଗାନାଇଜେସନ ର ସଦସ୍ଯ ମାନଙ୍କର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି । ପ୍ରତୀକ ଅରଗାନାଇଜେସନ ର ପ୍ରତିଷ୍ଠାତା ପ୍ରତିମା ବାରିକ ଓ ସଂଗଠନର ମୁଖ୍ୟ ପରିଚାଳକ ଶ୍ରୀ ପ୍ରବୀର କୁମାର ବାରିକଙ୍କ ଉତ୍ସାହ ଓ ପ୍ରେରଣାରେ ଉକ୍ତ କାର୍ଯ୍ୟକ୍ରମକୁ ସଭାପତି ଶ୍ରୀ ରାଜୀବ ସାହୁ ଆୟୋଜନ କରିଥିବା ବେଳେ ଅନ୍ଯ ମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଶ୍ରୀ ସୁକାନ୍ତ ଜୀଉ,ଏମ.ସି.ଡି.ଏର ଜିଲ୍ଲା ସଭାପତି ଶ୍ରୀ ସୋରଜ ସାହୁ,ଲମ୍ବୋଦର ମହାନ୍ତି,ଡଃ: କିଶୋର ପାତ୍ର, ସବ୍ୟସାଚୀ ବାରିକ,ଅଜୟ ବାରିକ, ବିଜୟଲକ୍ଷ୍ମୀ ବାରିକ,ଦିଲ୍ଲିପ ଦାସ,ରାଜଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ । ବେଶ୍ ସୁନ୍ଦର ଓ ଶୃଙ୍ଖଳିତ ଭାବରେ ଦିବସ ବ୍ୟାପୀ ପଣା ବଣ୍ଟନ କରାଯାଇଛି ।

## ସୁଏଲପୁର ଗ୍ରାମକୁ ଏକ ଆଦର୍ଶ ଗ୍ରାମଭାବେ ପ୍ରତିଷ୍ଠିତ କରାଇବାକୁ ଗ୍ରାମଦେବତୀଙ୍କ ବାର୍ଷିକ ଉତ୍ସବ ଅବସରରେ ନିଷ୍ପତ୍ତି

ବାଲେଶ୍ୱର,୧୬/୪(ନି. ପ୍ର): ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ, ଓଡ଼ିଆ ନୂଆବର୍ଷ ଏବଂ ଭାରତରତ୍ନ ଡ. ବାବା ସାହେବଙ୍କ ଜୟନ୍ତୀ ଅବସରରେ ସୁଏଲପୁରସ୍ଥିତ ମା' ବୁଢ଼ୀମଙ୍ଗଳା ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ 'ମା' ବୁଢ଼ୀମଙ୍ଗଳା ଚ୍ୟାରିଟେବୁଲ୍ ଟ୍ରଷ୍ଟ' ନାମରେ ଏକ ସଂଗଠନ ପ୍ରତିଷ୍ଠା କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଗ୍ରାମର ଆର୍ଥିକ ଅନଗ୍ରସର ଓ ଶାରୀରିକ ଅକ୍ଷମ ୫ ଜଣ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସ୍ୱର୍ଗତ ଗଣେଶ ଚନ୍ଦ୍ର ସାହୁ ଓ ତାଙ୍କ ପତ୍ନୀ ସାବିତ୍ରୀ ସାହୁଙ୍କ ପରିବାର ପକ୍ଷରୁ ଏଥିପାଇଁ ଆର୍ଥିକ ଅନୁଦାନ ଗ୍ରହଣ କରାଯାଇଥିଲା । ଯୁବସମାଜ ସହରର ମଧଭାଗରେ ଥିବା ସୁଏଲପୁର ଗ୍ରାମକୁ ଏକ ଆଦର୍ଶ ଗ୍ରାମଭାବେ ପ୍ରତିଷ୍ଠିତ କରାଇବାକୁ ଏହି ଅବସରରେ ଗ୍ରାମବାସୀମାନେ ଶପଥ ଗ୍ରହଣ କରିଛନ୍ତି ।

# ଶାନ୍ତିକାନନରେ ବିଷୁବ ମିଳନ ଓ କବିତାପାଠ



ବାଲେଶ୍ୱର,୧୬/୪(ନି. ପ୍ର): ଓଡ଼ିଆ ନବବର୍ଷ, ମହାବିଷୁବ ସଂକ୍ରାନ୍ତି (ପଣା ସଂକ୍ରାନ୍ତି), ଆମ୍ବେଦକର ଜୟନ୍ତୀ ଓ ହନୁମାନ ଜୟନ୍ତୀର ସମ୍ମିଳିତ ଆବେଗ ବହନ କରୁଥିବା ଏହି ପବିତ୍ର ଦିବସରେ ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ବିଷୁବ ମିଳନ ଓ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା । ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ପ୍ରାବନ୍ଧିକ ଓ ସାହିତ୍ୟ ସମାଲୋଚକ ହିମାଂଶୁ ଶେଖର ପରିଡ଼ା ମୁଖ୍ୟ ଅତିଥିରୂପେ ଯୋଗ ଦେଇ ଆଧୁନିକ ଓଡ଼ିଆ କବିତାର ବୈଶିଷ୍ଟ୍ୟ ଓ ତ୍ରୁଟି ସମ୍ବନ୍ଧରେ ନିଜର ବିଚାର ରଖିବା କ୍ରମରେ ଆଧୁନିକତା କିପରି ଯୁଗ-ନିର୍ଦ୍ଦିଷ୍ଟ ନ ହୋଇ ବରଂ ସବୁ ଯୁଗରେ ସାହିତ୍ୟରେ ପ୍ରତିଫଳିତ ହୋଇ ଆସିଛି ତା'ର ଉଦାହରଣ ରଖିଥିଲେ । ପରେ ପରେ କବି ଦୀପକ ବୋଷ ଓ ଜ୍ୟୋସ୍ନା ରାୟ ମହାପାତ୍ରଙ୍କ ସଂଯୋଜନାରେ କବିତାପାଠ ଉତ୍ସବ ଆୟୋଜିତ ହୋଇଥିଲା ଏବଂ ଏଥିରେ ୩୦ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ । ସୁଶ୍ରୀ ଅରୁଣା ରାୟ, ଡ. ହରିଶ୍ଚନ୍ଦ୍ର ବେହେରା ଓ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ବିଚାରକଗଣଙ୍କ ମୂଲ୍ୟାୟନ କ୍ରମେ ପ୍ରଥମ ଦଶଜଣଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା କବି ରଂଜନ ବାଗ୍‌ଙ୍କୁ 'ଆଜିର କବି' ଭାବେ ମୁକୁଟ ପିନ୍ଧାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟ ନଅଜଣ ସମ୍ମାନିତ କବିମାନେ ହେଲେ-କମଳିନୀ କାନ୍ତ, ଜୁମର ନାଥ ପାତ୍ର, ମହେନ୍ଦ୍ର ପାଣିଗ୍ରାହୀ, ଜୟନ୍ତ ହଂସରାଜ, ସମର ବଲ୍ଲଭ ଭୋଇ, ସଂଗୀତା ବାରିକ, ରତ୍ନାକର ସିଂହ, କଲ୍ୟାଣୀ ନନ୍ଦ ଓ ଜ୍ୟୋସ୍ନା ରାୟ ।

# ଯଦୁ ବଂଶ ପରି ଧ୍ୱଂସ ହେବ ବିଜେଡି : ପ୍ରଶାନ୍ତ ଜଗଦେବ

ଭୁବନେଶ୍ୱର, ୧୬/୦୪ : (ନି.ପ୍ର) ବିଜେଡିରେ କନ୍ଦଳକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବିଜେପି ବିଧାୟକ ପ୍ରଶାନ୍ତ ଜଗଦେବ । ସେ କହିଛନ୍ତି ଯେ ବିଜେଡ଼ି ଗଣତନ୍ତ୍ର ବ୍ୟବସ୍ଥାକୁ ଖତମ କରିବାକୁ ଯାଉଥିଲା । ପାଣ୍ଡିଆନ ପାଇଁ ଓଡ଼ିଶା ଲୋକେ ବିଜେଡିକୁ ହଟାଇ ଦେଲେ । ବିଜେଡ଼ି ଫଲ୍ ଡାଉନ୍ ର ମୁଖ୍ୟ କାରଣ ହେଉଛନ୍ତି ପାଣ୍ଡିଆନ । ଖୁବ୍ କମ୍ ଦିନରେ ଯଦୁ ବଂଶ ପରି ଧ୍ୱଂସ ହୋଇଯିବ ବିଜେଡି । ବିଜେଡ଼ି ଆଗକୁ ବିଜେପିରେ ବିଲୀନ ହୋଇଯିବ । ବିଜେଡ଼ି କେବଳ କ୍ଷମତାକୁ ନେଇ ତିଆରି ହୋଇଥିଲା । ଜଳ ବିନା ଯେପରି ମାଛ ବଂଚେନି, କ୍ଷମତା ବିନା ସେମିତି ବିଜେଡି ବଂଚିବନି ବୋଲି କହିଛନ୍ତି ପ୍ରଶାନ୍ତ ।

## ଧାରାବାହିକ:

ଭାଗ-୪୯

# ସଂକ୍ଷିପ୍ତ ଭାଗବତ କଥାମୃତ




ଡ. ଶ୍ରୀହରି ପଣ୍ଡା




(ପୂର୍ବ ପ୍ରକାଶିତ ଉତ୍ତାରୁ)

**୧୬ଶ ଅଧ୍ୟାୟ**

**॥ ପରଶୁରାମଙ୍କ କ୍ଷତ୍ରିୟ ନିଧନ ॥**

ପର୍ଶୁରାମ ପିତାଙ୍କ ଆଜ୍ଞା ପାଳନ କରି ଏକ ବର୍ଷ ପର୍ଯ୍ୟନ୍ତ ତୀର୍ଥ ଭ୍ରମଣ କରି ଫେରି ଆସିଲେ । ଥରେ ମାତା ରେଣୁକା ସ୍ନାନ ନିମନ୍ତେ ଗଙ୍ଗାନଦୀକୁ ଯାଇ ସେଠାରେ ଅପସରୀମାନଙ୍କ ସହ ଜଳକ୍ରୀଡା କରୁଥିବା ଗନ୍ଧର୍ବରାଜ ଚିତ୍ରରଥଙ୍କୁ ଦେଖି ମୁଗ୍ଧ ଦୃଷ୍ଟିରେ ଚାହିଁରହିଲେ । ତେଣେ ହୋମବେଳା ଅତିକ୍ରାନ୍ତ ହେଉଥିବା କଥା ଜାଣିପାରିଲେ ନାହିଁ । ହଠାତ୍ ତାଙ୍କର ହୋମକଥା ମନେ ପଡିଯିବାରୁ ସେ ଜଳ କଳସୀ ଧରି ମୁନିଙ୍କ ସାମ୍ନରେ ଉପସ୍ଥିତ ହେଲେ ଅପରାଧୀ ଭଳି ଯୋଡହସ୍ତରେ । ମୁନି ଜମଦଗ୍ନି ନିଜ ପତ୍ନୀଙ୍କର ମାନସିକ ଚାଞ୍ଚଲ୍ୟ ଜାଣିପାରି କ୍ରୋଧରେ ତାଙ୍କୁ ହତ୍ୟା କରିବାକୁ ପୁତ୍ରମାନଙ୍କୁ ଆଦେଶ ଦେଲେ ହେଁ କେହି ପୁତ୍ର ଏହି ନିଷ୍ଠୁର ଆଦେଶ ପାଳନ କଲେନାହିଁ । ଏହି ସମୟରେ ପର୍ଶୁରାମ ସେଠାରେ ପହଞ୍ଚିବାରୁ ପିତାଙ୍କ ନିର୍ଦ୍ଦେଶରେ ମାତା ଓ ଅବାଧ ଭ୍ରାତାମାନଙ୍କୁ ନିଜ ପରଶୁ ସାହାଯ୍ୟରେ ବଧ କଲେ । ପିତା ଜମଦଗ୍ନି ପିତୃଭକ୍ତ ପୁତ୍ରକୁ ବରମାଗିବାକୁ କହିବାରୁ ପର୍ଶୁରାମ କହିଲେ, ହେ ପିତୃଦେବ, ଆପଣ ଅମୋଘ ତପଃଶକ୍ତିର ଅଧିକାରୀ, ଦୟାକରି ମୋର ମାତା ଓ ଭ୍ରାତାମାନଙ୍କୁ କ୍ଷମା କରିବା ସହ ପୁନର୍ଜୀବିତ କରିଦିଅନ୍ତୁ ତଥା ମୁଁ ଯେ ସେମାନଙ୍କୁ ବଧ କରିଥିଲି ତାହା ସେମାନଙ୍କର ସ୍ମରଣ ନରହୁ । ଏହା ଶୁଣି ଜମଦଗ୍ନି ଅତ୍ୟନ୍ତ ପ୍ରସନ୍ନ ହେବା ସହ ପୁତ୍ରଙ୍କ ଇଚ୍ଛାପୂରଣ କଲେ । ଏହାର କିଛି ଦିନପରେ କାର୍ତ୍ତବୀର୍ଯ୍ୟଙ୍କ ପୁତ୍ରମାନେ ପ୍ରତିଶୋଧ ନେବା ନିମିତ୍ତ ଆଶ୍ରମ ଉପରେ ଆକ୍ରମଣ କଲେ ଏବଂ ଧ୍ୟାନରତ ମୁନିଙ୍କ ମୁଣ୍ଡକାଟି ସାଥିରେ ନେଇଗଲେ । ରେଣୁକା ଅତ୍ୟନ୍ତ ବ୍ୟାକୁଳ ହୋଇ ଅତି ଉଚ୍ଚ ସ୍ୱରରେ କ୍ରନ୍ଦନ କରୁ କରୁ ପର୍ଶୁରାମଙ୍କୁ ଡାକ ପକାଇଲେ । ପର୍ଶୁରାମ ମାତାଙ୍କ ଡାକ ଶୁଣି ଆଶ୍ରମକୁ ଆସି ସବୁ ଅବଗତ ହେଲେ । କ୍ରୋଧ ଓ ଶୋକରେ ପାଗଳ ପ୍ରାୟ ପର୍ଶୁରାମ କ୍ଷତ୍ରିୟକୂଳ ନିଧନର ଶପଥ ନେଇ ନିଜର କୁଠାର ଧାରଣ ପୂର୍ବକ କାର୍ତ୍ତବୀର୍ଯ୍ୟର ରାଜଧାନୀ ମାହଷ୍ମତୀପୁରକୁ ଗମନ କଲେ । ସେଠାରେ ବ୍ରହ୍ମଘାତୀ ଅସ୍ତ୍ର ଦ୍ୱାରା ସମସ୍ତ କାର୍ତ୍ତବୀର୍ଯ୍ୟ ପୁତ୍ରମାନଙ୍କୁ ବଧକରି ସେମାନଙ୍କର ମୁଣ୍ଡରେ ଗୋଟାଏ ପର୍ବତ ସୃଷ୍ଟିକଲେ । ରକ୍ତର ନଦୀ ବୋହିଗଲା । ପର୍ଶୁରାମ ସେହି ରକ୍ତରେ ନିଜ ପିତାଙ୍କ ଉଦ୍ଦେଶ୍ୟରେ ତର୍ପଣ କଲେ । ତଥାପି ତାଙ୍କର କ୍ରୋଧ ଶାନ୍ତ ନହେବାରୁ ସେ ଏକୋଇଶବାର ପୃଥିବୀ ଭ୍ରମଣ ପୂର୍ବକ ଅତ୍ୟାଚାରୀ କ୍ଷତ୍ରିୟମାନଙ୍କୁ ସମ୍ପୂର୍ଣ୍ଣ ମୂଳପୋଛ କଲେ । ପିତାଙ୍କର ଅପହୃତ ମୁଣ୍ଡକୁ ନେଇ ତାଙ୍କ ଶରୀର ସହିତ ରଖି କୁଶ ଶଯ୍ୟାରେ ସ୍ଥାପନ କରି ବହୁତ ଯାଗଯଜ୍ଞ ଦ୍ୱାରା ସର୍ବ ବେଦମୟ ଆତ୍ମାରୂପୀ ପରମେଶ୍ୱରଙ୍କର ଅର୍ଚ୍ଚନା କଲେ ଏବଂ ବ୍ରାହ୍ମଣମାନଙ୍କୁ ଅଧିକୃତ ସମଗ୍ର ପୃଥିବୀ ଦକ୍ଷିଣା ରୂପେ ଦାନକଲେ । ଏହା ଫଳରେ ଜମଦଗ୍ନି ପରମଗତି ଲାଭ କରି ସପ୍ତର୍ଷିମଣ୍ଡଳରେ ସପ୍ତମ ଋଷି ରୂପେ ସ୍ଥାନପ୍ରାପ୍ତ ହେଲେ । ଏହାପରେ ପର୍ଶୁରାମ ପୁଣ୍ୟତୋୟା ସରସ୍ୱତୀ ନଦୀରେ ସ୍ନାନକରି ସମସ୍ତ ପାପ ପ୍ରକ୍ଷାଳନ ପୂର୍ବକ ମେଘମୁକ୍ତ ସୂର୍ଯ୍ୟ ତୁଲ୍ୟ ପ୍ରତିଭାତ ହେଲେ । ଅନ୍ୟପଟରେ ଯଜ୍ଞ ଚରୁ ଭକ୍ଷଣ କରିଥିବା ଗାଧୀଙ୍କର ପତ୍ନୀ ମଧ୍ୟ ପ୍ରଜ୍ୱଳିତ ଅଗ୍ନିତୁଲ୍ୟ ମହାତେଜସ୍ୱୀ ଋଷି ବିଶ୍ୱାମିତ୍ରଙ୍କୁ ଜନ୍ମଦେଲେ । ବିଶ୍ୱାମିତ୍ର ତପସ୍ୟା କରି କ୍ଷତ୍ରିୟତ୍ୱ ତ୍ୟାଗକରି ବ୍ରହ୍ମତ୍ୱ ପ୍ରାପ୍ତ ହୋଇଥିଲେ ।

**୧୭ଶ ଅଧ୍ୟାୟ**

**॥ ରଜି ଓ ତାଙ୍କର ପାଞ୍ଚଶତ ପୁତ୍ର ॥**

ପୁରୁରବାଙ୍କ ବଂଶରେ ସୌନକ ମୁନି, ବାସୁଦେବ ଅଂଶୀ ଯଜ୍ଞଭାଗ ଭୋଜି ଏବଂ ଆୟୁର୍ବେଦ ପ୍ରବର୍ତ୍ତକ ଧନ୍ୱନ୍ତରୀ ଜାତ ହୋଇଥିଲେ । ସେହି ବଂଶରେ ମଧ୍ୟ ୬୬.୦୦୦ ବର୍ଷ ଶାସନ କରିଥିବା ଅଳର୍କ ନାମକ ରାଜା ଜନ୍ମନେଇଥିଲେ । ପୁଣି ଅମିତ ବିକ୍ରମଶାଳୀ ପାଞ୍ଚଶତ ପୁତ୍ର ରାଜା ରଜିଙ୍କ ଔରସରୁ ଜାତ ହୋଇଥିଲେ । ସେ ଅସୁର କର୍ତ୍ତୃକ ପରାଭବ ପାଇଥିବା ଇନ୍ଦ୍ରାଦି ଦେବତାଙ୍କ ଦ୍ୱାରା ଆମନ୍ତ୍ରିତ ହୋଇ ନିଜର ପୁତ୍ରମାନଙ୍କ ସାହାଯ୍ୟରେ ଅସୁରମାନଙ୍କୁ ସ୍ୱର୍ଗରୁ ବିତାଡିତ କଲେ । କାଳେ ଅସୁରମାନେ ପୁନର୍ବାର ସ୍ୱର୍ଗ ଆକ୍ରମଣ କରିବେ ସେଥିପାଇଁ ଦେବଗଣଙ୍କ ଅନୁରୋଧ କ୍ରମେ ଆଉକିଛି କାଳ ସେଠାରେ ରହିବାକୁ ଅନୁରୋଧ କରିବାରୁ ରଜି ସମ୍ମତ ନ ହୋଇ ନିଜ ରାଜ୍ୟକୁ ପଳାଇ ଆସିଲେ । ଏହାର କିଛି ଦିନପରେ ତାଙ୍କର ମୃତ୍ୟୁ ହେବାରୁ ତାଙ୍କ ପୁତ୍ରମାନେ ଆଉ ଇନ୍ଦ୍ରଙ୍କୁ ସ୍ୱର୍ଗ ଅଧିକାର ନଦେଇ ନିଜେ ଶାସନ କରିବା ସହ ଯଜ୍ଞଭାଗ ଗ୍ରହଣ କଲେ । ଏହା ଦେଖି ଦେବଗୁରୁ ବୃହସ୍ପତି ଏହି ପୁତ୍ରମାନଙ୍କର ମତିଭ୍ରମ ଘଟାଇବାକୁ ଅଭିଚାରିକ ମନ୍ତ୍ରରେ ହୋମ କରିବା ଫଳରେ ଇନ୍ଦ୍ର ସେହି ସମସ୍ତ ପାଞ୍ଚଶତ ପୁତ୍ରକୁ ନିପାତ କରିବାକୁ ସମର୍ଥ ହୋଇଥିଲେ ।

**୧୮ଶ ଅଧ୍ୟାୟ**

**॥ ଯଯାତି ଚରିତ୍ର ॥**

ଶ୍ରୀ ଶୁକଦେବ କହିଲେ, ରାଜା ନହୁଷ ଋଷିମାନଙ୍କୁ ଭାର ବୁହାଇବା ଏବଂ ଇନ୍ଦ୍ରାଣୀଙ୍କ ସତୀତ୍ୱ ନଷ୍ଟ କରିବାକୁ ଚେଷ୍ଟାକରି ଶାପଗ୍ରସ୍ତ ହୋଇ ଅଜଗର ରୂପ ଧାରଣ କରିଥିଲେ ଓ ପରେ ଧର୍ମରାଜ ଯୁଧିଷ୍ଠିରଙ୍କ ମୁହଁକୁ ଚାହିଁ ଶାପମୁକ୍ତ ହୋଇଥିଲେ । ତାଙ୍କର ଜ୍ୟେଷ୍ଠପୁତ୍ର ପିତାଙ୍କର ଏହି ଶୋଚନୀୟ ଅବସ୍ଥା ଦେଖି ରାଜପଦ ଯେ ସକଳ ଅନର୍ଥର ମୂଳ ଏଥିପାଇଁ ରାଜପଦ ପରିତ୍ୟାଗ ପୂର୍ବକ ଆତ୍ମ ଜ୍ଞାନ ଲାଭ ନିମିତ୍ତ ଯତ୍ନଶୀଳ ହେଲେ । ତାଙ୍କ କନିଷ୍ଠ ଭ୍ରାତା ଯଯାତି ରାଜପଦ ଲାଭ କରିବା ସହ ଶୁକ୍ରାଚାର୍ଯ୍ୟଙ୍କ କନ୍ୟା ଦେବଯାନୀ ଓ ଦୈତ୍ୟରାଜ ବୃଷପର୍ବାଙ୍କ କନ୍ୟା ଶର୍ମିଷ୍ଠାଙ୍କୁ ବିବାହ କରିଥିଲେ । ରାଜା ପରୀକ୍ଷିତ ପଚାରିଲେ କ୍ଷତ୍ରିୟ ଯଯାତିଙ୍କ ସହ ବ୍ରାହ୍ମଣ କନ୍ୟା ଦେବଯାନୀର ପ୍ରତିଲୋମ ବିବାହ କିପରି ସମ୍ଭବ ହେଲା ? ଏହାର ଉତ୍ତରରେ ଶ୍ରୀ ଶୁକଦେବ କହିଲେ - ଏକଦା ଦୈତ୍ୟରାଜ ବୃଷପର୍ବାଙ୍କ କନ୍ୟା ଶର୍ମିଷ୍ଠା ଓ ଗୁରୁ ଶୁକ୍ରାଚାର୍ଯ୍ୟଙ୍କ କନ୍ୟା ଦେବଯାନୀ ସଖୀମାନଙ୍କ ସହ ଏକ ଜଳାଶୟରେ ଜଳକ୍ରୀଡା କରୁଥିଲେ । ସେହି ସମୟରେ ଦୈବାତ ଭଗବାନ ଶଙ୍କର ଓ ମାତା ପାର୍ବତୀ ସେହି ମାର୍ଗରେ ଯିବାରୁ ଜଳକ୍ରୀଡା କରୁଥିବା କନ୍ୟାଗଣ ଲଜ୍ଜାରେ ଆସି ବସ୍ତ୍ରମାନ ପରିଧାନ କରିପକାଇଲେ । ଭୁଲ ବଶତଃ ଶର୍ମିଷ୍ଠା ଦେବଯାନୀଙ୍କ ବସ୍ତ୍ର ପରିଧାନ କରିପକାଇବାରୁ ଦେବଯାନୀ ତାଙ୍କୁ ଖୁବ୍ ଭର୍ତ୍ସନା କରିବାରୁ ଶର୍ମିଷ୍ଠା ନିଜ ଗୁରୁକନ୍ୟାକୁ ତିରସ୍କାର କରିବା ସହ କୂପ ମଧ୍ୟକୁ ଠେଲିଦେଇ ସଖୀମାନଙ୍କ ସହ ଚାଲିଆସିଲେ । କିଛି ସମୟ ପରେ ମୃଗୟା ନିମିତ୍ତ ବନରେ ବୁଲୁଥିବା ରାଜା ଯଯାତି ତୃଷାର୍ତ୍ତ ହୋଇ ସେହି କୂପ ନିକଟରେ ପହଞ୍ଚିଲେ ଏବଂ ବିବସ୍ତ୍ର ଦେବଯାନୀଙ୍କୁ କୂପରୁ ହାତଧରି ଉଦ୍ଧାର କରି ନିଜର ଉତ୍ତରୀୟ ପରିଧାନ କରିବାକୁ ଦେଲେ । ପୂର୍ବରୁ ବୃହସ୍ପତି ପୁତ୍ର କଚଙ୍କଠାରୁ ଦେବଯାନୀ ଅଭିଶାପ ପାଇଥିଲେ ଯେ ସେ ବ୍ରାହ୍ମଣ ହୋଇଥିଲେ ହେଁ କ୍ଷତ୍ରିୟକୁ ବିବାହ କରିବେ । ଏହି କଥା ସ୍ମରଣକୁ ଆସି ଯିବାରୁ ଦେବଯାନୀ କହିଲେ, ହେ ମହାରାଜ, ଆପଣ ଦୈବପ୍ରେରିତ ହୋଇ ଏହି ନିର୍ଜନ ସ୍ଥାନକୁ ଆସି ମୋର ପ୍ରାଣରକ୍ଷା କରିବା ସହ ହସ୍ତଧାରଣ ପୂର୍ବକ ଉଦ୍ଧାର କଲେ । ଏଣୁ ଏହି ହସ୍ତ ଅନ୍ୟ କାହାର ପାଣିଗ୍ରହଣ କରିନପାରେ । ଯଯାତି ମଧ୍ୟ ଏହା ଦୈବପ୍ରେରିତ ମନେକରି ବିବାହ ନିମିତ୍ତ ସ୍ୱୀକୃତି ପ୍ରଦାନକଲେ । ଦେବଯାନୀ ଏହି କଥା ଆସି ଘରେ ପିତା ମୃତ ସଂଜୀବନୀ ମନ୍ତ୍ରର ଅଧିକାରୀ ଗୁରୁ ଶୁକ୍ରାଚାର୍ଯ୍ୟଙ୍କୁ କହିବାରୁ ସେ କ୍ରୋଧିତ ହୋଇ ଦୈତ୍ୟକୁଳର ପୌରହିତ୍ୟ ତ୍ୟାଗକରି ଚାଲିଯିବାକୁ ସ୍ଥିର କଲେ । ବୃଷପର୍ବା ଏହି ସମ୍ବାଦ ପାଇବା ମାତ୍ରେ ତତ୍କ୍ଷଣାତ ସେଠାରେ ପହଞ୍ଚି ନିଜ କନ୍ୟାର ଔଦ୍ଧତ୍ୟ ପାଇଁ କ୍ଷମା ପ୍ରାର୍ଥନା କରିବା ସହ ଯେକୌଣସି ଦଣ୍ଡ ଭୋଗିବାକୁ ପ୍ରସ୍ତୁତ ବୋଲି କହିବାରୁ ଶୁକ୍ରାଚାର୍ଯ୍ୟ କହିଲେ ମୋର କନ୍ୟାର ସନ୍ତୋଷରେ ମୁଁ ନିଷ୍ପତ୍ତି ପରିବର୍ତ୍ତନ କରିବି । ଦେବଯାନୀଙ୍କୁ ମନେଇବାକୁ ଯିବାରୁ ସେ ସର୍ତ୍ତ ରଖିଲେ ଯେ ମୁଁ ଯେତେବେଳେ ବିବାହ କରି ସ୍ୱାମୀ ଗୃହକୁ ଯିବି ସେତେବେଳେ ଶର୍ମିଷ୍ଠା ପରିଚାରିକା ହୋଇ ତାଙ୍କସହ ଯିବ । ନିରୂପାୟ ବୃଷପର୍ବା ମନଦୁଃଖରେ ରାଜିହେଲେ ଏବଂ ଯଯାତିଙ୍କୁ ବିବାହକରି ଦେବଯାନୀ ଯିବା ସମୟରେ ନିଜର ସଖୀମାନଙ୍କ ସହ ଶର୍ମିଷ୍ଠା ପରିଚାରିକା ହୋଇ ମଧ୍ୟ ଗଲେ । ବିବାହର କିଛିକାଳ ପରେ ଶର୍ମିଷ୍ଠାଙ୍କ ସୁନ୍ଦର ରୂପ ଓ ଶାନ୍ତ ସ୍ୱଭାବ ଯଯାତିଙ୍କୁ ଆକୃଷ୍ଟ ହେଲେ । ଏହି ସମୟରେ ଦେବଯାନୀ ସନ୍ତାନ ସମ୍ଭବା ହେବାରୁ ଶର୍ମିଷ୍ଠା ମଧ୍ୟ ସନ୍ତାନ ଆଶା କଲେ । ଦେବଯାନୀଙ୍କର ଦୁଇପୁତ୍ର ହେଲେ ଏବଂ ଶର୍ମିଷ୍ଠାଙ୍କର ତିନି ପୁତ୍ର ହେବାରୁ କ୍ଷଣକୋପୀ, ଅଭିମାନୀ ଦେବଯାନୀ ନିଜ ସ୍ୱାମୀଙ୍କ ଔରସରୁ ପରନାରୀ ବିଶେଷତଃ ପୂର୍ବ ପ୍ରତିଦ୍ୱନ୍ଦୀ ଓ ପରିଚାରିକାର ସନ୍ତାନ ଜାତକୁ ସହ୍ୟ କରିନପାରି ସ୍ୱାମୀଗୃହ ପରିତ୍ୟାଗ କରି ପିତାଙ୍କ ନିକଟକୁ ଚାଲିଗଲେ । ପିତା ଶୁକ୍ରାଚାର୍ଯ୍ୟ ପୁତ୍ରୀ ସ୍ନେହରେ କ୍ରୋଧାନ୍ଧ ହୋଇ ଯଯାତିଙ୍କ ଯୁବ ଶରୀର ଜରା ଜର୍ଜରିତ ହେବାକୁ ଅଭିଶାପ ଦେଲେ । ଯଯାତି ନିଜର ବୃଦ୍ଧ ଓ ନିସ୍ତେଜ, ସାମର୍ଥ୍ୟ ବିହୀନ ଶ୍ଳଥ ଚର୍ମାବୃତ୍ତ ପକ୍ୱକେଶ ଶରୀରକୁ ଦେଖି ମ୍ରିୟମାଣ ହୋଇ ଶୁକ୍ରାଚାର୍ଯ୍ୟଙ୍କୁ ନିଜର ଦୁଷ୍କୃତି ନିମନ୍ତେ କ୍ଷମା ପ୍ରାର୍ଥନା କଲେ । ଶୁକ୍ରାଚାର୍ଯ୍ୟ କହିଲେ, ତୁମେ ତୁମର ବିବାହିତ ପତ୍ନୀ ସହିତ ଅନ୍ୟାୟ କରିବାରୁ ମୁଁ ଅଭିଶାପ ଦେଲି ଯାହା ଖଣ୍ଡନ ହେବାର ନୁହେଁ ମାତ୍ର ଯଦି କେହି ତାଙ୍କର ଯୌବନ ତୁମକୁ ପ୍ରଦାନ କରେ ତାହାଲେ ତୁମେ ଯୁବାବସ୍ଥା ପାଇପାରିବ । ଯଯାତି ନିଜର ରାଜ୍ୟସାରା ବିପୁଳ ଅର୍ଥ ବିନିମୟରେ ମଧ୍ୟ ସେ ଭଳି ଲୋକ ନପାଇବାରୁ ନିଜ ପୁତ୍ରମାନଙ୍କୁ ଜଣ ଜଣ କରି ପଚାରନ୍ତେ ଶର୍ମିଷ୍ଠାଙ୍କୁ ସାନ ପୁତ୍ର ପୁରୁ ନିଜର ଯୌବନ ପ୍ରଦାନ କରି ବାର୍ଦ୍ଧକ୍ୟ ଗ୍ରହଣ କରିବାକୁ ଖୁସି ଖୁସି ରାଜି ହୋଇଗଲେ । ରାଜା ଯଯାତି ପୁନଃଯୌବନ ପ୍ରାପ୍ତହେଲେ ଏବଂ ଜୀବନକୁ ଉପଭୋଗ କରିବାକୁ ଲାଗିଲେ । ପ୍ରଜାଙ୍କୁ ପୁତ୍ରବତ ପାଳନ କରିବା ସହ ବହୁ ଯଜ୍ଞାନୁଷ୍ଠାନ ଦ୍ୱାରା ଶ୍ରୀହରି ସନ୍ତୋଷ କଲେ । ଦେବଯାନୀ ମଧ୍ୟ ପତିଙ୍କ ଅନୁଗତା ହୋଇ ସମସ୍ତ ଧର୍ମକାର୍ଯ୍ୟରେ ମନୋନିବେଶ କଲେ । ସହସ୍ରାଧିକ ବର୍ଷ ସାଂସାରିକ ସୁଖ ଭୋଗ କରିବା ପରେ ମଧ୍ୟ ରାଜାଙ୍କର ତୃପ୍ତି ଆସିଲା ନାହିଁ ବରଂ ଅଗ୍ନିରେ ଘୃତ ଢାଳିବା ପରି ତାହା ବଢିବାକୁ ଲାଗିଲା ।

(କ୍ରମଶଃ)


+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮


## ସମ୍ପର୍କର ରଙ୍ଗ

# କେହି ନୁହେଁ କାହାର




ଶ୍ୱେତା ରାଉତ୍


ଜୀବନ ସବୁବେଳେ ମିଛ ମୋହରେ ବନ୍ଧା। ଏଠି କେହି କାହାକୁ ଭଲ ପାଆନ୍ତିନି,ସମସ୍ତେ କେବଳ ନିଜକୁ ଭଲ ପାଆନ୍ତି। ଜଣେ ବ୍ୟକ୍ତି ସାଧୁଙ୍କୁ କହିଲେ 'ଋଷିବର, ମୋ ପତ୍ନୀଙ୍କୁ ମୁଁ ପ୍ରେମ ବିବାହ କରିଛି, ମୋ ବିନା ସିଏ କିମ୍ୱା ତାଙ୍କ ବିନା ମୁଁ କ୍ଷଣଟିଏ ବଞ୍ଚିପାରିବି ନାହିଁ। ମୁଁ ଆଜି କୁଷ୍ଠ ରୋଗରେ ପୀଡିତ ଓ ମୃତ୍ୟୁ ଆଉ କ୍ଷଣିକ ମାତ୍ର। ମୋର ଯଦି କିଛି ହୋଇଯାଏ ମୋ ପିଲା ପତ୍ନୀ ମୋ ବିନା ବଞ୍ଚି ପାରିବେ ନାହିଁ। ଏଇ କଥା ଭାବି ଭାବି ମୁଁ ଆହୁରି ଅସୁସ୍ଥ ହୋଇ ହୋଇ ଯାଉଛି।' ଋଷି ଲୋକଟିର କଥା ଶୁଣି ହସିଦେଲେ। କହିଲେ, ନିୟତିର ଇଚ୍ଛା ଆଗରେ ଭଗବାନ ଯେତେବେଳେ ନିରୁପାୟ । ମୁଁ ତୋତେ ବଞ୍ଚାଇ ଦେବି ବୋଲି କେମିତି ବିଶ୍ୱାସ ଦେବି ? ତୋତେ କିଏ କହିଲା ତୋ ପିଲା ପତ୍ନୀ ତୋ ବିନା ବଞ୍ଚି ପାରିବେ ନାହିଁ ବୋଲି ? ଯଦି ତୁ ଚାହୁଁ ମୁଁ ତୋତେ ପ୍ରମାଣ ଦେଇଦେବି ଏ ସଂସାରରେ ସମସ୍ତେ ସ୍ୱାର୍ଥରେ ବନ୍ଧା ଓ କେହି କାହାକୁ ପ୍ରେମ କରନ୍ତି ନାହିଁ।' ଋଷିଙ୍କ କଥା ଶୁଣି ଲୋକଟି ନୀରବ ରହିଲା। ଋଷି ତାକୁ କହିଲେ ମୁଁ ମୋର ସାଧନା ବଳରେ କିଛି ସମୟ ପାଇଁ ତୋତେ ଅଚେତ୍ ରଖିବି, ତୋର ସ୍ନାୟୁ ନଚାଲିବା ପରି ମନେହେବ, ତୁ ଅଚେତ୍ ଥାଇ ସବୁ ଶୁଣି ପାରିବୁ, ଜାଣି ପାରିବୁ, ଅନ୍ତତଃ ତୋର ମୋହ ଭଙ୍ଗ ହେବା ଉଚିତ୍।'

ଲୋକଟି ଋଷିଙ୍କ କଥାରେ ଘରକୁ ଫେରିଲା ଓ ଘର ଭିତରକୁ ପ୍ରବେଶ କରୁ କରୁ ଟଳି ପଡ଼ିଲା। ଘରେ ଥିବା ତାର ପତ୍ନୀ, ପିଲାମାନେ ଧାଇଁ ଆସି ଦେଖିଲେ ଲୋକଟିର ମୃତ୍ୟୁ ହୋଇଯାଇଛି। ସମସ୍ତେ ଗଭୀର ଦୁଃଖରେ ଭାଙ୍ଗି ପଡ଼ିଲେ। ଭୋ ଭୋ କରି କାନ୍ଦିବାକୁ ଲାଗିଲେ। ପିଲାମାନେ କାନ୍ଦି କାନ୍ଦି କହୁଥାନ୍ତି 'ତୁମେ ଚାଲିଗଲ ଆମକୁ କିଏ ଖାଇବାକୁ ଦେବ, କିଏ ପାଠ ପଢେଇବ, କିଏ ଆମକୁ ମଣିଷ କରିବ ବାପା ? ସ୍ତ୍ରୀ କହୁଥାଏ, 'ତୁମେ ଚାଲିଗଲ ମୋତେ ଶ୍ରୀହୀନ କରିଦେଲ, ପିଲାମାନଙ୍କ ବୋଝ କେମିତି ବୋହିବି ?'

ସେତିକିବେଳେ ସାହି ଲୋକମାନେ ଠୁଳ ହୋଇ ଲୋକଟିର ଶବ ବାହାରକୁ ନେବାକୁ ବାହାରିଲେ। ଲୋକଟି ଏତେ କାଠ ଭଳି ସ୍ଥାଣୁ ହୋଇ ଯାଇଥାଏ,ତାକୁ ଯେମିତି ବାହାରକୁ ବାହାର କଲେ ଶବ ବାହାରିଲା ନାହିଁ, କାରଣ ଦୁଆର ମୁହଁ ରାସ୍ତା ଖୁବ୍ ସଂକୀର୍ଣ୍ଣ ଥିଲା। ଲୋକମାନେ କଥା ହେଲେ ଦୁଆର ବନ୍ଧକୁ ଭାଙ୍ଗିଦେବା। ସମସ୍ତେ ବନ୍ଧ ଭାଙ୍ଗିବାକୁ ଉଦ୍ୟମ କଲାବେଳେ, ଚିତ୍କାର କରି କାନ୍ଦୁଥିବା ପତ୍ନୀ କହିଲେ, 'ରୁହ ବାବୁ, ମୋ ଦୁଆର ବନ୍ଧ ଭାଙ୍ଗନାହିଁ । ମୋ ସ୍ୱାମୀ ତ ଚାଲିଗଲେ, ମୁଁ ଗରିବ ମଣିଷ ଆଉ ଏ ବନ୍ଧ ତିଆରି କରି ପାରିବି ନାହିଁ। ଯଦି ଶବ ନବାହାରୁଛି, ଗୋଡ଼ ହାତ ବଙ୍କା କରିଦିଅ ନହେଲେ ଭାଙ୍ଗିକି ନେଇଯାଅ, ଏମିତିରେ ଏବେ ଏଠୁ ନେବା ପରେ ତାଙ୍କୁ ତୁମେମାନେ ତ ଜାଳିଦେବ। ହେଲେ ଘର ଦ୍ୱାର ମୁହଁ ଭାଙ୍ଗିଗଲେ ମୁଁ କଣ ଆଉ କରି ପାରିବି।'

ଋଷିଙ୍କ ପରାମର୍ଶରେ ମୃତ୍ୟୁ ପରି ନିସ୍ତେଜ ପଡ଼ିଥିବା ଲୋକଟି ଆଖି ଖୋଲି ଉଠି ବସିଲା। ଋଷିବର ଯାହା କହୁଥିଲେ ଠିକ୍ କଥା। ପିଲାମାନେ ମୁଁ ମରିଯିବା ପରେ କେବଳ ତାଙ୍କ କଥା ଭାବିଲେ, ସେମାନେ ଖାଇ ପିଇ ବଞ୍ଚିବେ କେମିତି, ମଣିଷ ହେବେ କେମିତି, ଚଳିବେ କେମିତି ! ଆଉ ଯେଉଁ ପତ୍ନୀ ମୋ ବିନା ମୁହୂର୍ତ୍ତେ ରହି ପାରୁନଥିଲା, ତା ପାଇଁ ମୋ ଠାରୁ ଦୁଆର ବନ୍ଧଟା ବଡ ହୋଇଗଲା ଯେ, ତାକୁ ନଭାଙ୍ଗି ମୋ ଗୋଡ଼ ହାତ ଭାଙ୍ଗି ନେଇଯିବାକୁ କହିଲା। ବାସ୍ତବରେ ଏ ମିଛ ସଂସାରରେ ସମସ୍ତେ ନିଜ କଥା ଭାବନ୍ତି, କେହି କାହାକୁ ଭଲ ପାଆନ୍ତିନି, ଏକଥା ଲୋକଟି ବୁଝିଲା ପରେ ସଂସାର ମୋହ ଛାଡ଼ି ଯାଇଥିଲା ଓ ମୃତ୍ୟୁ ପାଇଁ ତାର ଆଉ ଡର ନଥିଲା।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦


# ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ କନ୍ଦମୂଳ : ରକ୍ତଚାପକୁ କରେ ନିୟନ୍ତ୍ରିତ



**କନ୍ଦମୂଳ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିବା ସହ ଶରୀରର ଥକ୍କାପଣ ଓ ଦୁର୍ବଳତା କମ୍ ହୋଇଥାଏ । ଏଥିରେ ଥିବା ଭିଟାମିନ୍-ସି ଶରୀରକୁ ଦୀର୍ଘ ସମୟ ଯାଏ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।**

କନ୍ଦମୂଳ ପୋଷକ ତତ୍ତ୍ୱରେ ଭରା । ଶୀତଦିନେ ଏହା ବଜାରରେ ବହୁ ମାତ୍ରାରେ ମିଳିଥାଏ । ଏଥିରେ ବହୁ ମାତ୍ରାରେ ଫାଇବର, ପ୍ରୋଟିନ୍, ପୋଟାସିୟମ୍, ଆଇରନ୍ ଓ ଭିଟାମିନ୍ ସି ମିଳିଥାଏ। କନ୍ଦମୂଳ କେବଳ ଖାଇବାକୁ ବେଶ୍ ସ୍ୱାଦିଷ୍ଟ ନୁହେଁ, ଶରୀର ପାଇଁ ମଧ୍ୟ ସ୍ୱାସ୍ଥ୍ୟକର। ଶୀତରେ ଶରୀରକୁ ହାଲ୍କା ଉଷ୍ମମର ଆବଶ୍ୟକତା ରହିଥାଏ ।

କନ୍ଦମୂଳ ଶରୀରକୁ ଉଷ୍ମମ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ଏହାକୁ ସିଝାଇ ବା ପୋଡି ଖାଇପାରିବେ । ପିଲାଙ୍କୁ କନ୍ଦମୂଳ ଚାଟ୍ ଖାଇବାକୁ ଦେଇପାରିବେ । କିନ୍ତୁ ମଧୁମେହ ରୋଗୀ ଏହାକୁ ଯେତେବେ କମ୍ ଖାଇବେ, ସେତେ ଭଲ । ଏଥିରେ ବହୁ ମାତ୍ରାରେ ଶର୍କରା ରହିଥାଏ । ତେଣୁ ଯଥାସମ୍ଭବ କମ୍ ଖାଇବା ଉଚିତ୍ । କନ୍ଦମୂଳ ଫାଇବରରେ ଭରା, ଯାହା ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ । କନ୍ଦମୂଳ ଚାଟ୍ ଖାଇବା ଦ୍ୱାରା ଗ୍ୟାସ୍ ଏବଂ କବ୍ଜ ସମସ୍ୟା ହୋଇ ନଥାଏ ।

କନ୍ଦମୂଳ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିବା ସହ ଶରୀରର ଥକ୍କାପଣ ଓ ଦୁର୍ବଳତା କମ୍ ହୋଇଥାଏ । ଏଥିରେ ଥିବା ଭିଟାମିନ୍-ସି ଶରୀରକୁ ଦୀର୍ଘ ସମୟ ଯାଏ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । କନ୍ଦମୂଳ ଖାଇବା ଦ୍ୱାରା ଆଖି ଦୀର୍ଘ ଦିନଯାଏ ସୁସ୍ଥ ରହିଥାଏ । ଏଥିରେ ଥିବା ଭିଟା-କ୍ୟାରେଟିନ୍ ଆଖିକୁ ଦୀର୍ଘଦିନ ଯାଏ ସୁସ୍ଥ ରଖିଥାଏ ।

ସେହିପରି ଏହାକୁ ଖାଇବା ଦ୍ୱାରା ଆଖି ଜନିତ ସମସ୍ତ ସମସ୍ୟା ଆପେ ଆପେଦୂର ହୋଇଯାଇଥାଏ । ଏଥିରେ ଥିବା ପୋଟାସିୟମ୍ ହୃଦୟକୁ ସୁସ୍ଥ ରଖିବା ସହ ରକ୍ତଚାପକୁ ନିୟନ୍ତ୍ରିତ କରିଥାଏ। ଏହା ହାର୍ଟ୍ ଷ୍ଟ୍ରୋକ୍ ଓ ଉଚ୍ଚ ରକ୍ତଚାପର ଆଶଙ୍କାକୁ କମ୍ କରିଥାଏ । ଏଥିରେ ଥିବା ଫାଇବର ପେଟକୁ ଭରା ରଖିଥାଏ, ଫଳରେ ଭୋକ କମ୍ ଲାଗିଥାଏ । ଭୋକ ନିୟନ୍ତ୍ରିତ ହେବା ଫଳରେ ଓଜନ ବଢି ନଥାଏ । ଏଥିରେ ଖୁବ୍ କମ୍ କ୍ୟାଲୋରୀ ରହିଥାଏ । ତେଣୁ ଓଜନ ବଢିବାର ସମ୍ଭାବନା କମ ରହିଥାଏ ।

# ନଖ ଉପରେ ହେଉଛି କି ଧଳା ଚିହ୍ନ: ସାବଧାନ ହୋଇପାରେ ଏହି ବଡ଼ ସମସ୍ୟା

ନଖ ଆମ ସ୍ୱାସ୍ଥ୍ୟର ଅନେକ ରହସ୍ୟ ପ୍ରକାଶ କରିଥାଏ । ଯଦି ଶରୀରରେ କୌଣସି ପ୍ରକାରର ରୋଗ ଥାଏ ତେବେ ଏହାର ପ୍ରଭାବ ନଖରେ ଦେଖାଯିବା ଆରମ୍ଭ କରେ । ଅନ୍ୟପଟେ ନଖରେ ଧଳା ଦାଗ ହେବାର ଅନେକ କାରଣ ଥାଇପାରେ । ନଖରେ ଧଳା ଦାଗ ହେବାର କାରଣ ସାଧାରଣ ହୋଇନଥାଏ । ଏହା ଲ୍ୟୁକୋନିସିଆ ଦ୍ୱାରା ମଧ୍ୟ ହୋଇପାରେ । ନଖରେ ଆଘାତ ହେତୁ ଲ୍ୟୁକୋନିସିଆ ହୁଏ । ତେବେ ଆପଣ ଜାଣି ରଖନ୍ତୁ ନଖରେ ଧଳା ଚିହ୍ନ ହେବାର କାରଣ କ'ଣ ହୋଇପାରେ ।

**ନଖ ଉପରେ ଧଳା ଚିହ୍ନର କାରଣ-**

ନଖରେ ଧଳା ଚିହ୍ନ ପଛରେ ଏକ ଆଲର୍ଜି ପ୍ରତିକ୍ରିୟା ମଧ୍ୟ ହୋଇଥାଏ । ଏହା ପଛର କାରଣ ନେଲପଲିସ୍, ଗ୍ଲୋସ୍, କିମ୍ବା ନେଲପଲିସ୍ ରିମୋଭର୍ ହୋଇଥାଏ । ଆଲର୍ଜି ମଧ୍ୟ ନଖରେ ଧଳା ଦାଗର କାରଣ ହୋଇଥାଏ। କେବଳ ଏତିକି ନୁହେଁ, କୃତ୍ରିମ ନଖ ମଧ୍ୟ ନଖର କ୍ଷତି ଘଟାଇଥାଏ ।

ଫଙ୍ଗଲ୍ ସଂକ୍ରମଣ ନଖରେ ଧଳା ରଙ୍ଗ ସୃଷ୍ଟି କରିଥାଏ । ସଂକ୍ରମଣର ପ୍ରଥମ ଲକ୍ଷଣ ହେଉଛି ନଖ ଉପରେ କିଛି ଛୋଟ ଧଳା ଦାଗ । କେବଳ ଏତିକି ନୁହେଁ, ସଂକ୍ରମଣ ବୃଦ୍ଧି ହେଲେ ନଖ ମୋଟା ଏବଂ ଶୁଷ୍କ ହୋଇପାରେ । ଏପରି ପରିସ୍ଥିତିରେ, ଯଦି ଆପଣଙ୍କର ନଖରେ ଧଳା ଚିହ୍ନ ଥାଏ, ତେବେ ନିଶ୍ଚିତ ଭାବରେ ଏହାକୁ ଡାକ୍ତରଙ୍କୁ ଦେଖାନ୍ତୁ । ଅନେକ ଥର ନଖରେ ଆଘାତ ଲାଗେ । ତେବେ ଆଘାତର ୩ ସପ୍ତାହ ପରେ ନଖରେ ଧଳା ଚିହ୍ନ ଦେଖାଯାଏ । ତେଣୁ ଏହାକୁ ଅଣଦେଖା କରନ୍ତୁ ନାହିଁ । ଶରୀରରେ ଖଣିଜ ପଦାର୍ଥ କିମ୍ବା ଭିଟାମିନ୍ର ଅଭାବ ଥିଲେ ମଧ୍ୟ ନଖରେ ଧଳା ଚିହ୍ନ କିମ୍ବା ଦାଗ ଦେଖାଯାଏ । ପ୍ରାୟତ ଏହା ଜିଙ୍କ ଏବଂ କ୍ୟାଲସିୟମର ଅଭାବ ହେତୁ ହୋଇଥାଏ ।



**ଧଳା ଚିହ୍ନ କମାଇବା ପାଇଁ ଚିକିତ୍ସା-**

୧-ଫଙ୍ଗଲ୍ ଔଷଧ ସେବନ କରନ୍ତୁ ।

୨- ରକ୍ତରେ କୌଣସି ଅସୁବିଧା ହେଲେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ।

୩-ଅଧିକ କସମେଟିକ୍ ବ୍ୟବହାର କରନ୍ତୁ ନାହିଁ ।


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ତାମିଲନାଡୁ ଓ ମେଣ୍ଟ ମହତ୍ତ୍ୱ...

ଜାତୀୟ ସ୍ତରର ଦଳ ଭାରତୀୟ ଜନତା ପାର୍ଟି ଏବଂ ତାମିଲନାଡୁର ପ୍ରମୁଖ ଆଞ୍ଚଳିକ ଦଳ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ଼ ମୁନେତ୍ର କାଝାଗାମ୍ (ଏଆଇଏଡିଏମ୍‌କେ) ୨୦୨୬ ତାମିଲନାଡୁ ବିଧାନସଭା ନିର୍ବାଚନ ଏକାଠି ମିଶି ଲଢ଼ିବା ପାଇଁ ପୁଣିଥରେ ମେଣ୍ଟକୁ ସୁଦୃଢ଼ କରିଛନ୍ତି। ଦୁଇ ଦଳଙ୍କର ଏହି ପୁନର୍ମିଳନକୁ ଆନୁଷ୍ଠାନିକୀକରଣ କରିବା ବେଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ରାଜନୀତିକ ତାତ୍କାଳିକତା ପ୍ରଦର୍ଶନ କରିଛନ୍ତି। ଏଆଇଏଡିଏମ୍‌କେର ନେତା ଅତି ସାବଧାନ ଏଡାପାଡ୍ଡି କେ ପାଲାନିସ୍ୱାମୀଙ୍କୁ ମଧ୍ୟ ନିର୍ବାଚନରେ ବିଜୟ ଲାଭ କରିବା ପରେ ଏକ ମେଣ୍ଟ ସରକାର ଗଠନ କରିବା ନିମନ୍ତେ ପ୍ରବର୍ତ୍ତା ଯାଇଥିଲା । ସ୍ମରଣ କରାଇ ଦିଆଯାଇପାରେ ଯେ ଏହି ମେଣ୍ଟ ହୋଇଛି ରାଜ୍ୟସଭାରେ ଏଆଇଏଡିଏମକେର ସାଂସଦମାନେ ୱାକଫ୍ (ସଂଶୋଧନ) ବିଲ୍ ବିରୁଦ୍ଧରେ ଭୋଟ୍ ଦେବା ପରେ। ଦ୍ରାବିଡୀୟ ଦଳର ଏହି ପଦକ୍ଷେପ ଏନ୍‌ଡିଏ ଶିବିରରେ ଏହାକୁ ଦୃଢ଼ ଭାବରେ ଚିନ୍ତା କରିବାକୁ ଖୋରାକ ଯୋଗାଇ ଥିଲା ଏବଂ ଜନସ୍ୱାର୍ଥ ପ୍ରସଙ୍ଗଗୁଡ଼ିକ ମାମଲାରେ ଏହି ଦଳକୁ କୌଣସି ଦୃଷ୍ଟିରୁ ହାଲୁକା ଭାବରେ ନେବାରୁ ଅତି କଠୋର ଭାବରେ ରୋକିଥିଲା। ଏବେ ପିଏମ୍‌କେ ଏବଂ ଡିଏମ୍‌ଡିକେ ବିଜେପି ଓ ଏଆଇଏଡିଏମ୍‌କେର ଏହି ମେଣ୍ଟରେ ରହିବାର ସମ୍ଭାବନା ଥିବାରୁ ସେମାନେ ଡିଏମ୍‌କେ ସହିତ ନିର୍ବାଚନ ମଇଦାନରେ ଲଢ଼ିବା ପାଇଁ ଏକ ଅଦମ୍ୟ ଶକ୍ତିଶାଳୀ ମେଣ୍ଟ ରୂପରେ ଉଭା ହେବାକୁ ଯାଉଛନ୍ତି। ଜାତୀୟ ସ୍ତରୀୟ ଦଳ କଂଗ୍ରେସ, ଯାହା ଐତିହାସିକ ଭାବରେ ଯେ କୌଣସି ଦ୍ରାବିଡ ରାଜନୀତିକ ଦଳର କାନି ପଣତ ଧରି ଏଠାରେ ନିର୍ବାଚନ ଲଢ଼ି ଆସିଛି, କାରଣ ୧୯୬୭ ପର୍ଯ୍ୟନ୍ତ ଏହି ରାଜ୍ୟକୁ ଶାସନ କରିଥିଲେ ସୁଦ୍ଧା ତା' ପରଠାରୁ ଏଠାରେ ଏହାର କୌଣସି ଭିତ୍ତି ନାହିଁ, ତା' ସମେତ ତାମିଲନାଡୁ ନିର୍ବାଚନ ସଦାସର୍ବଦା ରାଜନୀତିକ ଦଳମାନଙ୍କ ମେଣ୍ଟର ଏକ ନିର୍ବାଚନ ହୋଇ ଆସିଛି । ଯେଉଁ ବର୍ଷ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ବିଜେପି ସହିତ ମେଣ୍ଟ କରିବାକୁ ଅସ୍ୱୀକାର କରି ଲଗାତର ଭାବରେ ଜେ ଜୟଲଳିତା ବିଧାନସଭା ନିର୍ବାଚନରେ ବିଜୟ ଲାଭ କରିଥିଲେ, ସେହି ୨୦୧୬ରେ ତାଙ୍କ ପରଲୋକ ପରେ ତାମିଲନାଡୁର ରାଜନୀତିକ ଦୃଶ୍ୟପଟରେ ଏକ ବିରାଟ ପରିବର୍ତ୍ତନ ଦେଖା ଦେଇଛି। ଏବେ ଉଭୟ ବିଜେପି ଏବଂ ଏଆଇଏଡିଏମ୍‌କେ ପରସ୍ପର ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ, ତାହା ସମ୍ଭବତଃ ତାମିଲନାଡୁ ରାଜନୀତିରେ ପୂର୍ବରୁ ଅନ୍ୟ କୌଣସି ସମୟରେ ହୋଇ ନଥିଲା- କାରଣ ତାମିଲନାଡୁରେ ନିଜର ପାଦ ଦୃଢ଼ ଭାବରେ ଥାପିବାକୁ ହେଲେ ବିଜେପି ପାଇଁ ଏକ ଦ୍ରାବିଡ଼ୀୟ ଦଳର ଆଶାବାଡ଼ି ଦରକାର ଥିବା ବେଳେ ଜୟଲଳିତାଙ୍କ ମୃତ୍ୟୁ ପରେ ଏଆଇଏଡିଏମ୍‌କେ ଲୋକମାନଙ୍କ ଆଖିରେ ନିଜର ଭାବମୂର୍ତ୍ତି ହରାଇ ଚାଲିଛି। ଏହି ରାଜ୍ୟର ରାଜନୀତିରେ ଅଭିନେତା ବିଜୟଙ୍କର ଆବିର୍ଭାବ ମଧ୍ୟ ଅନ୍ୟ ଏକ ପରିବର୍ତ୍ତନ ଆଣିଥିଲା । ପ୍ରାଥମିକ ଅବସ୍ଥାରେ ରାଜନୀତିକ ଦଳର ସ୍ୱାଦ ଚାଖିବାକୁ ଯଦିଓ ସେ ଏଆଇଏଡିଏମକେରେ ଯୋଗ ଦେବାକୁ ଇଚ୍ଛା କରିଥିଲେ, ତେବେ ତା' ପରେ ସେ ସ୍ପଷ୍ଟ ଭାବରେ କହି ଦେଇଥିଲେ ଯେ ସେ କୌଣସି ଦଳ ସହିତ ମେଣ୍ଟ କରିବେ ନାହିଁ । ଆଉ ଏହା ପରେ ଉପରୋକ୍ତ ଦୁଇ ଦଳଙ୍କ ମଧ୍ୟରେ ମେଣ୍ଟ କରିବା ଛଡ଼ା ଅନ୍ୟ କୌଣସି ପନ୍ଥା ନଥିଲା । ତାଙ୍କୁ ହୁଏତ କେହି ପରାମର୍ଶ ଦେଇଥାଇ ପାରନ୍ତି ଯେ ରାଜ୍ୟରେ ଯଦି ୨୦୩୧ରେ ତାଙ୍କର ମୁଖ୍ୟମନ୍ତ୍ରୀ ହେବାର ଇଚ୍ଛା ଅଛି, ତା'ହେଲେ ତାଙ୍କୁ ୨୦୨୬ ନିର୍ବାଚନରେ ଏକାକୀ ଅବତୀର୍ଣ୍ଣ ହେବା ଆବଶ୍ୟକ । ଭୋଟ ଅଂଶ ସମ୍ପର୍କିତ ଭବିଷ୍ୟବାଣୀଗୁଡ଼ିକ ଯଦି କିଛି ସୂଚକ ହୋଇଥାଏ, ତା'ହେଲେ ୨୦୨୬ରେ ସେ ହୁଏତ ଜଣେ କିଙ୍ଗ୍ ମେକର ବା ମୁଖ୍ୟମନ୍ତ୍ରୀ ପ୍ରତିଷ୍ଠାତା ହୋଇ ପାରନ୍ତି। ୨୦୨୧ ନିର୍ବାଚନରେ ଉଭୟ ପ୍ରମୁଖ ଦ୍ରାବିଡ଼ ଦଳଙ୍କ ସହିତ ଲଢ଼େଇ କରିବା ପରେ ରାଜ୍ୟରେ ଦଳର ଅଭିବୃଦ୍ଧି ନିମନ୍ତେ କଠିନ ପରିଶ୍ରମ କରିଥିବାର ଏକ ଧାରଣା ଦେଉଥିବା ଦଳର ତାମିଲନାଡୁ ନେତା କେ ଆନ୍ନାମଲାଇଙ୍କୁ ହୁଏତ ଦଳକୁ ବଳି ପକାଇବାକୁ ପଡ଼ିପାରେ । ଦଳକୁ ଏକଥା ମଧ୍ୟ ମାନି ନେବାକୁ ପଡ଼ିବ ଯେ ଏଡ଼ାପାଡି ପାଲାନିସ୍ୱାମୀ, ଯିଏକି ରିହାତି ବାହାର କରିବା ପାଇଁ ଯଥେଷ୍ଟ ଚତୁରତାର ସହିତ ଖେଳ ଖେଳି ପାରିଛନ୍ତି, ସେ ବର୍ତ୍ତମାନ ଜାତୀୟ ସ୍ତରରେ ରାଜୁତି କରୁଥିବା ଏନ୍‌ଡିଏ ଅପେକ୍ଷା ନିଜେ ମେଣ୍ଟକୁ ରାଜ୍ୟ ନିର୍ବାଚନରେ ଅବତୀର୍ଣ୍ଣ କରାଇବେ। ଏକଥା କହିବା ଅତିଶୟୋକ୍ତି ହେବନାହିଁ ଯେ ଏଆଇଏଡିଏମ୍‌କେ ଅପେକ୍ଷା ବିଜେପି ପାଇଁ ମେଣ୍ଟ ଅଧିକ ଜରୁରୀ ଥିଲା । ୨୦୨୧ ରାଜ୍ୟ ବିଧାନସଭା ନିର୍ବାଚନ ପରେ ବିଜେପି ସହିତ ମେଣ୍ଟ କରି ଏଆଇଏଡିଏମ୍‌କେ ନିଜର ଭାବମୂର୍ତ୍ତି ହରାଇ ଥିବାର ଏକ ଧାରଣା ପ୍ରଦାନ କରିବାରେ ସକ୍ଷମ ହୋଇଥିଲା, ଯଦିଓ ଏହା ୩୯.୨୯ ପ୍ରତିଶତ ଭୋଟ୍ ହାର ଲାଭ କରିଥିଲା ଏବଂ ୬୬ଟି ଆସନରେ ବିଜୟ ଲାଭ କରିଥିଲା, ଯେତେବେଳେ କି ବିଜେପି ୨.୬୨ ପ୍ରତିଶତ ଭୋଟ୍ ହାର ସହିତ ଚାରିଗୋଟି ଆସନରେ ବିଜେତା ହୋଇଥିଲା ଏବଂ ପିଏମ୍‌କେ ପାଞ୍ଚଟିରେ। ସମ୍ପ୍ରତି ଆବଶ୍ୟକତା ହୁଏତ ଏଆଇଏଡିଏମ୍‌କେକୁ ଏକ ଜାତୀୟସ୍ତରୀୟ ଶକ୍ତି ସହିତ ହାତ ମିଳାଇବାକୁ ବାଧ୍ୟ କରିଥାଇପାରେ, ଯେହେତୁ ତାମିଲନାଡୁ ନିର୍ବାଚନ ସବୁବେଳେ ମେଣ୍ଟମାନଙ୍କ ଶକ୍ତିର ସାକ୍ଷୀ ହୋଇ ଆସିଛି ଏବଂ ସେମାନେ ସବୁବେଳେ ଲୋକମାନଙ୍କୁ ଦୁଇ ସାମ୍ମୁଖ୍ୟ ମଧ୍ୟରେ ଲଢ଼େଇ ଭିତରୁ ଜଣକୁ ବାଛିବାର ସଂକୀର୍ଣ୍ଣ ପସନ୍ଦ ପ୍ରଦାନ କରି ଆସିଛନ୍ତି । ଏହି ରାଜ୍ୟ ସବୁବେଳେ ପ୍ରମୁଖ ଦ୍ରାବିଡ଼ ଦଳମାନଙ୍କୁ ବାଛି ଆସିଛି । ଯେ କୌଣସି ପ୍ରକାରର ସମଷ୍ଟି ଏକ ସୁଚତୁର ରାଜନୀତିର ଲକ୍ଷଣ ଏବଂ ଏହା ସରକାର-ବିରୋଧୀ ହାୱାର ଫାଇଦା ନେବା ପାଇଁ ସବୁବେଳେ ସହାୟକ ହୋଇଥାଏ ।

## ଭାରତୀୟ ଦର୍ଶନରେ ସାରାବିଶ୍ୱ ଏକ ପରିବାର



### ଗୋପାଳ ମହାପାତ୍ର

ଜମ୍ବୁଦ୍ୱିପ, ଭାରତଖଣ୍ଡ, ଆର୍ଯ୍ୟାବର୍ତ୍ତ, ହିନ୍ଦୁସ୍ଥାନ, ଭାରତ ଆଦି ନାମରେ ଖ୍ୟାତି ପ୍ରାପ୍ତି ଏହି ଭୂଭାଗ 'ଭା' ରେ 'ରତ' (ଭାରତ) ଅର୍ଥାତ୍ ଜ୍ଞାନ ପ୍ରାପ୍ତି ପାଇଁ ଉଦ୍ୟମ କରୁଥିବା ଲୋକଙ୍କ ନିବାସ ସ୍ଥଳ ଅଟେ। ଏହାକୁ ବିଶ୍ୱ ସମୁଦାୟ ଏହି ଅର୍ଥରେ ଗ୍ରହଣ କରିଥିଲା। ନାଳନ୍ଦା, ତକ୍ଷଶୀଳା ଆଦି ବିଶ୍ୱବିଦ୍ୟାଳୟ ସାରାବିଶ୍ୱରେ ଜ୍ଞାନ ବିତରଣ କରୁଥିଲେ। ଭାରତରେ ଜ୍ଞାନ ସମ୍ପଦ ସହ ଆର୍ଥୀକ ସମ୍ପଦ ମଧ୍ୟ ଭରିରହିଥିଲା ଓ ଏହି ଭାରତ ଭୂଖଣ୍ଡକୁ ବିଦେଶମାନେ 'ସୁନାର ଚିଡିଆ' ବୋଲି କହୁଥିଲେ।

ପୂର୍ବ କାଳରେ ରାଜ୍ୟ ଶାସନ ବା ଗାଦି ପାଇଁ ରାଜାମାନେ ଯୁଦ୍ଧ ଲଢୁଥିଲେ। କିନ୍ତୁ ଏବେ ସେଇ ପରମ୍ପରା ବଦଳିଯାଇଛି ଓ ଶାସନ ଗାଦି ପାଇଁ ନିର୍ବାଚନ ଲଢ଼ିବା ବ୍ୟବସ୍ଥାକୁ ଆମେ ଆପଣେଇ ନେଇଚେ। ଯୁଦ୍ଧ ଏବଂ ନିର୍ବାଚନରେ ଏକ ମୌଳିକ ପାର୍ଥକ୍ୟ ରହିଛି। ଯୁଦ୍ଧ ଶତୃଭାବରେ ଲଢା ଯାଉଥିଲା କିନ୍ତୁ ନିର୍ବାଚନ ବନ୍ଧୁଭାବରେ ଲଢାଯାଉଥିଲା ଯଦିଓ ଏହି ଭାବରେ ଏବେ କିଛି ପରିବର୍ତ୍ତନ ହୋଇଛି। ଯୁଦ୍ଧରେ ଲଢେଇ ଶତୃପକ୍ଷ ସହ ହୋଇଥାଏ, କିନ୍ତୁ ନିର୍ବାଚନରେ ଲଢ଼ିବାବାଲା, ପ୍ରତି ପକ୍ଷ ହୋଇଥାଏ। ଯୁଦ୍ଧରେ ଶରୀର ଏବଂ ପ୍ରାଣର ବଳି ଅର୍ଥାତ୍ ହତ୍ୟାକୁ ସ୍ୱାଭାବିକ ବୋଲି ଗ୍ରହଣ କରାଯାଉଥିଲା। କିନ୍ତୁ ନିର୍ବାଚନରେ ମନ ଏବଂ ବୁଦ୍ଧି ଅର୍ଥାତ୍ ତର୍କ ମାଧ୍ୟମରେ ନିଜର ବର୍ଚ୍ଚସ୍ୱସ୍ଥାପିତ କରାଯାଇଥାଏ। ଶାସନ ଗାଦି ପ୍ରାପ୍ତି ପରମ୍ପରାର ଏହି ମୌଳିକ ପରିବର୍ତ୍ତନ ବିଷୟରେ ଅର୍ଥାତ୍ ଯୁଦ୍ଧ ତ୍ୟାଗ କରି ନିର୍ବାଚନର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଆପଣେଇବା ପ୍ରସଙ୍ଗରେ ଥିବା କାରଣ ସମ୍ପର୍କରେ ଜାଣିବା ମଧ୍ୟ ଜରୁରୀ। ଏହି ପୃଷ୍ଠଭୂମୀରେ ଶସ୍ତ୍ର ଏବଂ ଶାସ୍ତ୍ରର ସମନ୍ୱୟ ରକ୍ଷା କରୁଥିବା ଆମ ସମ୍ବିଧାନକୁ ବୁଝିବା ମଧ୍ୟ ଜରୁରୀ।

ପୌରାଣିକ କାଳର ବିଚାର ନକରି ଆମେ ବିଗତ ୨୦୦୦ ବର୍ଷ ତଳର ଘଟଣାକ୍ରମକୁ ଅଧ୍ୟୟନ କଲେ ଜଣାପଡ଼େ ଯେ ଭାରତରେ ନିଜ ନିଜର ଭୌଗୋଳିକ ପରିଧି ମଧ୍ୟରେ ରହି ରାଜ୍ୟ ଶାସନ କରୁଥିବା ତଥା ନିଜ ରାଜ୍ୟର ସୁରକ୍ଷା ପାଇଁ ଅଥବା ରାଜ୍ୟ ବିସ୍ତାର ପାଇଁ ଯୁଦ୍ଧ କରିଥିବା ଶହ ଶହ ରାଜା ଥିଲେ। ରାଜ୍ୟ କାରଣରୁ ଭୌଗୋଳିକ ବିଭାଜନ ସତ୍ତ୍ୱେ ଭାରତର ସାଂସ୍କୃତିକ ଏକତାକୁ ବଜାୟ ରଖିବାର କାମ ସାଧୁ-ସନ୍ଥ ଏବଂ ମୂନୀ ଋଷି ଏପରିକି କଳାକାର ଏବଂ ସାହିତ୍ୟକ ମାନେ କରୁଥିଲେ। ରାଜ୍ୟ ବ୍ୟବସ୍ଥା ଏଇ ସଂସ୍କୃତି ସାଧକଙ୍କ ପାଇଁ ବାଧକ ନଥିଲା ବରଂ ସହାୟକ ଥିଲା। କାରଣ ଭାରତ-ରାଷ୍ଟ୍ରର ସାଂସ୍କୃତିକ ଚିନ୍ତନରେ – "ଏକ୍ ସତ୍ ବିପ୍ରା ବହୁଧା ବଦନ୍ତି" କଥାଟା ସର୍ବମାନ୍ୟ ଥିଲା। ସତ୍ୟ ଯଦିଓ ଏକ କିନ୍ତୁ ବିଦ୍ୱାନ ବା ଜ୍ଞାନୀ ମାନେ ଏହାର ବ୍ୟାଖ୍ୟା ନିଜ ନିଜ ଢଙ୍ଗରେ ବିଭିନ୍ନ ରପରେ କରିଥାନ୍ତି। ଏହି ଭାବ ରାଜା ଏବଂ ପ୍ରଜାଙ୍କ ସ୍ୱଭାବରେ ଥିଲା। ପରିଣାମ ସ୍ୱରପ ବିଭିନ୍ନ ପନ୍ଥା/ ଧର୍ମର ସହଅସ୍ତିତ୍ୱ ଏଇ ଭାରତର ପରିଚୟ ଥିଲା। ଶୈବ, ଶାକ୍ତ, ବୈଷ୍ଣବ, ଆଦିଙ୍କ ସହ ଜୈନ, ବୁଦ୍ଧ, ଆଦି ପନ୍ଥାଧର୍ମକୁ ଭାରତୀୟ ସମାଜ ଆପଣେଇ ନେଇଥିଲା।

ଜମ୍ବୁଦ୍ୱିପ, ଭାରତଖଣ୍ଡ, ଆର୍ଯ୍ୟାବର୍ତ୍ତ, ହିନ୍ଦୁସ୍ଥାନ, ଭାରତ ଆଦି ନାମରେ ଖ୍ୟାତି ପ୍ରାପ୍ତି ଏହି ଭୂଭାଗ 'ଭା' ରେ 'ରତ' (ଭାରତ) ଅର୍ଥାତ୍ ଜ୍ଞାନ ପ୍ରାପ୍ତି ପାଇଁ ଉଦ୍ୟମ କରୁଥିବା ଲୋକଙ୍କ ନିବାସ ସ୍ଥଳ ଅଟେ। ଏହାକୁ ବିଶ୍ୱ ସମୁଦାୟ ଏହି ଅର୍ଥରେ ଗ୍ରହଣ କରିଥିଲା। ନାଳନ୍ଦା, ତକ୍ଷଶୀଳା ଆଦି ବିଶ୍ୱବିଦ୍ୟାଳୟ ସାରାବିଶ୍ୱରେ ଜ୍ଞାନ ବିତରଣ କରୁଥିଲେ। ଭାରତରେ ଜ୍ଞାନ ସମ୍ପଦ ସହ ଆର୍ଥୀକ ସମ୍ପଦ ମଧ୍ୟ ଭରିରହିଥିଲା ଓ ଏହି ଭାରତ ଭୂଖଣ୍ଡକୁ ବିଦେଶମାନେ 'ସୁନାର ଚିଡିଆ' ବୋଲି କହୁଥିଲେ। "ଶତ ହସ୍ତେ ସମାହାର ସହସ୍ର ହସ୍ତେ ବିକିର' ଏହି ସୁତ୍ରର ଆଧାରରେ ଶହେ ହାତରେ ଜ୍ଞାନ ସମ୍ପଦ ତଥା ଆର୍ଥୀକ ସମ୍ପଦ ଯୋଗାଡ଼ କରି ଜନସ୍ୱାର୍ଥ ପାଇଁ ହଜାର ହାତରେ ବିତରଣ କରିବା ଭାରତବାସୀ ତଥା ଭାରତବଂଶୀଙ୍କ ସ୍ୱଭାବ ଥିଲା। ଏହି ଉଦାରମନା ଭାରତୀୟ ସମାଜ ସାରା ବିଶ୍ୱକୁ ପରିବାର ଭାବରେ "ବସୁଧୈଵ କୁଟୁମ୍ବକମ୍" ରପରେ ଦେଖିବାକୁ ଲାଗିଲା। ୨୦୦୦ ବର୍ଷ ପୁର୍ବେ ପଶ୍ଚିମୀ (ୟୁରୋପ) ଦେଶରୁ ଏମିତି ଏକ ଚିନ୍ତନ ଜନ୍ମନେଲା ଯାହା ବିଶ୍ୱକୁ ପରିବାର ନୁହେଁ ବଜାର ଭାବେ ଦେଖିବାକୁ ଲାଗିଲା। ବଜାରରେ ନିଜର ସ୍ଥିତି ଜାହିର କରିବା ପାଇଁ ଛଳ –କପଟ, ଚାତୁର୍ଯ୍ୟର ସାହାଯ୍ୟ ନିଆଯାଇଥାଏ। ଏହି ଛଳ କପଟ ରାସ୍ତାକୁ ସେମାନେ ଆଦରି ନେଇଥିଲେ ଓ ନିଜର ଲକ୍ଷ ପ୍ରାପ୍ତି ପାଇଁ ବାଇବେଲ ନାମକ ଏକ ଧାର୍ମିକ ଗ୍ରନ୍ଥର ରଚନା କରିଥିଲେ ଏବଂ ତାକୁ ପାଥେୟ କରି ବ୍ୟବସାୟ ସହ ସେମାନେ ତାଙ୍କ ଧର୍ମର ବିସ୍ତାର କରିବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଥିଲେ। ଧିରେ ଧିରେ ଖ୍ରୀଷ୍ଟ ଧର୍ମ ନାମକ ଧର୍ମ ଅନ୍ୟ ଦେଶ ମାନଙ୍କ ସହ ଭାରତରେ ବ୍ୟାପିବାରେ ଲାଗିଲା।

ଏହାର ପାଖାପାଖି ୫୦୦ ବର୍ଷପରେ ପୁନଃ ଏକ ନୂଆ ବିଚାର ଜନ୍ମନେଲା। ପୁରୁଷ ପ୍ରଧାନ ଏହି ବିଚାର ବା ଚିନ୍ତନ ନାରୀ ତଥା ପ୍ରକୃତିକୁ ଉପଭୋଗର ବସ୍ତୁ ଭାବେ ଚିତ୍ରିତ କରିବା ସହ ଏସବୁ ଉପରେ କବ୍‌ଜା ଜମାଇବା ପାଇଁ ଉଦ୍ୟମ ଆରମ୍ଭ କରିଦେଲେ। ଏମାନେ କୁରାନ ନାମକ ଗ୍ରନ୍ଥର ରଚନା କରି ଇସଲାମ ଧର୍ମର ସ୍ଥାପନା କରି ଥିଲେ। କେବଳ ଛଳ କପଟ ନୁହେଁ ଶସ୍ତ୍ରର ସାହାଯ୍ୟରେ ଏହି ଧର୍ମର ବିସ୍ତାର ଆରମ୍ଭ ହେଲା। ପାଖାପାଖି ୪୦୦ ବର୍ଷ ମଧ୍ୟରେ ଅନେକ ଦେଶରେ ନିଜର ସ୍ଥିତି ସୁଦୃଢ଼ କରି ଏମାନେ ଭାରତ ଉପରେ ଆକ୍ରମଣ କରିବା ଆରମ୍ଭ କରିଦେଲେ। ଭାରତର ଉଦାରତା ଏମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଥିଲା। ଛୋଟ ଛୋଟ ରାଜ୍ୟର ରାଜା ମାନଙ୍କ ମଧ୍ୟରେ ଥିବା ମତାନ୍ତର ଓ ପରସ୍ପର ମଧ୍ୟରେ ଲଢେଇ ଏମାନଙ୍କୁ ସୁହାଇଥିଲା। କ୍ରମାଗତ ଭାବେ ୭୦୦ ବର୍ଷ ସେମାନେ ଭାରତର ଅନେକ ଛୋଟ ଛୋଟ ରାଜ୍ୟର ରାଜାମାନଙ୍କ ସହାୟତାରେ ଏହି ଭୂଭାଗରେ ଶାସନ କରିଥିଲେ। ଇସଲାମ ଧର୍ମର ବିସ୍ତାର ପାଇଁ ଅନ୍ୟ ଧର୍ମର ମାନ୍ୟତା ଉପରେ, ପ୍ରତୀକ ଉପରେ ଏବଂ ସାଧନା କେନ୍ଦ୍ର ଉପରେ ଆକ୍ରମଣ କରିବା ସହ ଶିକ୍ଷା କେନ୍ଦ୍ରକୁ ନଷ୍ଟ କରିବା ଥିଲା ଏମାନଙ୍କ ରଣନୀତି।

ଭାରତ ପାଇଁ ଏହା ଉପେକ୍ଷିତ ନଥିଲା। ଏଣୁ ଭାରତର ସଂସ୍କୃତି ସାଧକ ତଥା ରାଜା ମାନଙ୍କ ମଧ୍ୟରେ ମତଭେଦ ସତ୍ତ୍ୱେ ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ସେମାନେ ଭକ୍ତି ଏବଂ ଶକ୍ତି ର ସାହାଜ୍ୟରେ ସଂଘର୍ଷ କରିଥିଲେ। ନାରୀ ଏବଂ ପ୍ରକୃତିକୁ ଉପଭୋଗର ବସ୍ତୁ ବୋଲି ଗ୍ରହଣ କରିବା ଭାରତୀୟ ମାନସିକତା ନୁହେଁ। ଏଣୁ ଇସଲାମ ଧର୍ମ ସହ ବିରୋଧାଭାଷ କେବଳ ରାଜକୀୟ ଗାଦି ପାଇଁ ନଥିଲା ବରଂ ଥିଲା ମାନବୀୟ ମାନ୍ୟତା ପାଇଁ। ଭାରତର ସଂସ୍କୃତି ସବୁବେଳେ ଶାନ୍ତି ଓ ସଦ୍‌ଭାବକୁ ଗୁରୁତ୍ୱ ଦେଇଥାଏ। ଭାରତ ଭୂଭାଗକୁ ପଶ୍ଚିମ ଦେଶରୁ ଆସିଥିବା ଖ୍ରୀଷ୍ଟ ଧର୍ମ ହେଉ ବା ଶସ୍ତ୍ର ସହାୟତାରେ ଆସିଥିବା ଇସଲାମ ଧର୍ମ ଏସବୁକୁ ଭାରତୀୟ ସଂସ୍କୃତି ମାନ୍ୟତା ଦେଇଛି ଓ ସେମାନଙ୍କୁ ପରିବାର ବୋଲି ଗ୍ରହଣ କରିନେଇଛି। ଭାରତୀୟ ସଂସ୍କୃତି ବିଶ୍ୱର ପୁରାତନ ସଂସ୍କୃତି ଏବଂ ଏହା ବିବିଧତାରେ ଭରପୁର। ଭାରତୀୟ ସଂସ୍କୃତି ସାରା ବିଶ୍ୱକୁ ଏକ ପରିବାର ବୋଲି ଭାବି ଆସିଛି।


ରାମଚନ୍ଦ୍ରପୁର, ରଣପୁର
ମୋ :୯୪୩୮୪୮୫୦୯୪


## ହିମୋଫିଲିଆ ଓ ରକ୍ତଦାନ



### ଡକ୍ଟର ସୁରେଶ କୁମାର ନାୟକ




ଆଜି ହେଉଛି ବିଶ୍ୱ ହିମୋଫିଲିଆ ଦିବସ। ପ୍ରତିବର୍ଷ ଅପ୍ରେଲ ୧୭ ତାରିଖରେ ଏହି ଦିବସଟି ପାଳନ କରାଯାଇ ଆସୁଅଛି। ୧୯୮୯ ମସିହାରୁ ଏହି ଦିବସ ପାଳନ କରାଯାଉଛି। ହିମୋଫିଲିଆ ଏକ ବଂଶଗତ ରୋଗ। ମାଆ ଠାରୁ ଶିଶୁକୁ ଏହି ରୋଗ ସଂକ୍ରମିତ ହୋଇଥାଏ। ୱାର୍ଲଡ଼ ଫେଡେରେସନ ଅଫ୍ ହିମୋଫିଲିଆ ଦ୍ୱାରା ପ୍ରଦତ୍ତ ଏକ ରିପୋର୍ଟ ଅନୁସାରେ, ପ୍ରତି ବର୍ଷ ସାରା ବିଶ୍ୱରେ ପ୍ରତି ଦଶ ହଜାର ମଧ୍ୟରେ ଜଣେ ଶିଶୁ ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ଜନ୍ମ ନିଏ। ଏହା ଏକ ବଂଶଗତ ରୋଗ। ହିମୋଫିଲିଆସ୍ (ହିମୋଫିଲିଆ ରୋଗରେ ଆକ୍ରାନ୍ତ ବ୍ୟକ୍ତି) ଠାରେ ରକ୍ତ ଜମାଟ ବାନ୍ଧିବାର ସ୍ତର କମ୍ ଥାଏ। ଫଳରେ ବହୁତ ସମୟ ଧରି ରକ୍ତ ବାହାରିଥାଏ। ଏହା ଏକ ସାଧାରଣ ରୋଗ ଜଣାଯାଉଥିଲେ ମଧ୍ୟ ଶରୀରରେ ବହୁତ କ୍ଷତି ପହଞ୍ଚାଇଥାଏ। ହେଲେ ଏ ରୋଗ ବିଷୟରେ ଅଧିକାଂଶ ସଚେତନ ନୁହନ୍ତି। ଏଥିପାଇଁ ଚଳିତ ବର୍ଷର ଏହି ଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର ବିଷୟବସ୍ତୁ ରହିଛି। ତାହା ହେଉଛି 'ପରିବାରର ସମର୍ଥନ'। ଏହି ରୋଗ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତିଙ୍କୁ ପରିବାରର ସମର୍ଥନ ନିହାତି ଜରୁରୀ। କାରଣ ଯେ କୌଣସି ବ୍ୟକ୍ତି ବା ପିଲାଠାରେ ଏହି ସମସ୍ୟା ଦେଖାଦେଲେ ପ୍ରଥମେ ପରିବାର ଲୋକ ଜାଣପାରିବେ। ତେଣୁ ପରିବାର ଲୋକ ଯଦି ଏଥିପ୍ରତି ସଚେତନ ହୋଇ ଡାକ୍ତରଙ୍କ ପରାମର୍ଶ କରିବେ, ତେବେ ରୋଗୀ ଜଣକ ସୁସ୍ଥ ହୋଇପାରିବ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ରୋଗର ସମ୍ପର୍କ ସୃଷ୍ଟିର ସବୁଠାରୁ ଅମୂଲ୍ୟ ସମ୍ପଦ ରକ୍ତ ସହିତ ରହିଛି। ପ୍ରଶ୍ନ ଉଠିବ ସମସ୍ତଙ୍କ ଶରୀରରେ ତ ରକ୍ତ ରହିଛି ତାହାହେଲେ ଏ ରକ୍ତକୁ ନେଇ ଆଲୋଚନା କାହିଁକି ? ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଏ ପୃଥିବୀରେ ଯେତେ ମୃତ୍ୟୁ ହୋଇଥାଏ ସବୁଠାରୁ ଅଧିକ ଏହି ରକ୍ତଜନିତ କାରଣରୁ ହିଁ ହୋଇଥାଏ। ଅନେକ ମୁର୍ମୁଷୁ, ଅସହାୟ ଏବଂ ଅଜ୍ଞାତରେ ରକ୍ତ ସମ୍ବନ୍ଧରେ ନ ଜାଣି ଏବଂ ଯଥାର୍ଥ ସମୟରେ ରକ୍ତ ନ ମିଳିବାରୁ ଅକାଳରେ ଜୀବନ ଦୀପ ଲିଭିଯାଏ।

ଏ ଜୀବନରେ ଶ୍ରେଷ୍ଠତମ ସମର୍ପଣ ଓ ନିଃସ୍ୱାର୍ଥପର ପୂଣ୍ୟ ବୋଇଲେ ରକ୍ତଦାନକୁ ବୁଝାଏ। ରକ୍ତଦାନ ଦ୍ୱାରା ଜଣେ ପ୍ରଥମତଃ ସେବା ମହକତା ଅନୁଭବ କରିପାରେ ଦ୍ୱିତୀୟତଃ ଅନ୍ୟ ଜଣଙ୍କ ଜୀବନ ବଞ୍ଚାଇ ଆତ୍ମ ସନ୍ତୋଷ ପାଇପାରିଥାଏ। ସେହିପରି ରକ୍ତ ଦେବା ଦ୍ୱାରା ଶରୀର ମଧ୍ୟ ବେଗବାନ ଓ ତେଜୀୟାନ ହୋଇପାରିଥାଏ। ଯେ କେହି ୧୮ରୁ ୧୬ ବର୍ଷ ବୟସର ହୋଇଥିଲେ ଏବଂ ଓଜନ ୪୫ କି.ଗ୍ରା.ରୁ ବା ତାଠାରୁ ଅଧିକ ଥିଲେ ସେ ରକ୍ତଦାନ କରିପାରିବେ। ପଲ୍‌ସ ରେଟ୍ (ନାଡ଼ିର ସ୍ପନ୍ଦନ) ଓ ବିପି ଉଭୟ ଠିକ୍ ଥିଲେ ଓ ହିମୋଗ୍ଲୋବିନ (ଏଚ୍‌ବି) ଅତି କମ୍‌ରେ ୧୨.୫ ଥିବା ଦରକାର । ଏହାର ପରବର୍ତ୍ତୀ ରକ୍ତଦାନ ଅତି କମ୍‌ରେ ୩ ମାସ ପୂର୍ବରୁ ହୋଇଥିବ। ଏହିମାନେ ହିଁ ରକ୍ତଦାନ କରିପାରିବେ। ଯଦି କୌଣସି ବ୍ୟକ୍ତି ବିପଜ୍ଜନକ ରୋଗରେ ଆକ୍ରାନ୍ତ ନହୋଇ ଅନ୍ୟ ସାଧାରଣ ରୋଗ ପାଇଁ ଚିକିତ୍ସିତ ହେଉଥିବେ ତେବେ ସେ ରକ୍ତଦାନ କରିପାରନ୍ତି ।

ଖରାଦିନେ ବିଶେଷକରି ରକ୍ତଦାନ ଶିବିର ଅତି କମ ହୋଇଥାଏ। କାରଣ ଲୋକମାନଙ୍କ ଭିତରେ ଏହି ତୀକ୍ଷଣ ଖରାକୁ ନେଇ ଅଜଣା ଭୟ ରହିଥାଏ। ତେବେ ବାସ୍ତବ କଥା ହେଉଛି ବର୍ଷର ସବୁ ସମୟରେ ଯେ କେହି ରକ୍ତଦାନ କରିପାରିବେ। ବର୍ଷର ବିଭିନ୍ନ ସ୍ୱତନ୍ତ୍ର ଦିବସ ତଥା ଅନେକ ଲୋକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର ଆୟୋଜନ କରୁଛନ୍ତି। ଓଡ଼ିଶାର ମାନବୀୟ ମୂଲ୍ୟବୋଧ ଓ ଶିକ୍ଷାର ଦିଗବାରେଣୀ ସାଜିଥିବା ଅନ୍ୟତମ ଶିକ୍ଷାନୁଷ୍ଠାନ ଏସେଲ୍ସ ପବ୍ଲିକ ସ୍କୁଲ ଓ ସିମରିଂ ଷ୍ଟାର ପବ୍ଲିକ ସ୍କୁଲ ତରଫରୁ ଆସନ୍ତା ଅପ୍ରେଲ ୨୬ ତାରିଖରେ ଅନୁଷ୍ଠାନ ସତରତମ ପ୍ରତିଷ୍ଠା ଦିବସ ପାଳନ କରୁଥିବାରୁ ସମ୍ବାଦ, ଆମ ଓଡ଼ିଶା, ରୋଟାରୀ କ୍ଲବ ଅଫ କଟକ, ବାରବାଟୀ, ସ୍ଥାନୀୟ ସେକ୍ଟର ଆଠ, ସେକ୍ଟର ନଅ, ସେକ୍ଟର ଦଶ ପୂଜା କମିଟିର ମିଳିତ ସହଯୋଗରେ ଏକ ଦିବସବ୍ୟାପୀ ମେଗା ରକ୍ତଦାନ ଶିବିର ଓ ରକ୍ତଦାନ ସଚେତନଧର୍ମୀ କାର୍ଯ୍ୟକ୍ରମ ସହ ସେକ୍ଟର ଛଅର ସାଇ ନେତ୍ରଧାମ ସହଯୋଗରେ ବିନା ମୂଲ୍ୟରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହେବ। ବିଦ୍ୟାଳୟ ସମୂହର ନିର୍ଦ୍ଦେଶିକା ଡକ୍ଟର ମେଘନା ମିଶ୍ରଙ୍କ ମାର୍ଗଦର୍ଶନ, ପ୍ରତିଷ୍ଠାତ୍ରୀ ମଞ୍ଜୁଶ୍ରୀ ମିଶ୍ରଙ୍କ ପୌରହିତ୍ୟ, ବିଦ୍ୟାଳୟର ଅଧକ୍ଷ ଡକ୍ଟର ସୁରେଶ କୁମାର ନାୟକ ଓ ଟ୍ରଷ୍ଟି ଚନ୍ଦନ ମହାନ୍ତିଙ୍କ ପରିଚାଳନାରେ ଶିବିର ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ପ୍ରାଥମିକ ପ୍ରସ୍ତୁତି ବୈଠକରେ କାର୍ଯ୍ୟକ୍ରମର ସୁପରିଚାଳନା ନେଇ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଆଡ଼ମିନ ମିନୁ ପଟ୍ଟନାୟକ, ସ୍ୱାତି ଶ୍ରୀଲେଖା, ପ୍ରଦୀପ କୁମାର ନାୟକ, ଶ୍ରୁତକୀର୍ତ୍ତି ପଟ୍ଟନାୟକ, ଦିବ୍ୟାଂଶୀ ପରିଡ଼ା, ମୀନତି ଭୂୟାଁ, ପରମିତା ଶୁଭଦର୍ଶିନୀ, ପିଙ୍କି ମହାପାତ୍ର, ଅଭିଶେକ ସାହୁ, ସ୍ମୃତିରଞ୍ଜନ ନାୟକ, ଆଦିତ୍ୟ ଦାସ, ପ୍ରତୀକ ଚାଟାର୍ଜୀ ଓ ପୂଜା କମିଟିର ପ୍ରତିନିଧି ଭାବେ ଭାସ୍କର ନାୟକ, ଅଶୋକ ଚୌଧୁରୀ, ମନୋରଞ୍ଜନ ଦାସ ଓ ସେକ୍ଟର ଏଗାରର ଅକ୍ଷୟ ଦାସଙ୍କ ସମେତ ସମ୍ବାଦ ଓ ଆମ ଓଡ଼ିଶାର ପ୍ରତିନିଧି କେ.ଯୋଗାନନ୍ଦ ଉପସ୍ଥିତ ରହି ପରାମର୍ଶ ପ୍ରଦାନ କରିଥିଲେ। କୌଣସି କାରଣବଶତଃ ଯେଉଁ ବ୍ୟକ୍ତି କ୍ରମାଗତ ଭାବରେ ଅସୁସ୍ଥ ଓ ଗର୍ଭବତୀ ବା ପ୍ରସୂତି ମହିଳା ଏବଂ ରତୁଚକ୍ର ମଧ୍ୟରେ ମହିଳାମାନେ ରକ୍ତଦାନ କରିପାରିବେ ନାହିଁ। ଯେଉଁମାନଙ୍କର ଭୂତାଣୁ ଜନିତ ସଂକ୍ରମଣ ଅଛି, ରକ୍ତଦ୍ୱାରା ଏହି ସଂକ୍ରମଣ ବ୍ୟାପିବାର ଆଶଙ୍କା ଥାଏ । ଲିଭର, ହୃତ୍‌ପିଣ୍ଡ, କିଡ଼ନୀ, ମସ୍ତିଷ୍କ ବା ଫୁସ୍‌ଫୁସ୍ ସମସ୍ୟା ଥିଲେ । ଶ୍ୱାସରୋଗ, କ୍ୟାନସର କିମ୍ବା ହେପାଟାଇଟିସ୍ ଥିଲେ । ଯେଉଁମାନେ ରକ୍ତଚାପ ଔଷଧ ଖାଉଛନ୍ତି ସେମାନେ ରକ୍ତଚାପ ନିୟନ୍ତ୍ରିତ ହେବା ପରେ ରକ୍ତ ଦେଇପାରନ୍ତି । ଯେଉଁ ବ୍ୟକ୍ତିଙ୍କ ଓଜନ ହଠାତ୍ ୫ / ୧୦ କେଜି କମ୍ ହୋଇଯାଏ ସେମାନେ ଯାଞ୍ଚ ପରେ ରକ୍ତ ଦେଇପାରନ୍ତି।

ସଂପ୍ରତି ପ୍ରଚଣ୍ଡ ଗ୍ରୀଷ୍ମତାପ ଦେଖା ଦେଇଥିବାବେଳେ ପ୍ରାୟତଃ ଖରାଦିନେ ବିଭିନ୍ନ ରକ୍ତଭଣ୍ଡାରେ ରକ୍ତ କମିଯାଏ। ଯାହାଫଳରେ ଗୁରୁତର, ମୁର୍ମୁଷୁ, ନିୟମିତ ରକ୍ତ ନେଉଥିବା ସିକିଲସେଲ ରୋଗୀମାନେ ଅନେକ ଅସୁବିଧାର ସମ୍ମୁଖୀ ହୋଇଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ଭାଇଚାରାର ସହର କଟକରେ ଅନେକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥାଏ। ଅନେକ ହୁଏତ ଜାଣି ନଥିବେ ଦୁର୍ଘଟଣାର ଆହତ ବ୍ୟକ୍ତଟି ହୁଅନ୍ତୁ ବା ବଡ଼ ଅସ୍ତ୍ରୋପଚାର, ଅର୍ଗାନ୍ ଟ୍ରାନ୍ସପ୍ଲାଣ୍ଟ ହେଉ ବା ଥାଲାସେମିଆ, ଏନିମିଆ, କ୍ୟାନସର, କେମୋ ଥେରାପି, ଡାୟାଲିସିସ୍, ହେମୋଫିଲିଆ ବା ରକ୍ତ ସମ୍ବନ୍ଧିତ ଅନ୍ୟ ରୋଗ ମାନଙ୍କୁ ରକ୍ତ ଦରକାର ପଡ଼ିଥାଏ। ବାସ୍ତବରେ ରକ୍ତଦାନକୁ ନେଇ ଅନେକଙ୍କ ଭିତରେ ଅନେକ ଭ୍ରାନ୍ତି ଓ ଭୁଲ ବୁଝାମଣା ଥାଏ। ରକ୍ତଦାନ ଏକ ଶ୍ରେଷ୍ଠ ସେବା ଏବଂ ଯେଉଁମାନଙ୍କ ରକ୍ତରୁ ପ୍ଲାଜମା ବା ପ୍ଲାଟଲେଟ୍ସ ନିଆଯାଇଛି ଯାଞ୍ଚ ପରେ ସବୁକିଛି ସାଧାରଣ ଥିଲେ ସେ ୭/୧୦ ଦିନ ପରେ ପୁଣି ରକ୍ତ ଦେଇପାରିବେ । ଯେଉଁମାନଙ୍କର ଓଜନ ୬୦ କେଜିରୁ କମ୍ ସେମାନେ ଥରକେ ସାଢ଼େ ୩୦୦ ମିଲିଲିଟର ରକ୍ତ ଦେଇପାରିବେ । ଓଜନ ୬୦ କେଜିରୁ ଅଧିକ ହେଲେ ସାଢ଼େ ୪୦୦ ମିଲିଲିଟର ରକ୍ତ ଦେଇପାରିବେ। ଆପଣ ଯେଉଁ ରକ୍ତଦାନ କରୁଛନ୍ତି ତାହାକୁ ଶରୀର ୨୧ ଦିନ ଭିତରେ ପୁନର୍ବାର ପ୍ରସ୍ତୁତ କରିପାରିବ । ପଇସା ବଦଳରେ ରକ୍ତ ମିଳେ ନାହିଁ, ରକ୍ତ ବଦଳରେ ରକ୍ତ ମିଳେ ବ୍ଲଡ଼ ବ୍ୟାଙ୍କରୁ । ଯଥାର୍ଥରେ କୁହାଯାଏ ରକ୍ତ ଦାନ ହେଉଛି ଜୀବନର ଶ୍ରେଷ୍ଠ ଦାନ । ରକ୍ତଦାନ ଜୀବନ ଦାନ ଏହି ମହାମନ୍ତ୍ରକୁ ଆପଣାଇ ଜୀବନରେ ରକ୍ତଦାନ ପରି ସେବା ଧର୍ମରେ ନିୟୋଜିତ ରହିବା ଯଥାର୍ଥରେ ମାନବୀୟମୂଲ୍ୟବୋଧର ପରିପ୍ରକାଶ ହୋଇଥାଏ । ଆଜି ବିଶ୍ୱ ହିମୋଫିଲିଆ ବା ରକ୍ତଜନିତ ରୋଗ ଏହି ଦିବସ ଅବସରରେ ଆପଣ ମାନଙ୍କ ଭିତରେ ରକ୍ତଦାନ ପ୍ରତି ଆଗ୍ରହ ଓ ଶ୍ରଦ୍ଧା ଅତୁଟ ରହିଲେ ଏହି ଦିବସର ଗୁରୁତ୍ୱ ପ୍ରତୀୟମାନ ହୋଇପାରିବ।


ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯, ସିଡିଏ, କଟକ,
ମୋ: [illegible]


### ଦିନୁଦିନ

**ଗଜାନନ ମିଶ୍ର**

ଭାବୁଛ, ତୁମର ବିଷରେ
ମୁଁ ମରିଯିବି !
ତୁମର କଣ୍ଟାଫୋଡାରେ
ଘାଉଆ ହୋଇ କଷ୍ଟ ପାଇବି !

ଭାବି ପାରୁଛ ତୁମର ବନ୍ଧୁକ
କି ବୋମା ମାଡ ଧୋଇ ନିଃଶେଷ
କରିଦେବ ମତେ ମାଟିରୁ ?
ଏତେ ପଟକା ଡାଳ ମୋର
କେମିତି ଭାବି ନେଉଛ !

ଅଛି ଏ ଯାଏ ଦେଖ,
ଆଉ ଉଜ୍ଜଳି ଉଠୁଛି
ଆହୁରି ଆହୁରି ଦିନୁଦିନ।


+ ତପୋବନ,
ଟିଟିଲାଗଡ-୭୬୭୦୩୩


### ମାଟିର ମଣିଷ

**ବେଣୁଧର ସୂତାର**



ସୁଖର ସୁରୁଜ ଆସେନି ଯା, ପାଇଁ
ଆଲୋକର ରୂପ ନେଇ
ସବୁଜ ଧରାର ସିଏ ରୂପକାର
ମାଟିର ମଣିଷ ସେହି ।।

ବିଳାସ ବାଦର ତୀବ୍ର ବିରୋଧି
ରୁଦ୍ର ସାଧନାରେ ରତ
ନିଖିଳ ମୁଖରେ ହସ ଫୁଟାଇବା
ସତେ, ତା ଜୀବନ ବ୍ରତ ।।

ଧମନୀ ଚିପୁଡି ରକ୍ତ ନିଗାଡି
ଲଗାଇ ପରାଣ ବାଜି
ବସୁମତୀ ହସ ମହାନ ଦୃଶ୍ୟ
ତା ପାଇଁ ସମ୍ଭବ ଆଜି ।।

ଚୈତ୍ର ରଜନୀ ଆଣିନି ତା ପାଇଁ
ଜ୍ୟୋସ୍ନା ଶୀତଳ ରାତି
ସିଏ ଅଖିଳର ଅନ୍ନ ଦାତା ତା
ବିଶ୍ୱ ମାନବ ପ୍ରୀତି ।।

ବସୁମତୀ ସୁତ ନୁହେଁ ବିଚଳିତ
ଦାରିଦ୍ର୍ୟର କଷାଘାତେ
ସକଳ ମୁଖରେ ହସ ଫୁଟାଏ ସେ
ଆନନ୍ଦର ଅଶ୍ରୁ ପାତେ ।।

ଶୁଣିଛକି ଥରେ ମାଟି ମଣିଷର
ଅନ୍ତର ତଳର କଥା
ଦେଖିଛକିକେବେ ବେଦନାଦଗ୍ଧ ତା
ସଂସାର ର ମହା ବ୍ୟଥା ।।

ଯାହାପାଇଁ ଆଜି ଦେଖୁଛ ଧରାରେ
ଆଗାମୀ ର ସମ୍ଭାବନା
ବିଦ୍ରୋହେ ତାର ବୁଲିବ ମହୀରେ
ମୃତ୍ୟୁର ପରୱାନା ।।

ମୁଗ୍ଧ କରିଛି କି ତା ଦଗ୍ଧ ପରାଣ
ସରକାରୀ ସୁରନାମା
ମିଛ ଇସ୍ତାହାରେ ହୋଇକି ପାରିବ
ଧରାରାଣୀ ମନୋରମା ।।


ଆଗାମୀ ବିଶ୍ୱ କର୍ଣ୍ଣଧାର ସେ
କରନି ତା ପ୍ରତି ହେଳା
ତା ବିନା ଅନନ୍ତ ଉଦରେ ଜଳିବ
ଜ୍ୱାଳାର ଅଗ୍ନି ମାଳା ।।

ବିଶ୍ୱ ମାନବର ନିଃସ୍ୱ ସେବକ ସେ
ଏ ମାଟିର କର୍ମକାର
ଭୋଗ ବିଳାସ[illegible]
ଜୀବନର ଇସ୍ତାହାର ।।

ପ୍ରାଣବନ୍ତ ସେ ଯେ ପ୍ରଣବ ପୁତ୍ର
କର୍ମର ରଣାଙ୍ଗନେ
ତା ଭାଗ୍ୟ ନିଶାଣ ବିଜୟ ବିଷାଣ
କର୍ମର ଜୟଗାନେ ।।

ଅବହେଳିତ ସେ ନିଃସ୍ୱ ମଣିଷ ଟି
ବିଶ୍ୱ ମୁଖେ ଦିଏ ଦାନା
ଶାନ୍ତି ମୈତ୍ରୀପ୍ରୀତି ବିଶ୍ୱାସ ବନ୍ଧନେ
କର ତାରେ ନିରାଜନା ।


+ କେଶଦୁରାପାଳ କେନ୍ଦୁଝର
ମୋ-୯୧୭୮୫୬୮୨୪୬



ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୬୧



ଡ. ସିନ୍ଧୁ ସେନ୍

ବାପା ମହର୍ଷି ବିଶ୍ରବାଙ୍କୁ । ଆଉ ମୋର ବରଦାତା ପିତାମହ ବ୍ରହ୍ମାଙ୍କୁ । ନା ନା ଏ ସମୟରେ ମୋ ନିକଟରେ ଦୁର୍ବଳତା ଶୋଭାପାଏନା । ଏ ଅପୂର୍ବ ସୁଯୋଗ ମୋତେ ଆଉ କେବେ ମିଳିବନି । ମନର ଦୁର୍ବଳତାକୁ ନିୟନ୍ତ୍ରଣ କଲି । ବ୍ରାହ୍ମଣରୁ କ୍ଷଣିକରେ ପାଲଟିଗଲି ଲଙ୍କାଧିପତି ରାବଣ । ଭୟଙ୍କର ବେଶ, ସୀତାଦେବୀ ଭିକ୍ଷାଦେବା ପାଇଁ ଆଗେଇ ଆସିଲାବେଳେ ତାଙ୍କ ହାତକୁ ଧରିନେଲି । ଏପରି ଏକ ଆକସ୍ମିକ ଘଟଣା ପାଇଁ ସୀତାଦେବୀ ଆଦୌ ପ୍ରସ୍ତୁତ ନଥିଲେ। ମୋର ଭୟଙ୍କର ରାକ୍ଷସ ବେଶ ଦେଖି ସେ ଚମକି ପଡ଼ିଲେ । ତଥାପି ମୋତେ ପ୍ରଶ୍ନ କଲେ ସତ କୁହ ତୁମେ କିଏ ? ବ୍ରାହ୍ମଣର ଛଦ୍ମବେଶରେ ମୋ ନିକଟକୁ ଆସିବାର ଉଦ୍ଦେଶ୍ୟ କ'ଣ ?

ମୁଁ ଲଙ୍କାନରେଶ ରାବଣ । ତୁମକୁ ଅପହରଣ କରିବା ପାଇଁ ଏମିତି ଛଦ୍ମବେଶୀ ସାଜିଥିଲି ।

ପାପୀଷ୍ଠ ରାବଣ, ଜାଣିଛୁ ତୁ କାହା ସହ କଥା ହେଉଛୁ ? ମୁଁ କିଏ ? ମୁଁ ରଘୁବଂଶର କୁଳବଧୂ । ରଘୁନନ୍ଦନ ରାମ ମୋର ପତିଦେବ । ସେ ଜାଣିପାରିଲେ ତୋର ଅବସ୍ଥା କ'ଣ ହେବ ଭାବିଛ । ଜାଣିଶୁଣି ମୃତ୍ୟୁକୁ ଅକାରଣେ ଡାକୁଛୁ କାହିଁକି ? ଭଲରେ ଭଲରେ ମୋତେ ଛାଡ଼ିଦିଅ କହୁଛି । ଦୁଇଭାଇ ଏବେ ହୁଏତ ଫେରୁଥିବେ ।

ଜାଣେ ଦେବୀ ଜାଣେ । ଏତିକି ବି ଜାଣିଛି, ସେ ଦୁହେଁ ଏଠାରୁ ଅନେକ ଦୂରକୁ ଚାଲିଗଲେଣି । ଯେତେ ଚିତ୍କାର କଲେ ତୁମକୁ ରକ୍ଷା କରିବାପାଇଁ ସେମାନେ ଏଠାରେ ପହଞ୍ଚି ପାରିବେ ନାହିଁ । ଚୁପ୍‌ଚାପ୍ ମୋ ସହ ଚାଲ ଦେବୀ । ଲଙ୍କାଗଡ଼ରେ ତୁମକୁ ରାଣୀ କରି ରଖିବି । ମୋ ମୁଷ୍ଟିବନ୍ଧନରୁ ମୁକୁଳିବା ପାଇଁ ବାରମ୍ବାର ଚେଷ୍ଟା କରୁଥିଲେ ସୀତାଦେବୀ । ମୋର କିନ୍ତୁ ସେଥିପ୍ରତି ଆଦୌ ଖାତିର ନଥିଲା । ସୀତାଦେବୀ ତ ଏବେ ମୋ ଆୟତ୍ତରେ । ମୋପାଖରୁ ମୁକ୍ତି ପାଇବାର ରାସ୍ତା ମଧ୍ୟ ତାଙ୍କର ବନ୍ଦ । ମୁଁ ତାଙ୍କୁ ଟାଣିଟାଣି ଜୋର କରି ପୁଷ୍ପକ ଯାନରେ ବସାଇଦେଲି । କହିଲି, ମୁଁ ତ ତୁମକୁ ଲଙ୍କାକୁ ନେବାପାଇଁ ଆସିଥିଲି । ସମୁଦ୍ର ମଧ୍ୟରେ ମୋର ଲଙ୍କା ରାଜ୍ୟ । ଏଠୁ ଅନେକ ଦୂରରେ । ତୁମରି ପତି କିମ୍ବା ଦେବାର କେହି ହେଲେ ସେ ସ୍ଥାନର ସନ୍ଧାନ ପାଇପାରିବେ ନାହିଁ ।

ଭୀଷଣ ଭୟଙ୍କର ଦିଶୁଥିଲେ ସୀତାଦେବୀ। ଭାବିପାରୁ ନଥିଲି ତାଙ୍କର ସେଇ କମନୀୟ ରୂପକାନ୍ତି ଗଲା କୁଆଡ଼େ ? ମୋତେ ଯେମିତି ଲାଗୁଥିଲା ଦେବୀ ସୀତା ସ୍ୱୟଂ ଏକ ଅଗ୍ନିପ୍ରତିମା। ତାଙ୍କ ନାସାରନ୍ଧ୍ରରୁ ବାହାରୁଥିଲା ଅଗ୍ନି ନିଃଶ୍ୱାସ । ତାଙ୍କ କଥାରେ ଅଗ୍ନିବର୍ଷୀ ବାଣୀ । ତାଙ୍କ ଆଡ଼କୁ ଯେତେ ଯେତେ ଦେଖୁଥିଲି ସେତିକି ଭୟଭୀତ ହୋଇପଡୁଥିଲି । ଚାହିଁଲେ ସେ ମୋତେ ଜାଳିପୋଡ଼ି ଭସ୍ମ କରିଦେଇ ପାରନ୍ତି । ମୁଁ କିନ୍ତୁ ତାଙ୍କୁ ଡରିଯାଇ ପଛଘୁଞ୍ଚା ଦେବିନି । ମୁଁ ରାବଣ, ଦଶଶିର, ବିଂଶବାହୁର ଅଧିକାରୀ ଜଣେ ନାରୀ ଆଗରେ ଏତେ ଶୀଘ୍ର ଦୁର୍ବଳ ହୋଇପଡ଼ିବା ମୋ ନିକଟରେ ଶୋଭାପାଏନା । ଦେଖାଯାଉ ଆଗକୁ କ'ଣ ହେଉଛି । ଦେବୀ ସୀତାଙ୍କ ବିକଳ ଆର୍ତ୍ତନାଦରେ ବନଭୂମି କମ୍ପି ଉଠୁଥିଲା । ସେ ତାଙ୍କର ସ୍ୱାମୀ ଦେବରଙ୍କୁ ରକ୍ଷା କରିବାପାଇଁ ଆକୁଳରେ ବିଳାପ କରୁଥିଲେ । କିନ୍ତୁ ମୁଁ ତ ଜାଣେ ସେ ଦୁହେଁ ଏତେଶୀଘ୍ର ଏଠାରେ ଉପସ୍ଥିତ ହୋଇପାରିବେନି । ସେମାନଙ୍କର ପହଞ୍ଚିବା ପୂର୍ବରୁ ମୋତେ ଏ ସ୍ଥାନ ଛାଡ଼ି ତୁରନ୍ତ ଲଙ୍କାରେ ପହଞ୍ଚିବାକୁ ପଡ଼ିବ ।

ଏବେ ଜୀବନର ଅନ୍ତିମ ଲଗ୍ନରେ ସେଦିନର କଥା ଭାବିଲେ ମୋତ ଯେମିତି ସବୁକିଛି ରହସ୍ୟ ଲାଗେ । ଦେବୀ ସୀତା ସାକ୍ଷାତ୍ ଲକ୍ଷ୍ମୀ ଠାକୁରାଣୀ। ପତି ଯାହାଙ୍କର ବିଷ୍ଣୁ ଅବତାରୀ । ତାଙ୍କପରି ଜଣେ ଦେବୀପ୍ରତିମାଙ୍କ ପାଇଁ ମୋ ପରି ଜଣେ ଛଦ୍ମବେଶୀ ବ୍ରାହ୍ମଣକୁ ଚିହ୍ନିବାରେ ଭୁଲ୍ ହୋଇଗଲା କିପରି ? ତାଛଡ଼ା ହିଂସ୍ରଜନ୍ତୁ ପରିପୂର୍ଣ୍ଣ ଜଂଗଲ ମଧ୍ୟରେ ସୁବର୍ଣ୍ଣମୃଗ ଯେ ଥାଇପାରେ, ଏକଥା ସେ ଭାବିପାରିଲେ କେମିତି ? ସେସବୁ ଅତୀତର ଘଟଣାବଳୀ ଭାବିଲେ ମୋତେ ସବୁ ରହସ୍ୟ ରହସ୍ୟ ଲାଗୁଥିଲା । ସତରେ କ'ଣ ସେଇ ମୁହୂର୍ତ୍ତରେ ମୋତେ ପ୍ରତିରୋଧ କରିବାର ଶକ୍ତି ସୀତାଦେବୀଙ୍କର ନଥିଲା । ନା ମୋ ଉପରେ ଭାଗ୍ୟଦେବୀଙ୍କ ପ୍ରସନ୍ନତା ପାଇଁ ଏମିତି ସବୁ ଘଟିଗଲା । ଆଉ ଯଦି ସେମିତି କିଛି ଚମତ୍କାରିତା ନହୁଅନ୍ତା ତେବେ ମୋତେ ସଫଳତା ମିଳନ୍ତା କେମିତି ? ଆଜି ଯଦି ମୁଁ ରାମଚନ୍ଦ୍ରଙ୍କୁ ସାମ୍ନାସାମ୍ନି ହୋଇପାରିଛି ତାର ମୂଳରେ ତ ସୀତାଦେବୀ ହିଁ ଥିଲେ । ମୁଁ ଯଦି ସେଦିନ ସୀତାଦେବୀଙ୍କୁ ଅପହରଣ କରିବାରେ କୃତକାର୍ଯ୍ୟ ହୋଇ ନ ପାରିଥାନ୍ତି ତେବେ କ'ଣ ରାମଚନ୍ଦ୍ରଙ୍କୁ ଏ ଜୀବନରେ କେବେ ଭେଟି ପାରିଥାନ୍ତି । ଆଉ ଜାଣେନା, ମୋ ଜୀବନର ମୋଡ଼ କେଉଁ ଆଡ଼କୁ ଗତି କରିଥାନ୍ତା । ତେଣୁ ମୋତେ ଯିଏ ଯାହା କହୁନା କାହିଁକି ମୁଁ ନିଜେ ଜାଣେ ମୁଁ କିଛି ଭୁଲ୍ କରିନି । ବରଂ ଯାହା କିଛି କରିଛି ସବୁକିଛି ମୋ ମୋକ୍ଷ ପାଇଁ ହିଁ କରିଛି । ପ୍ରତ୍ୟେକ ପ୍ରାଣୀ ଜନ୍ମ ନିଅନ୍ତି, ଜୀବନଯାକ ଆମୋଦ ପ୍ରମୋଦ କରନ୍ତି । କିନ୍ତୁ ସମସ୍ତଙ୍କ ଭାଗ୍ୟରେ ମୋକ୍ଷତ୍ୱ ଥାଏନି ମୋକ୍ଷ ପାଇବା ମଧ୍ୟ ଏତେ ସହଜ ନୁହେଁ । ହୋଇପାରେ ମୁଁ ରାକ୍ଷସ ମୋ ଶରୀରରେ ରାକ୍ଷସର ରକ୍ତ ପ୍ରବାହିତ ତେଣୁ ମୁଁ ଦୁରାଚାରୀ ପାପିଷ୍ଠ, ଅହଂକାରୀ ମଧ୍ୟ । ମାତ୍ର ମୋର ପାପର ରକ୍ତକଣିକା ମଧ୍ୟରେ ଚାପି ହୋଇ ରହିଯାଇଥିଲା ପବିତ୍ର ଆତ୍ମାଟିଏ ଯାହା ମୋତେ ଆଜି ଏତେ ଦୂରକୁ ଆଣି ପାରିଛି । ମୁଁ ତେଣୁ ଯେତେ ପାପ କଲେବି, ମୁଁ ଜାଣେ ତାହା ମଧ୍ୟ ମୋ ପ୍ରତି ଆଶୀର୍ବାଦ ଥିଲା । ଆଉ ସେହି ଦୈବୀ ଆଶୀର୍ବାଦ ପାଇଁ ସେଦିନ ସୀତାଦେବୀଙ୍କୁ ମଧ୍ୟ ପୁଷ୍ପକ ଯାନରେ ବସାଇ ଲଙ୍କାକୁ ଆଣିବାରେ ସଫଳ ହୋଇଥିଲି ।

ମୋତେ ଯିଏ ଯାହା କହୁନା କାହିଁକି, ମୁଁ ନିଜେ ଜାଣିଛି ଜୀବନର ଏକମାତ୍ର ଧ୍ୟେୟ ହେଉଛି ଆତ୍ମସାକ୍ଷାତ୍‌କାର ବା ପରମ ମୁକ୍ତି । ପ୍ରତ୍ୟେକ ବ୍ୟକ୍ତିର ଅନ୍ତର ହେଉଛି ଦେବତ୍ୱର ଚିର ନିବାସସ୍ଥଳୀ । ପ୍ରତ୍ୟେକଙ୍କ କର୍ତ୍ତବ୍ୟ ହେଉଛି ଈଶ୍ୱରତ୍ୱକୁ ଅନ୍ତର ମଧ୍ୟରେ ଉଦ୍‌ଘାଟିତ କରିବା । ଜୀବନର ଉଦ୍ଦେଶ୍ୟ ହେଉଛି ସମଗ୍ର ପ୍ରକାର କଳୁଷିତ ମନୋବୃତ୍ତି ପରିହାର କରି ଭଗବତ୍ ପଦରେ ଲୀନ ହୋଇଯିବା । ଆଉ ସେହି ପରମ କାରୁଣିକଙ୍କ କୃପାଲାଭ କରିବାପାଇଁ, ତାଙ୍କ ସହ ମିଳିତ ହେବା ଲାଗି ଆମକୁ ଧରାପୃଷ୍ଠରେ ଅବିଶ୍ରାନ୍ତ ଭାବରେ ଉଦ୍ୟମଶୀଳ ହେବାକୁ ପଡ଼ିବ। ମୁଁ ତେଣୁ ଯାହାବି କରିଛି ସବୁକିଚିର ଲକ୍ଷ୍ୟ ତ ଈଶ୍ୱରଙ୍କ କୃପାଲାଭ । ସେଦିନ ଯଦି ଦେବୀ ସୀତାଙ୍କୁ ଅପହରଣ କରି ନଥାନ୍ତି ତେବେ ହୁଏତ ପ୍ରଭୁ ରାମଚନ୍ଦ୍ରଙ୍କୁ ପାଇବା ଅସମ୍ଭବ ହୋଇପଡ଼ନ୍ତା ।

ସୀତାଦେବୀଙ୍କୁ ପୁଷ୍ପକ ଯାନରେ ବସାଇ ଲଙ୍କା ଅଭିମୁଖେ ଚାଲିଲି । ଆକାଶରେ ଉଡ଼ି ଯାଉଥିବା ବେଳେ ମୋ ନିଜର ସଫଳତା ପାଇଁ ଗର୍ବରେ ମୋ ଛାତି ଫୁଲି ଉଠୁଥିଲା । ଏକପଟେ ସୂର୍ପଣଖା ଉପରେ ହୋଇଥିବା ଅନ୍ୟାୟର ପ୍ରତିଶୋଧ ଅନ୍ୟପଟେ ଦେବୀ ସୀତାଙ୍କ ପରି ଅମୂଲ୍ୟ ରତ୍ନ ମୋତେ ମିଳିଗଲା। ସୀତାଙ୍କ ଆତୁରତା, ବିକଳ ଚିତ୍କାର ଗଗନ ପବନରେ କମ୍ପନ ହେଉଥିଲା । ମୁଁ କିନ୍ତୁ ଆଶ୍ୱସ୍ତ ଥିଲି, ଏଇଥିପାଇଁ ଯେ ମୋତେ ଏଠାରେ ବାଧା ଦେବାକୁ କେହି ବି ନାହାନ୍ତି । ସୀତାଙ୍କ କ୍ରନ୍ଦନ ପ୍ରତିବିମ୍ବିତ ହେଉଥିଲା । ସେ ବା କ'ଣ କରିପାରିଥାନ୍ତେ । ହୁଏତ ସେ ଭାବୁଥିବେ ଦେବର ଲକ୍ଷ୍ମଣଙ୍କୁ ପଠାଇ ଦେଇ ଭୁଲ୍ କରିଛନ୍ତି । ମାତ୍ର ଏବେ ସେସବୁ ଭାବିଲେ, କ'ଣ ବା ସେ କରିପାରିବେ, ତାଙ୍କୁ ତ ମୋ ସହ ଲଙ୍କାର ଯିବାର ରାସ୍ତା ପରିଷ୍କାର ହୋଇସାରିଛି । ଜାଣେନା, ମୋର ଅତିଶୟ ଆନନ୍ଦ ଉପରେ କାହାରି କୁନଜର ପଡ଼ିଲା କି କ'ଣ, ଆକାଶ ପଥରେ ମୋର ଗତିରୋଧ କେହି ଜଣେ ଛିଡ଼ା ହୋଇଗଲେ । ପାଖକୁ ଆସି ଜାଣି ସେ ଆଉ କେହି ନୁହଁନ୍ତି ଗୃଧ୍ରରାଜ ଜଟାୟୁ। ଦଶରଥଙ୍କ ବନ୍ଧୁ । ମଝିରେ ମଝିରେ ସେ ସେମାନଙ୍କ ଆଶ୍ରମକୁ ଯାଉଥିଲେ । ରାମ, ଲକ୍ଷ୍ମଣ, ସୀତା ତାଙ୍କୁ ପିତୃତୁଲ୍ୟ ସମ୍ମାନ ମଧ୍ୟ କରୁଥିଲେ । ସୀତାଙ୍କ ବିଳାପ ଧ୍ୱନିରୁ ସେ ରାମ, ଲକ୍ଷ୍ମଣ ନାମ ଶୁଣି, ସେ ମୋର ପଥରୋଧ କଲେ । ବୀରତ୍ୱର ସହ ମୋ ସହ ଲଢ଼ିଲେ । ମୁଁ ଯେ ପ୍ରତି ପଦେପଦେ ବିପଦର ସମ୍ମୁଖୀନ ହେଉଛି, ଏହା ଜାଣି ମଧ୍ୟ ଭୟ କରୁନଥିଲି । କାରଣ ବିପଦକୁ ଆମନ୍ତ୍ରଣ ଯେତେବେଳେ କରିଛି, ମୋତେ ତ ଆଗକୁ ଏମିତି ଅନେକ ବିପଦକୁ ସାମ୍ନା କରିବାକୁ ପଡ଼ିବ। ତେଣୁ ଧୈର୍ଯ୍ୟର ସହ ଜଟାୟୁ ସହ ଲଢ଼ିଲି । ଶେଷରେ ଖଡ୍ଗ ଦ୍ୱାରା ଜଟାୟୁର ଦୁଇପକ୍ଷକୁ ଛେଦନ କଲି । ସେ ଭୂଇଁରେ ପଡ଼ିଗଲା । ଆଉ ହେ ରାମ ହେ ରାମ ବୋଲି ଚିତ୍କାର କଲା । ଲକ୍ଷ୍ୟ କଲି ସୀତା ତାଙ୍କ ପିତା ଭାବେ ସମ୍ବୋଧନ କରି ରାମ, ଲକ୍ଷ୍ମଣଙ୍କ ସମ୍ବାଦ ଦେବା ପାଇଁ ଅନୁରୋଧ କଲେ । ଲୁହଭରା ଆଖିରେ ଜଟାୟୁ କେବଳ ମୁଣ୍ଡ ହଲାଉଥିଲେ । ଏବେ ସେ ଦୃଶ୍ୟ ସବୁ ମୋ ଆଖିରେ ଭାସି ଉଠୁଥିଲା । ସେଦିନ କିନ୍ତୁ ଭଲମନ୍ଦ ବିଚାର କରିବା ଶକ୍ତି ମୋ ନିକଟରେ ନଥିଲା। ମୁଁ ତ କେବଳ କାମନା ବାସନାରେ ଅନ୍ଧ ହୋଇ ଯାଇଥିଲି । ଏକପ୍ରକାର ପାଗଳ ହୋଇ ଯାଇଥିଲି କହିଲେ ଚଳେ । ନାରୀ ପ୍ରତି ମର୍ଯ୍ୟାଦାବୋଧର ବିଚାର ମଧ୍ୟ ଭୁଲି ଯାଇଥିଲି। ଦେବୀ ସୀତାଙ୍କ ପ୍ରତି କରିଥିବା ଅସମ୍ମାନ, ପାପର ଫଳ ଏବେ ମେତେ ଭୋଗିବାକୁ ପଡୁଛି ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫


## ଇଚ୍ଛା

### ମମତା ବେହେରା



ଇଚ୍ଛା ହୁଏ
ପୁଣି ଆଗ ପରି ସବୁ ପୁନରାବୃତ୍ତି ହେଉ
ପୁଣି ପାଲଟି ଯାଉ
ସେଇ ରାମ ରାଇଜ
ଭରିଯାଉ ପୁଣି ହୃଦେ ଭ୍ରାତୃଭକ୍ତି,
ଭ୍ରାତୃପ୍ରେମ, ନ ରହୁ କେବେବି
ମନରେ ହିଂସା, ଦ୍ୱେଷ ଓ କ୍ଷୋଭ....!!

ଇଚ୍ଛା ହୁଏ
ପୁଣି ନ ଫେରୁ ପୁଣି ସେଇ ଦୁଃଶାସନ
ନିର୍ବସ୍ତ୍ର କରିବାକୁ ନାରୀର
ଏବେବି ବସିଛି ଗାଦିରେ
ଅନ୍ଧ ଧୃତରାଷ୍ଟ୍ର
ଏବେବି ପିତାମହ, ବିଦୁର, କୃପାଚାର୍ଯ୍ୟ
ଓ ଦ୍ରୋଣାଚାର୍ଯ୍ୟ
ପଦବୀ ଲାଳସାରେ ମୌନ....!!

ଇଚ୍ଛା ହୁଏ
ଫେରି ଆସନ୍ତେ କି ସେ ପୁରୁଷୋତ୍ତମ
ଛୁଇଁ ଦେଲେ ଅଭିଶପ୍ତ ପାଷାଣୀକୁ
ପୁଣି ପାଇ ଯାଆନ୍ତେ ନାରୀ ସତୀତ୍ୱ....!!

ଇଚ୍ଛା ହୁଏ
ପୁଣି ଫେରି ଆସନ୍ତେ କି ସେଇ ଚକ୍ରଧାରୀ
ଧର୍ମ ସଂସ୍ଥାପନା ପାଇଁ
ହୁଅନ୍ତେ କଳ୍କୀ ଅବତାରୀ....!!


ଭୋଗରାଇ,ବାଲେଶ୍ୱର


## ମିଳୁହେ ଚରମ ପ୍ରାପ୍ତି

### ପୁଷ୍ପାଞ୍ଜଳି ପଣ୍ଡା




ତୁମେ
ସବୁ ତ ଗଢ଼ିଛ ସବୁ କୁ ବେଢ଼ିଛ
ସବୁଠି ରହିଛ ସତ
ହେଲେ ଭୁଲିଯାଏ
ମିଛେ ଧାଉଁ ଥାଏ
ଯୋଡିପାରେ ନାହିଁ ହାତ ॥

ମନେପଡେ ନାହିଁ କହିବାର ପାଇଁ
ସମୟ ସାରୁଛି ନିତି ଜାଣେନା କାହିଁକି
ମୃତ୍ୟୁ ପାଖେ ଦେଖି ଧଡ଼ ପଡ଼ ହୁଏ ଛାତି !

ଶରଣାପନ୍ନକୁ ଶରଣ ଦେବାକୁ
କେବେହେଲେ କହିନାହିଁ
ସେଥିପାଇଁ ପରା ଶେଷକୁ ଆଶରା
ମୁକତି ପାଇବି ମୁହିଁ।
ବ୍ୟାଧ ଅଜାମିଳ ଗଣିକା ଗୋପିକା
ତାରିଛ ଦେଇଛ ମୁକ୍ତି ପ୍ରାଣ ପ୍ରୟାଣରେ
ଜୀବ ଗଲାବେଳେ
ମିଳୁ ହେ ଚରମ ପ୍ରାପ୍ତି ॥


କେନ୍ଦ୍ରାପଡ଼ା



## ମନ ବଗିଚାର ଫୁଲ

### ନିହାରିକା ପ୍ରଧାନ

ସ୍ୱଚ୍ଛ ପବିତ୍ର ଭାବନାରେ ଆମ
ମନ ସଦା ପୁଲକିତ
ଅନ୍ତରରେ ଫୁଟା ସ୍ନିଗ୍ଧ କମଳ
ପରଶରେ ସମ୍ମୋହିତ ।

ନବ କଦମ୍ବର ବାସ୍ନା ଝରିପଡେ
ମହକିତ ହୁଏ ଧରା
ଚାହାଣୀରେ ତୁମ ମଧୁ ଝରିଯାଏ
ପରାଣ ହୁଏ ଅଧିରା।

ପ୍ରତ୍ୟେକ୍ଷରେ ତୁମ ଅନୁଭବ ହେଲେ
ପ୍ରାଣେ ଭରେ ମଧୁହସ
ତୁମରି କରୁଣା ଝରିଯାଏ ଓଠେ
ପାଏ ତୁମ ନାମ ରସ ।

ଆହା କି ସୁନ୍ଦର ଏ ମନ ବଗିଚା
ଫୁଲ ମୁହିଁ ପ୍ରସ୍ଫୁଟିତ
ତୁମ ସୁରଭିରେ ସୁରଭିତ ହେଉ
ଏଇ ଆମର ଜଗତ।


ଶିକ୍ଷୟିତ୍ରୀ (ଜୟପୁର)


ଧାରାବାହିକ ଉପନ୍ୟାସ



(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୮୭ ॥

ଦିନେ ବ୍ରହ୍ମା ସନ୍ଧ୍ୟା ସମୟରେ ସମୁଦ୍ରରେ ତର୍ପଣ କରିବାକୁ ଯାଇ ଭୁର୍ଜ ପତ୍ରରେ ଲିଖିତ ବେଦ ପୁସ୍ତକ କୁ ସମୁଦ୍ର କୂଳରେ ରଖି ଦେଇ ଯାଇଥିଲେ ।ସେତେବେଳେ ବେଦ ଅଳ୍ପ ଲେଖା ହୋଇଥିଲା ।ସେହି ନିରୋଳା ସମୁଦ୍ର କୂଳ ରେ ହିଁ ସେ ବେଦ ରଚନା କରୁଥିଲେ । ଏହି ସମୟରେ ସନ୍ତରଣ ପଟୁ ହୟଗ୍ରୀବ ବେଦକୁ ନେଇ ଲମ୍ଫ ମାରି ସମୁଦ୍ର ଭିତରକୁ ଡେଇଁ ପଡ଼ିଲା ଏବଂ ବ୍ରହ୍ମା ରହରହ କହୁକହୁ ସେ ଭିତରେ ଭିତରେ ବୁଡି ବୁଡି ଦିଗନ୍ତରେ କୁଆଡେ ଅଦୃଶ୍ୟ ହୋଇଗଲା ।ସେହି ସମୟରେ ସେ ବେଦକୁ ନେଇ ପଶ୍ଚିମରେ ଅନେକ ସ୍ଥାନ ବୁଲି, କ୍ରୌଞ୍ଚ ଦ୍ୱିପ ପର୍ଯ୍ୟନ୍ତ ପଳାୟନ କରିଥିଲା । ବେଦର ଭାଷା ପଢ଼ି ଜାଣି ଥିବାରୁ ସେ ଏହି ଜ୍ଞାନକୁ ଚାରିଆଡେ ପ୍ରଚାର କରିଥିଲା । ବ୍ରହ୍ମା ହତାଶ ହୋଇ ଦେବତାମାନଙ୍କ ସହିତ ବିଷ୍ଣୁ ଙ୍କ ସହାୟତା ଲୋଡ଼ିଥିଲେ । ବିଷ୍ଣୁ ହୟଗ୍ରୀବ ଅବତାର ହୋଇ ସେହି ପଶ୍ଚିମରେ ଜନ୍ମ ହୋଇଥିଲେ ଓ ହୟଗ୍ରୀବଠାରୁ ବହୁ ବର୍ଷ ପରେ ବେଦକୁ ଉଦ୍ଧାର କରିଥିଲେ । କିନ୍ତୁ ସେତେବେଳକୁ ପ୍ରଳୟ ସମୟ ହୋଇ ଯାଇଥିଲା । ଦ୍ରାବିଡ ରାଜା ସତ୍ୟବ୍ରତ ଓ ସପ୍ତ ଋଷିଙ୍କୁ ନୌକ ରେ ଉତ୍ତର ଭାରତକୁ ଅଣା ଯାଇଥିଲା । ସେ ପର ଜନ୍ମରେ ବିବସ୍ୱାନଙ୍କ ପୁତ୍ର ଶ୍ରାଦ୍ଧ ଦେବ ମନ୍ୟୁ ହୋଇ ଦ୍ରାବିଡ ରାଜ ଅଂଶରେ ଜନ୍ମ ହେଲେ । କିନ୍ତୁ ପ୍ରଳୟାନ୍ତେ ପୃଥିବୀରେ ବେଦ ରଚନା ଆଉ ଅଧିକ ଅଗ୍ରସର ହୋଇ ପାରିନଥିଲା !!

ଦିତିଙ୍କ ଠାରୁ ଏହି ବାର୍ତ୍ତା ପାଇ କଶ୍ୟପ ସ୍ତମ୍ଭୀଭୂତ ହୋଇଗଲେ । ସ୍ରଷ୍ଟା ଯେତେବେଳେ ସୃଷ୍ଟି କରେ ତାହା ସର୍ପ ହେଉ କି ମୟୂର ହେଉ, ତାର ପରିଣାମ ବିଷୟରେ ସେ ଚିନ୍ତା କରେ ନାହିଁ। ହେଉନା ତାହା ଆଣବିକ ବୋମା ଅବା ବିସିଜି ଟୀକା । ନୂତନ ସୃଷ୍ଟିର ଆନନ୍ଦରେ ସେ ବିଭୋର ଥାଏ । କିନ୍ତୁ କ୍ରମେ ସ୍ରଷ୍ଟା ତାର ସୃଷ୍ଟିର ପରିଣତି ବିଷୟରେ ଧ୍ୟାନ ଦେଇ ଥାଏ !!

ଏହାର ଅର୍ଥ କ'ଣ ? ଦାନବ ମାନେ ହିଁ ବାରମ୍ବାର ପ୍ରଥମେ ଦେବତାମାନଙ୍କୁ ହଇରାଣ କରିବାକୁ ଯାଇଛନ୍ତି । ଠିକ୍ ତାରକାମୟ ଯୁଦ୍ଧ ଭଳି ଏଥର ମଧ୍ୟ ହିରଣ୍ୟାକ୍ଷ ପ୍ରଥମେ ଅନ୍ୟାୟ କରି ଦେବତାଙ୍କ ପ୍ରତିଦ୍ୱନ୍ଦୀ ହେବାକୁ ଯାଇଛି । ସେ ଭୁଲି ଯାଇଛିଯେ, ଶୈଶବରେ ଅଦିତି ସପତଣୀର ସନ୍ତାନ ଭାବି ସେମାନଙ୍କୁ କେବେ ଈର୍ଷା କରି ନାହାନ୍ତି । ନିଜ ଭଗିନୀର ସନ୍ତାନମାନଙ୍କୁ ନିଜ ସନ୍ତାନ ପରି ପାଳନ କରିଛନ୍ତି । ସେ ମଧ୍ୟ ଶୈଶବରୁ ତାଙ୍କୁ ବାରମ୍ବାର ବୁଝାଇ ଆସିଛନ୍ତି ଯେ, ତାଙ୍କର ପିତା ଉଭୟ ବହିର୍ବିଜ୍ଞାନରେ ଓ ଅନ୍ତର୍ବିଜ୍ଞାନରେ ପାରଦର୍ଶୀ ଥିଲେ । କିନ୍ତୁ ସେ ବିଶ୍ୱାସ କରନ୍ତି ଯେ, ଏହି ଉଭୟ ବିଜ୍ଞାନ ସେହି ଅସୀମ ଶକ୍ତିଶାଳୀ ବିଷ୍ଣୁଙ୍କର ଶକ୍ତିର ସ୍ୱରୂପ ଅଟେ । କେବଳ ଏହାକୁ ଉପଯୁକ୍ତ ମାର୍ଗରେ ଉପଯୋଗ କରିବା ପ୍ରୟୋଗକର୍ତ୍ତା ଉପରେ ନିର୍ଭର କରେ । ସେହି ବିଷ୍ଣୁଙ୍କ ବ୍ୟତୀତ ଏହି ବିଶ୍ୱରେ ଅନ୍ୟ କିଛି ନାହିଁ ଏବଂ ଯେ ଯେଉଁ ରୂପରେ ତାଙ୍କୁ ଭଜିଥାଏ,ସେ ତାକୁ ସେହି ରୂପରେ ପ୍ରାପ୍ତ ହୋଇଥାନ୍ତି । ଏତଦ୍ ବ୍ୟତୀତ ଅନ୍ତର୍ବିଜ୍ଞାନର ଭୁଲ ପ୍ରୟୋଗ କରାଗଲେ ତାହା ବ୍ୟକ୍ତିଗତ ହୋଇ ଥିବାରୁ ଜଣଙ୍କର କ୍ଷତି କରିଥାଏ । କିନ୍ତୁ ବହିର୍ବିଜ୍ଞନର ଭୁଲ ପ୍ରୟୋଗ ହେଲେ ତାହା ସମୂହ ପାଇଁ ହୋଇଥିବାରୁ ଏହା ସମଗ୍ର ବିଶ୍ୱକୁ ବି ଧ୍ୱଂସ କରିଦେଇପାରେ । ତେଣୁହେ ପୁତ୍ର, ତୁମେମାନେ ବୈମାତୃକ ଭ୍ରାତା ମାନଙ୍କ ପ୍ରତି ଈର୍ଷା ପରାୟଣ ହୋଇ କେବେ ଭଗବାନ ବିଷ୍ଣୁଙ୍କର ଆକ୍ରୋଶକୁ ନିମନ୍ତ୍ରଣ କରିବ ନାହିଁ।'

ଅଥଚ ସେମାନେ କ'ଣ ଧ୍ୟାନ ଦେଇ ତାଙ୍କ କଥା ଶୁଣିଲେ ନା ମାନିଲେ ? ସେହି ମଧୁ କୈଟବଙ୍କ ହତ୍ୟାକାରୀ ବିଷ୍ଣୁ ? ସେହି ଦେବତା ମାନଙ୍କ ଆରାଧ ପ୍ରିୟତମ ବିଷ୍ଣୁ ? ଏହିଭଳି କହି ସେମାନେ ତାଙ୍କ ମାତାଙ୍କ ନିକଟରେ ତାଙ୍କ ପଛରେ ବିଷ୍ଣୁଙ୍କୁ ଉପହାସ କରୁଥିବାର ସେ ଜାଣିଥିଲେ । ଆଉ ଦିତି ମଧ୍ୟ ପୂର୍ବ କଥାକୁ ଭୁଲିଯାଇ ଦୂରଦୃଷ୍ଟି ହୀନା ଭଳି ସେମାନ ଙ୍କର ଏ ସ୍ୱର୍ଗ ଅଭିଯାନ ରେ ଏତେ ଗର୍ବିତା ହେଉଛନ୍ତି କାହିଁକି ? ସେ ନିଜ ପୁତ୍ର ମାନଙ୍କ ଏକତା ବଳରେଏକ ଶତ୍ରୁ ଶୂନ୍ୟ ଅଖଣ୍ଡ ଭାରତ ଗଠନ କରିବାର ସ୍ୱପ୍ନ ଦେଖିଥିଲେ ।ସେଥିପାଇଁ ଦେବତା ମାନଙ୍କୁ ଅନ୍ତର୍ବିଜ୍ଞାନ ଓ ଦାନବ ମାନଙ୍କୁ ବହିର୍ବିଜ୍ଞା ରେ ସେ ବଳଶାଳୀ କରିଥିଲେ । ଆକାଶରେ ଇନ୍ଦ୍ର ଗ୍ରହ ଓ ତାର ଉପଗ୍ରହ ମାନେ ଜଳ ପୂର୍ଣ୍ଣ ଗ୍ରହ ଥିଲେ । ତାଙ୍କ ପତ୍ନୀ ପୌଲମୀ ଓ ଶଚି ରୂପେ ସେ ( ମିରାଣ୍ଡା ଓ ଏରିଏଲ୍) ଙ୍କୁ ନାମ ଦେଇଥିଲେ । ( ଏରିଏଲ ଥରେ ଇନ୍ଦ୍ର ଙ୍କୁ ପରିକ୍ରମା କଲାବେଳେ ସେ ନିଜେ ଚଉଦ ଥର ନିଜକୁ ପରିକ୍ରମା କରୁଥିଲେ ।

ସେହିପରି ବରୁଣ ମଧ୍ୟ ଜଳ (ବରଫ) ପୂର୍ଣ୍ଣ ସମୁଦ୍ର ପରି ନୀଳ ଗ୍ରହ, ଯମ ଏକ ଜୀବନ ଘାତକ ( ନାଇଟ୍ରୋ ଜେନ, ମିଥେନ୍, କାର୍ବନ) ଗ୍ରହ,ଏହାକୁ କୁକୁର ଗ୍ରହ ( ଭାରତୀୟ ବିଶ୍ୱାସ ରେ କୁକୁର ଯମ ଙ୍କ ବାହନ)ଆଦି । ଜ୍ୟୋତିଷ ମତରେ ଅନ୍ତର୍ବିଜ୍ଞାନରେ ଏମାନଙ୍କର ବିଭିନ୍ନ ପ୍ରଭାବ ଅଛି । ଦେବତା ମାନେ ସାଧନା ବଳରେ ସେହି ଶକ୍ତି ଗୁଡ଼ିକ ନିଜ ମଧ୍ୟକୁ ଆଣିଥି ଲେ ଓ କାର୍ଯ୍ୟକାରୀ କରୁଥିଲେ । । ତେଣୁ ଯଜ୍ଞ ରେ ଏହି ମାନଙ୍କ ନାମ ରେ ଆହୁତି ଦେଲେ ବାଞ୍ଛା ପୂରଣ ହେଉଥିଲା ଓ ପୃଥିବୀରେ ସେମାନେ ଯଜ୍ଞ ଭାଗ ପାଉଥିଲେ ।( ଆପାତତଃ ସେମାନେ ଐଶ୍ୱରୀୟ ଶକ୍ତି ରେ ଶକ୍ତିଶାଳୀ ଥିଲେ ଓ ନିୟତି କୁ ନିୟନ୍ତ୍ରିତ କରୁଥିଲେ । ମୁନି ଓ ଋଷିମାନେ ନିଜ ଚିନ୍ତା ଓ ଚେତନା ବଳରେ ସମାଜ ଓ ଜୀବନ ର ଉନ୍ନତି କରୁଥିଲେ ।

ଏଣେ ହିରଣ୍ୟାକ୍ଷ ସ୍ୱର୍ଗ ପୁରକୁ ଯାଇ ଦେଖିଲାଯେ, ଇନ୍ଦ୍ର ରାଜାଙ୍କ ସହିତ ସମସ୍ତ ଦେବତା ମାନେ ଭୟରେ ସ୍ୱର୍ଗ ସମ୍ପଦ ଛାଡ଼ିଦେଇ ପଳାୟନ କରିଛନ୍ତି । ପ୍ରଥମେ ଅମରାବତୀ ର ଐଶ୍ୱର୍ଯ୍ୟ ଓ ବୈଭବ ଦେଖିସେ ଆନନ୍ଦରେ ଗର୍ଜନ କରିବାରେ ଲାଗିଲା । ପୁଣି କିଛି ମୁହୂର୍ତ୍ତ ସେଠାରେ ରହି ସେ ସମୁଦ୍ର ମଧ୍ୟରେ ପ୍ରବେଶ କଲା । ହିରଣ୍ୟାକ୍ଷ ବିଜ୍ଞାନ ବଳରେ ସେହି ଅଗାଧ ଜଳ ମଧ୍ୟରେ ପ୍ରବେଶ କରି ଦେଖିଲା ଯେ, ପ୍ରଳୟ ଜଳରେ ବୁଡି ଯାଇଥିବା ସେହି ବିଶାଳ ଜଳରାଶି ମଧ୍ୟରେ କିଛି ସ୍ଥଳ ଭାଗ ବର୍ତ୍ତି ରହିଅଛି । ( ଭୂମିକମ୍ପ ବା ଉଲକା ପାତ ହେଲେ ପୃଥିବୀ ଓଲଟି ଯାଇପାରେ । ଅର୍ଥାତ୍ ଜଳ ଭାଗ ସ୍ଥଳ ଭାଗକୁ ମାଡ଼ିଯାଏ ଓ ଜଳ ଭାଗ ସ୍ଥଳ ଭାଗ ହୋଇଯାଏ ।) ସେଠାରେ ବରୁଣ ନାମକ ସମୁଦ୍ରର ଅଧିପତି ବାସକରୁଛନ୍ତି ।(ବରୁଣ ଜଣେ ନଥିଲେ)ତାହାର ଜଳ ଯାନ ସାହାଯ୍ୟରେ ସେହି ସମୁଦ୍ର ଭିତରକୁ ଯାଇ ବିଜ୍ଞାନ ବଳରେ ଗଭୀର ସମୁଦ୍ର ଭିତରେ ପ୍ରବେଶ କଲା ଏବଂ ଜଳ ଜନ୍ତୁ ମାନଙ୍କୁ ବିନାଶ କରିବାକୁ ଇଚ୍ଛା କଲା । ଜଳଜନ୍ତୁ ମାନେ ତାର ଭୟରେ ଗଭୀରତମ ସମୁଦ୍ର ମଧ୍ୟକୁ ଚାଲିଗଲେ ।

ଦିନେ ରାତ୍ରିରେ ସମୁଦ୍ର ମଧ୍ୟରେ ସନ୍ତରଣ କରୁକରୁ ଦୈତ୍ୟ ହିରଣ୍ୟାକ୍ଷ ସମୁଦ୍ର ମଧ୍ୟସ୍ଥ ଦ୍ୱୀପର ଅଧିପତି ବରୁଣଙ୍କ ନିକଟ ରେ ପହଞ୍ଚିଲେ । ସେ ତାଙ୍କୁ କହିଲେ 'ହେ,ବରୁଣ ତୁମେ ହେଉଛ ଦିଗ ପାଳ ଏବଂ ଯୋଦ୍ଧା ମାନଙ୍କ ମଧ୍ୟରେ ଅନ୍ୟତ ମ । ଏବେ ଆସ, ମୋ ସହିତ ଯୁଦ୍ଧ କର । ଯୁଦ୍ଧରେ ଜିତି ଦଶ୍ୱାଶ୍ୱମେଧ ଯଜ୍ଞ କରି ବିଜେତା ହୁଅ । ବରୁଣ ଏହା ଶୁଣି କହିଲେ ' ଆପଣଙ୍କ ଭଳି ଯୋଦ୍ଧା ଙ୍କ ସହିତ ମୁଁ ସମକକ୍ଷ ହେବି ନାହିଁ। କେବଳ ଭଗବାନ ହେଉଛନ୍ତି ତୁମର ସମକକ୍ଷ ପ୍ରତିଦ୍ୱନ୍ଦୀ। ସେହିଁ ତୁମର ବିନାଶ କରିପାରିବେ । ଏହାଶୁଣି ହିରଣ୍ୟାକ୍ଷ ଭାବିଲେ କି ସ୍ୱର୍ଗର ନୃପତି ଇନ୍ଦ୍ର ହେଉଛନ୍ତି ମୋର ପରମ ଶତ୍ରୁ । ଏହାଙ୍କୁ ବିନାଶ କରି ମୋର ଲାଭ କ'ଣ ? ବରୁଣଙ୍କର ସୈନ୍ୟବାହିନୀ ଏହି ସାମୁଦ୍ରିକ ଜୀବ, ଜନ୍ତୁ ମାନଙ୍କୁ ମୁଁ ଅକ୍ଲେଶରେ ବିନାଶ କରିପାରିବି । ତେଣୁ ପ୍ରବଳ ପରାକ୍ରମୀ କଶ୍ୟପଙ୍କ ଦ୍ୱାରା ଗଠିତ ହିରଣାକ୍ଷ ଜଳମଗ୍ନ ସେହି ଅଳ୍ପ ମାତ୍ର ମେଦିନୀରେ ପ୍ରଭୁତ୍ୱ ବିସ୍ତାର କରିବା ପାଇଁ ଆଗେଇ ଆସି ଦେଖିଲେ ଯେ, ଏକ ବିଶାଳ କାୟ ବଳଶାଳୀ ବରାହ ସେହି ପୃଥିବୀକୁ ଅଧିକାର କରିଛନ୍ତି । ବେଦ ରଚନା ସମୟରେ ପୃଥିବୀ ବିଶେଷତଃ ଭାରତର ଜନସଂଖ୍ୟା ବହୁତ କମ୍ ଥିଲା । ନିଜ ବଂଶର ବୃଦ୍ଧି କରି ସେହି ସ୍ଥାନକୁ ନିଜ ଅଧିନସ୍ଥ କରି ରଖିବାକୁ ହିରଣ୍ୟାକ୍ଷ ଦୃଢ଼ ସଂକଳ୍ପ । ଅପରପକ୍ଷରେ ଆର୍ଯ୍ୟମାନେ ଓ (ସେତେବେଳେ ସମୁଦ୍ର ପତ୍ତନ ସହ ସମାନ ଭୂମି ପାତାଳ ନାମରେ ଅଭିହିତ ଥିଲା । ଦକ୍ଷିଣ ଭାରତର ସମୁଦ୍ର ମଧ୍ୟସ୍ଥ ଭୂମି ଓ ଦ୍ୱିପ ମାନ ଏହାର ଅନ୍ତର୍ଭୁକ୍ତ ଥିଲା) ଦେବତା ମାନେ ମଧ୍ୟ ସେହି ସ୍ଥାନକୁ ଅଧିକାର କରିବା ପାଇଁ ଏବଂ ହିରଣ୍ୟାକ୍ଷକୁ ବିନାଶ କରିବା ପାଇଁ ବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲେ । ତେଣୁ ବିଷ୍ଣୁଙ୍କ ପରାମର୍ଶରେ ବ୍ରହ୍ମାନିଜ ଯୋଗ ବଳରେ ମାତ୍ର ଏକ ଆଙ୍ଗୁଳି ପରିମାଣ ରେ ଏକ ଶୂକରକୁ ସୃଷ୍ଟି କରି ନାସା ରନ୍ଧ୍ରରୁ ବାହାର କଲେ ଏବଂ ତାହା ବିଶାଳ ଆକୃତି ଧାରଣ କରିବାରେ ଲାଗିଲା । (ଶ୍ରୀମଦ୍ ଭାଗବତ ରେ ଏହିଭଳି ଅନେକ ଘଟଣା ପ୍ରତୀକାତ୍ମକ ଭାବେ ସଂ କ୍ଷେପ ରେ ଅଛି ।ବ୍ରହ୍ମାଙ୍କର ଏକ କଳ୍ପ ମାନବ ର ଗୋଟିଏ ଦିନ ସହିତ ସମାନ ।ହୁଏତ ସୂର୍ଯ୍ୟ ଙ୍କ ସୃଷ୍ଟି ଠାରୁ ମୀନ ସୃଷ୍ଟି ଓ ମୀନ ମାନବ ପର୍ଯ୍ୟନ୍ତ ବିବର୍ତ୍ତିତ ହେବା ଗୋଟିଏ କଳ୍ପ ସମୟ ହୋଇପାରେ ।କିନ୍ତୁ ରାଜା ସତ୍ୟବ୍ରତ ଏହାକୁ ଗୋଟିଏ ଦିନ ଓ ଗୋଟିଏ ରାତ୍ରି ମଧ୍ୟ ରେ ସମୁଦ୍ର ଆକାର ରେ ବଢିବାର ଦେଖିଥିଲେ । ସେହିପରି ଏକ କ୍ଷୁଦ୍ର ଜୀବ ଶୂକର, ବାଘ ବା ହସ୍ତୀରେ ପରିଣତ ହେବାକୁ ବହୁତ ସମୟ ଲାଗିଥିବ । କିନ୍ତୁ ବ୍ରହ୍ମାଙ୍କ ନାସାରୁ ( ବ୍ରହ୍ମାଙ୍କ ଜୀବନ,ବ୍ରହ୍ମ) ମାତ୍ର ଅଳ୍ପ ସମୟ ରେ ଏକ ଅଙ୍ଗୁଳିରୁ ଶୂକର ପର୍ଯ୍ୟନ୍ତ ବଢ଼ିଗଲେ । (କ୍ରମଶଃ)


+ ବାଲିଝରି, କାନପୁର, ବଡ଼ମ୍ବା, କଟକ

# ଯାହାଙ୍କ ପାଇଁ କେହି ନାହାନ୍ତି, ସରକାରୀ ବ୍ୟବସ୍ଥା ସବୁବେଳେ ତାଙ୍କ ପାଖରେ ଅଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬/୪(ନି. ପ୍ର): ଭୁବନେଶ୍ୱରରୁ ଚୋରି ହୋଇଥିବା ଶିଶୁ ପୁତ୍ର ଉଦ୍ଧାର ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୁସି ବ୍ୟକ୍ତ କରିବା ସହ ଏଥିପାଇଁ ପୋଲିସ ପ୍ରଶାସନକୁ ପ୍ରଶଂସା କରିଛନ୍ତି । ମୁଖ୍ୟମନ୍ତ୍ରୀ ଏକ୍ସରେ ଲେଖିଛନ୍ତି ଭୁବନେଶ୍ୱରରୁ ଚୋରି ହୋଇଥିବା ଶିଶୁ ପୁତ୍ର ନିଜ ଦୃଷ୍ଟି ବାଧିତ ମା' କୋଳକୁ ଫେରି ଆସିବା ଖବର ମୋତେ ଆଶ୍ୱସ୍ତି ପ୍ରଦାନ କରିଛି । ସମ୍ପୃକ୍ତ ମା'ଙ୍କ ମୁହଁରେ ଶିଶୁ ପୁତ୍ରକୁ ପାଇବାର ହସ ଦେଖି ମୁଁ ଅତ୍ୟନ୍ତ ଆନନ୍ଦିତ । ଘଟଣା ଘଟିବାର ୩ ଦିନ ମଧ୍ୟରେ ଶିଶୁ ପୁତ୍ରକୁ ଉଦ୍ଧାର କରାଯାଇଛି । ଜଣେ ଗରିବ, ଅସହାୟ ମହିଳାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ ପୋଲିସ ପ୍ରଶାସନର ପଦକ୍ଷେପ ନିଶ୍ଚୟ ପ୍ରଶଂସନୀୟ । ତୃଣମୂଳସ୍ତରରେ ସବୁ ସମସ୍ୟାର ସମାଧାନ ପାଇଁ ଲୋକଙ୍କ ଆହୁରି ନିକଟତର ହୋଇ କାମ କରିବା ଦିଗରେ ଆମ ସରକାର ସର୍ବଦା ସମ୍ବେଦନଶୀଳ । ପ୍ରତ୍ୟେକଟି ଓଡ଼ିଶାବାସୀ ବିଶେଷ କରି ଗରିବ, ଅସହାୟ ଲୋକମାନେ ଯାହାଙ୍କ ପାଇଁ କେହି ନାହାନ୍ତି, ସରକାରୀ ବ୍ୟବସ୍ଥା ସବୁବେଳେ ତାଙ୍କ ପାଖରେ ଅଛି । ତାଙ୍କ ସମସ୍ୟାର ସମାଧାନ ହିଁ ଆମର ସର୍ବୋଚ୍ଚ ପ୍ରାଥମିକତା ।

# ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ପାଇଁ ସୁଧ ମୁକ୍ତ ଋଣ ବ୍ୟବସ୍ଥା ଜାରି ରହିବ

ଭୁବନେଶ୍ୱର,୧୬/୪(ନି. ପ୍ର): ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇ ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ପାଇଁ ସୁଧ ମୁକ୍ତ ଋଣ ବ୍ୟବସ୍ଥାକୁ ଜାରି ରଖିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି । ସୂଚନା ଯୋଗ୍ୟ ଯେ, ଏହି ସୁଧ ମୁକ୍ତ ଋଣ ମୁକ୍ତ ବ୍ୟବସ୍ଥାକୁ ମୁଖ୍ୟମନ୍ତ୍ରୀ ପୂର୍ବରୁ ୩୧ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଜାରି ରଖିଥିଲେ । ଆଜି ଏହାକୁ ୨୦୨୫-୨୬ ଆର୍ଥିକ ବର୍ଷ ଓ ପରବର୍ତୀ ବର୍ଷ ଗୁଡିକ ପାଇଁ ଜାରିରଖିବା ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି । ଏହା ଦ୍ୱାରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡିକ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ । ଏହି ପଦକ୍ଷେପ ରାଜ୍ୟରେ ମହିଳା ଉଦ୍ୟୋଗୀ ଓ ଲକ୍ଷପତି ଦିଦି ସୃଷ୍ଟି କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହା ସହିତ ମହିଳା ଭାଗିଦାରୀ ଜରିଆରେ ରାଜ୍ୟର ଗ୍ରାମାଂଚଳ ଓ ସହରାଂଚଳର ଅର୍ଥନୀତି ସୁଦୃଢ ହେବ ବୋଲି ସେ କହିଛନ୍ତି ।

# ପାଟଣାଗଡରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ପୋଡି ଘଟଣାକୁ ମୁଖ୍ୟମନ୍ତ୍ରୀଙ୍କ ଦୃଢ ନିନ୍ଦା

ଭୁବନେଶ୍ୱର,୧୬/୪(ନି. ପ୍ର): ବଲାଙ୍ଗିର ଜିଲ୍ଲାର ପାଟଣାଗଡ ଠାରେ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତୀ ପୋଡି ଘଟଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଏହି ଘଟଣାର ତୀବ୍ର ନିନ୍ଦା କରିଛନ୍ତି । ଏ ଘଟଣାରେ ସଂପୃକ୍ତ ଥିବା ବ୍ୟକ୍ତି ନିଶ୍ଚିତ ଭାବରେ ଜଣେ ହୀନ ଓ ରୁଗ୍‌ଣ ମାନସିକତାର ବ୍ୟକ୍ତି ହୋଇଥିବେ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏ ଘଟଣାରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି । ବର୍ତମାନ ସୁଦ୍ଧା ଏ ଘଟଣାରେ ଜଣେ ବ୍ୟକ୍ତି ଗିରଫ ମଧ୍ୟ ହୋଇ ସାରିଛନ୍ତି । ଯଦି ଏହି ଘଟଣା ପଛରେ କିଛି ଷଡଯନ୍ତ୍ର ଥାଏ, ତେବେ ଏହାର ମଧ୍ୟ ପର୍ଦ୍ଦାଫାସ୍ କରିବାକୁ ମୁଖ୍ୟମନ୍ତ୍ରୀ ଦୃଢ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ସମସ୍ତ ବରପୁତ୍ରଙ୍କୁ ରାଜ୍ୟ ସରକାର ସମ୍ମାନ ଦେବାରେ ବିଶ୍ୱାସ କରନ୍ତି ଓ ପୂଜ୍ୟପୂଜା ପାଇଁ ସମସ୍ତ ପଦକ୍ଷେପ ନେଇ ଆସୁଛନ୍ତି । ବିଜୁବାବୁଙ୍କ ପ୍ରତି ତାଙ୍କର ବ୍ୟକ୍ତିଗତ ଭାବେ ଗଭୀର ସମ୍ମାନ ରହି ଆସିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିକଟରେ ମାର୍ଚ୍ଚ ୫ ତାରିଖରେ ବିଜୁବାବୁଙ୍କ ଜୟନ୍ତୀକୁ ରାଜ୍ୟ ସ୍ତରରେ ବିପୁଳ ଉତ୍ସାହର ସହ ପାଳନ କରାଯାଇଥିଲା । ସେଥିରେ ସେ ନିଜେ ଯୋଗ ଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ । ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ମଧ୍ୟ ଏପ୍ରିଲ ୧୭ ତାରିଖରେ ପାଳନ କରାଯିବ ।

# ୧୮ ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କଲା ବିଜେଡି

ଭୁବନେଶ୍ୱର, ୧୫ ଅପ୍ରେଲ - ୧୮ ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କରିଛି ବିଜେଡି । ବିଜେଡି ସାଂଗଠନିକ ନିର୍ବାଚନରେ ୧୮ ଜିଲ୍ଲା ପାଇଁ ଜଣେ ଲେଖାଏଁ ନାମାଙ୍କନ ଭରିଥିବାରୁ ସମସ୍ତେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଏନେଇ ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଅନୁଗୁଳ ଜିଲ୍ଲା ପାଇଁ ବ୍ରଜ କିଶୋର ପ୍ରଧାନ ବିଜେଡି ସଭାପତି ହୋଇଛନ୍ତି । ସେହିପରି ବରଗଡ-ସୁଶାନ୍ତ କୁମାର ମହାପାତ୍ର, ଭଦ୍ରକ-ଜଗନ୍ନାଥ ସ୍ୱାଇଁ , ବୌଦ୍ଧ-ପ୍ରଦୀପ ଅମାତ, ଦେବଗଡ-ରୋମାଂଚ ରଞ୍ଜନ ବିଶ୍ୱାଳ,ଗଜପତି-ପ୍ରଦୀପ ନାୟକ, ଜଗତସିଂହପୁର-ପ୍ରଶାନ୍ତ ମୁଦୁଲି , ଯାଜପୁର - ସରୋଜ କୁମାର ମହାପାତ୍ର, ଝାରସୁଗୁଡା - ହରିଶ ଗଂଗ୍ରା, କନ୍ଧମାଳ- ପଦ୍ମନାଭ ବେହେରା, ମାଲକାନଗିରି - ମାନସ ମାଡକାମୀ,ମୟୂରଭଞ୍ଜ ୧ - ସୁଦାମ ମାରାଣ୍ଡି, ନବରଙ୍ଗପୁର - ମନୋହର ରନ୍ଧାରୀ , ନୟାଗଡ଼ - ରମେଶ ବେହେରା, ନୂଆପଡା - ଅବନୀ ରଞ୍ଜନ ଯୋଶୀ , ପୁରୀ-ଉମାକାନ୍ତ ସାମନ୍ତରାୟ , ସୁବର୍ଣ୍ଣପୁର - ସରୋଜ କୁମାର କମ୍ପା ଓ ସୁନ୍ଦରଗଡ଼ - ଯୋଗେଶ କୁମାର ସିଂ ସଭାପତି ହୋଇଛନ୍ତି ।

# ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଜାଳିଦେବା ଘଟଣାକୁ ନିନ୍ଦା କଲେ ସଞ୍ଜୟ ଦାସବର୍ମା

ଭୁବନେଶ୍ୱର,୧୬/୪(ନି. ପ୍ର): ମହାନ ଜନନାୟକ, ପ୍ରବାଦ ପୁରୁଷ ତଥା ଭାରତବର୍ଷ ମୁକ୍ତି ଆନ୍ଦୋଳନର ଅନନ୍ୟ ଜନନାୟକ ବିଜୁ ପଟ୍ଟନାୟକ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ । ସେ କୌଣସି ଦଳ ବା ଗୋଷ୍ଠୀର ନେତା ନୁହନ୍ତି, ସେ ଓଡ଼ିଶାର ସର୍ବମାନ୍ୟ ନେତା ଓ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିବା ଓଡ଼ିଆ ଜାତିର ମହାନ ଜନନାୟକ । ବିଜୁ ବାବୁଙ୍କ ପ୍ରତିମୂର୍ତିରେ ନିଆଁ ଲଗାଇବା କେବଳ ଏକ ଜଘନ୍ୟ ଅପରାଧ ନୁହେଁ ଓଡ଼ିଶାର ସ୍ୱାଭିମାନୀ ଓ ଅସ୍ମିତାକୁ ଭୂଲୁଣ୍ଠିତ କଲା ଭଳି ଦୁର୍ଭାଗ୍ୟଜନକ ଘଟଣା । ଏହି ସରକାରରେ ଏକାଧିକ ଥର ବିଜୁ ବାବୁଙ୍କ ଅମ୍ଳାନ ସ୍ମୃତି ପ୍ରତି ଅପମାନ ଦେଲାଭଳି ଘଟଣା ଘଟି ଚାଲିଛି । ରାଜ୍ୟ ସରକାରଙ୍କ ନିରବତା ରହସ୍ୟମୟ । ଦିବଙ୍ଗତ ବିଜୁ ବାବୁଙ୍କ ପ୍ରତି ହେଉଥିବା ଏ ଅପମାନ ରାଜ୍ୟବାସୀଙ୍କୁ ଗଭୀର ବ୍ୟଥିତ କରିଛି । ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତି ପୋଡ଼ାଜଳା ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଦୁଃଖଦାୟକ ବୋଲି ଏକ ପ୍ରେସ ବିବୃତିରେ କହିଛନ୍ତି ବିଜୁ ଜନତା ଦଳର କାର୍ଯ୍ୟକ୍ରମ ରୂପାୟନ କମିଟିର ଆବାହକ ସଞ୍ଜୟ କୁମାର ଦାସବର୍ମା । ଶ୍ରୀ ଦାସବର୍ମା କହିଥିଲେ ଯେ, ଏହି ଘଟଣାକୁ ମୁଁ ତୀବ୍ର ନିନ୍ଦା କରୁଛି ଓ ଏହି ଘଟଣାରେ ସଂପୃକ୍ତ ବ୍ୟକ୍ତି ମାନଙ୍କୁ ତୁରନ୍ତ ଗିରଫ ଦାବି କରୁଛି । ଆଗକୁ ଏହିଭଳି ଘଟଣାକୁ ବିଜୁ ଜନତା ଦଳ ବରଦାସ୍ତ କରିବ ନାହିଁ, ଏହାର ଉଚିତ ଜବାବ ଦିଆଯିବ ।

# ଶଙ୍ଖ ଭବନ କରିବା ପଛରେ ବଡ଼ ଷଡ଼ଯନ୍ତ୍ର ଥିଲା : ପ୍ରଶାନ୍ତ ଜଗଦ୍ଦେବ

ଭୁବନେଶ୍ୱର,୧୬/୪(ନି. ପ୍ର): ଶଙ୍ଖ ଭବନ କରିବା ପଛରେ ବଡ଼ ଷଡ଼ଯନ୍ତ୍ର ଥିଲା ବୋଲି କହିଛନ୍ତି ଖୋର୍ଦ୍ଧାର ବିଜେପି ବିଧାୟକ ପ୍ରଶାନ୍ତ ଜଗଦ୍ଦେବ । ସେ କହିଛନ୍ତି ବିଜୁ ଜନତା ଦଳ କାର୍ଯ୍ୟାଳୟ କାହିଁକି ଲେଖିଲେ ନାହିଁ, ଶଙ୍ଖ ଭବନ କାହିଁକି ଲେଖିଲେ । ବିଜୁ ବାବୁଙ୍କ ନାଁ ଓ ତାଙ୍କ ବିଚାର ଧାରାରେ ଦଳ ତିଆରି ହୋଇଥିଲା, ହେଲେ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ତାଙ୍କ ନାଁ କାହିଁକି ଲେଖିଲେ ନାହିଁ । ଶଙ୍ଖ ଭବନ କଣ ପାଇଁ ହେଲା । ଏହା ପଛରେ ବହୁତ ଷଡ଼ଯନ୍ତ୍ର ଥିଲା । ଆଗ ବିଜୁଙ୍କୁ ହଟାଇବେ, ତାପରେ ନବୀନଙ୍କୁ ହଟାଇବେ, ଆଉ ତାପରେ ଶଙ୍ଖକୁ ଦଖଲ କରି ନେତୃତ୍ୱ ନେବାର ଷଡ଼ଯନ୍ତ୍ର ରଚା ଯାଇଥିଲା । ଷଷ୍ଠ ଥର ପାଇଁ ନବୀନ ମୁଖ୍ୟମନ୍ତ୍ରୀ ହୋଇଥିଲେ, ତାଙ୍କୁ ସାଇଡ କରି ଅନ୍ୟ ଜଣେ ଦାୟିତ୍ୱ ନେଇ ଯାଇଥାନ୍ତେ । ନବୀନଙ୍କୁ ହଟାଇବା ପାଇଁ ବିରାଟ ବଡ଼ ଷଡ଼ଯନ୍ତ୍ର ହୋଇଥିଲା । ନବୀନ ବାବୁ ୨୫ ବର୍ଷ ଶାସନରେ ରହିବା ପରେ ବି ବିଜେଡ଼ି କାର୍ଯ୍ୟାଳୟକୁ ଦିନେ ଚୂନ ଟିକେ ବି ମାରିଲେ ନାହିଁ । ଏମାନେ ସରକାରୀ କ୍ୱାର୍ଟରକୁ ଭାଙ୍ଗି ସେଠି ଶଙ୍ଖ ଭବନ ତିଆରି କଲେ । ବିଜେଡ଼ି ତିଆରି କରିଥିବା ଲୋକ ହିଁ ବିଜୁ ବାବୁଙ୍କୁ ହଟାଇ ଦେଲେ । ପ୍ରଥମେ ବିଜୁ ବାବୁଙ୍କ ଫଟୋ ଛୋଟ କଲେ, ତାପରେ ପୁରା ହଟାଇ ଦେଲେ । ସେମାନେ ବିଜୁ ବାବୁଙ୍କୁ ଅବହେଳା କରିଥିଲେ ବୋଲି ଅଭିଯୋଗ କରିଛନ୍ତି ପ୍ରଶାନ୍ତ ଜଗଦ୍ଦେବ ।

# ଧର୍ମଶାଳା ପୂର୍ବତନ ବିଧାୟକ ନିଜ କର୍ମକୁ ଘୋଡାଇବାକୁ ଅଭିଯୋଗ କରୁଛନ୍ତି : ହିମାଂଶୁ ସାହୁ

ଭୁବନେଶ୍ୱର,୧୬/୪(ନି. ପ୍ର): ଧର୍ମଶାଳାର ପୂର୍ବତନ ବିଧାୟକଙ୍କ ଉପରେ ଆକ୍ରମଣ ଘଟଣାରେ ବିଜେପି ବିଧାୟକ ହିମାଂଶୁ ଶେଖର ସାହୁ କହିଛନ୍ତି ମୁଁ ରାଜ୍ୟ ବାହାରେ ଥିଲି ଆଜି ପହଂଚିଲି । ସେ ଘଟଣାରେ ଆମର କିମ୍ବା ଆମ ଦଳର କୌଣସି ସମ୍ପର୍କ ନାହିଁ । ବିଜେଡି ଆଉ ବିଜେଡି ମଧ୍ୟରେ ଏ ଗଣ୍ଡଗୋଳ । ବିଜେଡିରେ ଅନ୍ତକନ୍ଦଳ ଆରମ୍ଭ ହୋଇ ଯାଇଛି । ବିଜେଡିର ଅନ୍ତକନ୍ଦଳ ଯାଇ ଧର୍ମଶାଳା ଆରୁହାରେ ପଂଚାୟତରେ ପହଂଚିଛି । ବିଜେଡି ଭିତରେ ତାଙ୍କ ତାଙ୍କ ଭିତରେ ଗଣ୍ଡଗୋଳ । ଧର୍ମଶାଳା ପୂର୍ବତନ ବିଧାୟକ ନିଜ କର୍ମକୁ ଘୋଡାଇବାକୁ ଯାଇ ବିଧାୟକଙ୍କ ନାଁ ରେ ଅଭିଯୋଗ କରୁଛନ୍ତି । ବିଜେଡିର ଲୋକ ଯେତେବେଳେ ମୋ ଉପରେ ଯାଜପୁରରେ ଆକ୍ରମଣ କଲେ , ୨୪ ବର୍ଷରେ ଅନ୍ୟାୟ ଅନୀତି ହେଉଥିଲା । ସେତେବେଳେ ତ ପୂର୍ବତନ ମୁଖ୍ୟମନ୍ତ୍ରୀ କାହିଁକି ଏକ୍ସ' ହ୍ୟାଣ୍ଡଲରେ ତ କିଛି ଲେଖୁ ନ ଥିଲେ । ନା ସେତେବେଳେ ତାହା କାମ କରୁ ନ ଥିଲା କେବଳ ଏବେ କାମ କରୁଛି । ତାଙ୍କ ' ଏକ୍ସ ' ହ୍ୟାଣ୍ଡଲରେ ସିଏ ଚଳାଉଛନ୍ତି ନା ଆଉ କିଏ ଚଳାଉଛନ୍ତି । ସବୁଠୁ ଉର୍ଦ୍ଧ୍ୱରେ ଆଇନ । ଯିଏ ଦୋଷୀ ପୋଲିସ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ । ବିଜେଡିର ଯେଉଁ ଦୁଇ ଗୋଷ୍ଠୀ ଏ ଘଟଣା ଘଟାଇଛନ୍ତି ତାଙ୍କ ବିରୋଧରେ ଆକ୍ସନ ହେବ । ତାଙ୍କ ଦଳ ଲୀନ ହେବାକୁ ଯାଉଛି । ବିଜେଡିର ପୂର୍ବତନ ବିଧାୟକ ଯେଉଁ ନାଁ ନେଉଛନ୍ତି ସେମାନେ ସବୁ ତାଙ୍କ ଦଳର । କମିଟି ମନା କରିଥିଲେ ପୂର୍ବତନ ବିଧାୟକଙ୍କୁ ସେଠାକୁ ଆସିବାକୁ । ସେମାନେ ନିମନ୍ତ୍ରଣ ମଧ୍ୟ ଦେଇ ନ ଥିଲେ । ସେପଟେ ପୂର୍ବତନ ବିଧାୟକ ସ୍ଥାନକୁ ଯିବା ପାଇଁ ଏସପିଙ୍କ ପାଖରୁ ସୁରକ୍ଷା ମାଗିଥିଲେ । ସେ ସ୍ଥାନକୁ ଯାଉଥିଲେ କାହିଁକି । ଆଇନ ହାତକୁ ନେଉଥିଲେ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି ।

# ବରପୁତ୍ରଙ୍କୁ ଅପମାନିତ କରିବା ନିନ୍ଦନୀୟ- ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର,୧୬/୪(ନି. ପ୍ର): ବରପୁତ୍ରଙ୍କୁ ଅପମାନିତ କରିବା ନିନ୍ଦନୀୟ ଯାହାକୁ ଉତ୍କଳ ସମ୍ମିଳନୀ ଘୋର ବିରୋଧ କରେ । ବଲାଙ୍ଗିର ଜିଲ୍ଲା ପାଟଣାଗଡ ଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତିରେ ନିଆଁ ଲଗାଇବା ଏକ ବିକୃତ ମାନସିକତାର ପରିଚୟ । ବରପୁତ୍ରଙ୍କ ପ୍ରତିମୂର୍ତି ଭାଙ୍ଗିବା କିମ୍ବା ନିଆଁ ଲଗାଇ ପୋଡିବା ଏକ ଅକ୍ଷମଣିୟ ଅପରାଧ, ଏହାକୁ ଯେତେ ନିନ୍ଦା କଲେ କମ ହେବ ବୋଲି ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି । ବିଜୁବାବୁ ଆଧୁନିକ ଓଡିଶାର ନିର୍ମାତା ଓ ତାଙ୍କ ମର ଶରୀରରେ ତିନି ତିନୋଟି ଦେଶର ଜାତୀୟ ପତାକା ଶୋଭା ପାଉଥିଲା । ଏଭଳି ବରପୁତ୍ର ଓଡିଶାରେ ଜନ୍ମ ନେବା ସାରା ରାଜ୍ୟବାସୀଙ୍କ ପାଇଁ ଗୌରବର ବିଷୟ । ପାଟଣାଗଡ ଘଟଣାକୁ ଉତ୍କଳ ସମ୍ମିଳନୀ ଦୃଢ କଣ୍ଠରେ ବିରୋଧ କରିବା ସହିତ ଏହି ଘଟଣାର ତଦନ୍ତ କରାଯାଇ ଦୋଷୀକୁ କଠୋର ଦଣ୍ଡ ଦେବା ପାଇଁ ଉତ୍କଳ ସମ୍ମିଳନୀ ଦାବି କରିଛି ।

# ମା କୋଳକୁ ଫେରିଲା ଚୋରି ଶିଶୁପୁତ୍ର : ଅପହରଣକାରି ଗିରଫ, ମହିଳା ଅଟକ

ଭୁବନେଶ୍ୱର,୧୬/୪(ନି. ପ୍ର): ରାମମନ୍ଦିର ସାମ୍ନାରୁ ଦୃଷ୍ଟିବାଧିତ ମା'ଠାରୁ ଚୋରି ହୋଇଥିବା ଦେଢ଼ବର୍ଷର ଶିଶୁପୁତ୍ରକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ରାଜଧାନୀରୁ ଚୋରି ଶିଶୁକୁ ବାଲେଶ୍ୱରରୁ ଉଦ୍ଧାର କରିଛି କମିସନରେଟ୍ ପୋଲିସ । ଲଗାତାର ୩ ଦିନ ଧରି ମାରାଥନ ଅପରେସନ୍ ପରେ ଚୋରି ଶିଶୁ ପୁତ୍ର ଶୁଭମ ମା କୋଳକୁ ଫେରିଛି । ଅପହରଣକାରିକୁ ଧରିବା ସହ ଅପହୃତ ଶିଶୁ ପୁତ୍ରକୁ ଉଦ୍ଧାର କରିଛି ପୋଲିସ । ଗିରଫ ଅପହରଣକାରି ହେଲା କେଦାରସନ ପଣ୍ଡା । ଅଭିଯୁକ୍ତକୁ ପଚରା ଉଚରା ପରେ ଅପହରଣ ପଛର ଅକୁହା କାହାଣୀର ଗୁମର ଖୋଲିଛି । ବାଲେଶ୍ୱର ବୋଇତା ଗାଁର ବିବାହିତା ମହିଳା ଝେଲମ ରାଣୀ ପଣ୍ଡାଙ୍କ କଥାରେ ପଡି କେଦାର ସନ ଶୁଭମକୁ ଅପହରଣ କରିଥିଲା । ଝେଲମ ରାଣୀ ପଣ୍ଡାଙ୍କର ୯ବର୍ଷର ପୁଅର କିଡ଼ନୀ ଖରାପ ଥିଲା ଏବଂ ଆଉ ଗୋଟେ ପିଲାକୁ ପାଳିବା ପାଇଁ ଚାହୁଁଥିଲା । ଝେଲମ ସହ କେଦାରର ସମ୍ପର୍କ ଥିବାରୁ ଅପହରଣ ଦୁଇଦିନ ପୂର୍ବରୁ ରାମ ମନ୍ଦିରରେ ଦୁଇ ବର୍ଷର ଶିଶୁକୁ ଠାବ କରିଥିଲା । ଏପରିକି ଭିଡ଼ିଓ କଲ କରି ଝେଲମକୁ ଦେଖାଇଥିଲା । ଏହାପରେ ଅପହରଣ ର ବ୍ଲୁ ପ୍ରିଂଟ ତିଆରି ହୋଇଥିଲା । ଯୋଜନା ମୁତାବକ ୧୨ ତାରିଖ ଦିନ ରାତିରେ ଭୁବନେଶ୍ୱରରେ ପହଂଚିଥିଲା କେଦାର । ରାତି ଦୁଇଟା ପର୍ଯ୍ୟନ୍ତ ପିଲା ସହ ଖେଳୁଥିଲା । ଦୃଷ୍ଟି ବାଧିତ ମହିଳା ଦେଖିପାରୁନଥିବାର ସୁଯୋଗ ନେଇ ଜୁସ ଦେବା ନାଁରେ ଅପହରଣ କରିନେଲା । କିଛି ସମୟ ପର୍ଯ୍ୟନ୍ତ ପୁଅକୁ ପାଖରେ ନପାଇ ସେ ଚିତ୍କାର କରି ଖୋଜା ଖୋଜି କରିଥିଲା । ଆଖପାଖ ଲୋକ ତା ପାଟି ଶୁଣି ଖୋଜା ଖୋଜି କଲେ ମଧ୍ୟ ଶିଶୁଟିର ସନ୍ଧାନ ପାଇଁ ନଥିଲେ । ତା ପରଦିନ ଜଣେ ଦୁର୍ବୃତ୍ତ ଦୁଇ ବର୍ଷର ଶିଶୁ ପୁତ୍ରକୁ ଅପହରଣ କରିନେଇଥିବା ଖାରବେଳ ନଗର ଥାନାରେ ଅଭିଯୋଗ କରିଥିଲେ । ଘଟଣାର ଗୁରୁତ୍ୱକୁ ଦେଖି ନିଜେ ମୁଖ୍ୟମନ୍ତ୍ରୀ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ତାଗିଦ କରିଥିଲେ । ତାପରେ ଆରମ୍ଭ ହେଲା ଅପରେସନ ଶୁଭମ । ଅପରେସନ୍ ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ପୋଲିସ କମିସନର ସୁରେଶ ଦେବଦତ୍ତ ସିଂ କହିଛନ୍ତି ଯେହେତୁ ରାତି ଦୁଇଟାରେ ଅପହରଣ ହେଲା.. ତେଣୁ ଫ୍ଲାଇଟ କି ବସ୍‌ରେ ନୁହେଁ ବରଂ ଟ୍ରେନ ଯୋଗେ ଅପହରଣକାରି ଖସି ପଳାଇ ଥିବା ସନ୍ଦେହ ବଢ଼ାଇ ଥିଲା । ହ୍ୟୁମାନ ଇଂଟେଲିଜେଂଟ, ଟେକ୍ନିକାଲ ଇଂଟେଲିଜେଂଟ ଏବଂ ସିସିଟିଭିକୁ ଆଧାର କରି ତଦନ୍ତ ହୋଇଥିଲା । ତାସହିତ ବଞ୍ଜାରା, ଭିକ୍ଷା ବୃତି କରୁଥିବା ଲୋକଙ୍କୁ ପଚରା ଉଚରା କରିଥିଲା ପୋଲିସ । ସିସିଟିଭି ରୁ ଅପହରଣକାରୀ ରାସ୍ତା ପାରିହେଉଥିବାର ଫୁଟେଜ ମିଳିଥିଲା । ଅଧିକ ଖୋଳ ତାଡ଼ ପରେ କେଦାର ମାଷ୍ଟର କ୍ୟାଂଟିନ ରେଳ ଷ୍ଟେସନକୁ ପିଲାକୁ ଧରି ପଶୁଥିବାର ଆଉ ଏକ ସିସିଟିଭି ଫୁଟେଜ୍ ମିଳିଥିଲା । ପିଲା ଚୋରି ରାକେଟ ସନ୍ଦେହ କରି ପୋଲିସର ୪ଟି ଟିମ୍ ବାଲେଶ୍ୱର, ଭଦ୍ରକ, କଲିକତା ଏବଂ ନୟାଗଡ଼କୁ ଯାଇଥିଲା । ବାଲେଶ୍ୱର ଷ୍ଟେସନରୁ ଅପହରଣକାରି, ଅପହୃତ ଶିଶୁ ଓ ମହିଳାଙ୍କ ସିସିଟିଭି ଫୁଟେଜ ସାମ୍ନାକୁ ଆସିଥିଲା । ବାଲେଶ୍ୱର ଷ୍ଟେସନ ପାଖରେ ଛାନବିନ ପରେ ଏକ ଅଟୋରେ ବସି ଉଭୟ ଫେରାର ହୋଇଯାଇଥିବା ପୋଲିସ ଜାଣିବାକୁ ପାଇଥିଲା । ଅଟୋ ନମ୍ବରରୁ ଅଟୋଚାଳକଙ୍କୁ ଠାବ କରିଥିଲା ପୋଲିସ । ପଚରା ଉଚରା ପରେ ଅପହରଣକାରି ଏବଂ ତା ସହ ଲିଙ୍କରେ ଥିବା ମହିଳାଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଛାଡିଥିବା କହିଥିଲା । ପୋଲିସ ସେଠାରେ ଖୋଳ ତାଡ଼ ପରେ ଦୁଇଟି ବାଇକ ଯୋଗେ ଅପହରଣକାରି ଏବଂ ମହିଳା ଅଲଗା ଅଲଗା ଦିଗରେ ସେଠାରୁ ପଳାଇ ଥିବା ଜଣାପଡିଥିଲା । ବାଇକ ନମ୍ବରରୁ ଟ୍ରାକ କରି ମହିଳାଙ୍କ ପାଖରେ ପହଞ୍ଚିଥିଲା ପୋଲିସ । ବାଇକ ଚାଳକଙ୍କ ଠାରୁ ତଥ୍ୟ ପାଇଁ ମହିଳାଙ୍କ ଘରେ ଚଢ଼ାଉ କରି ସେଠାରୁ ମହିଳା ଏବଂ ଅପହୃତ ଶିଶୁକୁ ଉଦ୍ଧାର କରିଥିଲା ପୋଲିସ । ତାଠାରୁ ତଥ୍ୟ ନେଇ ଅପହରଣକାରିକୁ ପୁରୀରୁ ଧରିଥିଲା ପୋଲିସ । ଧରା ନପଡିବା ପାଇଁ କୁନି ଶିଶୁଟିର ଆଗଚୁଟି କାଟିବା ସହ ଝିଅ ଡ୍ରେସ ପିନ୍ଧାଇ ଦେଇଥିଲେ । ମହିଳାଙ୍କୁ ପଚରା ଉଚରା ପରେ ଅପହରଣ ପଛର ରୋଚକ ତଥ୍ୟ ସାମ୍ନାକୁ ଆସିଥିଲା । ପିଲାକୁ ପାଳିବା ପାଇଁ ଚୋରି କରି ନେଇଥିବା ମହିଳା ପୋଲିସକୁ କହିଥିବା ବେଳେ ଏହି ଘଟଣା ପଛରେ ଅଙ୍ଗ ତସ୍କରି ଏବଂ ଅପହରଣ ପଛରେ ଟଙ୍କା କାରବାର ଏବଂ ମାନବ ଚାଲାଣ ରାକେଟ ଥାଇପାରେ ବୋଲି ସନ୍ଦେହ କରାଯାଉଛି । ଅନ୍ୟପକ୍ଷରେ ୩ ଦିନ ପରେ ପିଲାକୁ ପାଇ ଭାବ ବିହ୍ୱଳ ହୋଇଥିଲା ମାଆ ଜୟନ୍ତୀ ମଲିକ । ଆଖିରୁ ଝରି ପଡିଥିଲା ଧାର ଧାର ଲୁହ । ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ପୋଲିସକୁ ଅଶେଷ ସାଧୁବାଦ ଦେଇଥିଲେ ଦୃଷ୍ଟି ବାଧିତ ମାଆ ଜୟନ୍ତୀ ମଲିକ ।

# ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପୋଡିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ଅକ୍ଷମଣୀୟ: ବିଜେପି

ଭୁବନେଶ୍ୱର,୧୬/୪(ନି. ପ୍ର): ବଲାଙ୍ଗୀର ଜିଲ୍ଲା ପାଟଣାଗଡର ପର୍ଶୁରାମ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତିକୁ ପୋଡି ଦେବା ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ଅକ୍ଷମଣୀୟ । ସରକାରଙ୍କ ନିର୍ଦ୍ଦେଶରେ ଭଗବାନ ପର୍ଶୁରାମ ଏବଂ ବିଜୁ ବାବୁଙ୍କ ପ୍ରତିମୂର୍ତି ସ୍ଥାପନା କରିବାକୁ ପ୍ରଶାସନିକ ନିଷ୍ପତି ନିଆଯାଇଛି । ମାତ୍ର ଉନ୍ମୋଚନ ହେବା ପୂର୍ବରୁ ପ୍ରତିମୂର୍ତିକୁ ପୋଡିଦେବା ଅତ୍ୟନ୍ତ ନିନ୍ଦନୀୟ । ତ୍ୱରିତ ପଦକ୍ଷେପ ସ୍ୱରୂପ ଘଟଣାରେ ସଂପୃକ୍ତ ଯୁବକ ଯୁଗଲ କୁମାର ସାହୁ (ହୀରୁ)କୁ ତୁରନ୍ତ ଗିରଫ କରାଯାଇ ସରକାର ଓ ପ୍ରଶାସନ ତରଫରୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି । ଗିରଫ ଅଭିଯୁକ୍ତ ଯୁଗଲ ଜଣେ ମାନସିକ ବିକୃତ ବ୍ୟକ୍ତି ଏବଂ ଘଟଣା ସମୟରେ ନିଜେ ଛିଡା ହୋଇଥିବା ସ୍ପଷ୍ଟ ଦେଖାଯାଉଛି । ପ୍ରକାଶ ଥାଉକି, ଅଭିଯୁକ୍ତ ଯୁଗଲ କୁମାର ସାହୁ କିଛି ମାସ ପୂର୍ବରୁ ଏକ ଇଲେକ୍ଟ୍ରିକ ଖୁଂଟ ଉପରେ ଚଢି଼ଯାଇଥିଲେ ଏବଂ ଇଲେକ୍ଟ୍ରି ସପ୍ଲାଇ ବନ୍ଦ କରାଯାଇ ତାଙ୍କୁ ଉଦ୍ଧାର କରାଯାଇଥିଲ । ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ପ୍ରତି ଭାରତୀୟ ଜନତା ପାର୍ଟୀର ଯଥେଷ୍ଟ ସମ୍ମାନ ରହିଛି । ଏଭଳି ହୀନ ଘଟଣାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ରାଜ୍ୟ ବିଜେପି ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି ।

# ଏକମ୍ବା ପଂଚାୟତସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି ଶିବିର

ଜୟପୁର,୧୬/୪(ନି. ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଏକମ୍ବା ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶୁଣାଣି ଶିବିର ଆଜି ଦିନ ୧୧ଟାରେ ଆରମ୍ଭ ହୋଇ ଅପରାହ୍ନ ୧ ଘଂଟା ସମୟରେ ଶେଷ ହୋଇଥିଲା । ଏହି ଅଭିଯୋଗ ଶୁଣାଣିରେ ଏବିଡିଓ ମନୋଜ ନାୟକ, ଜିପିଓ ଶିବ ପଣ୍ଡା ଏପିଓ ସନ୍ତୋଷି ମହାପାତ୍ର, ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ଏୟାରପୋର୍ଟ ପାଇଁ ଜମି ଅଧିଗ୍ରହଣ କରିବାକୁ ବିରୋଧ କରିବା ସହ ପଂଚାୟତ ପରିସରରେ ଥିବା ପିଚୁ କାରଖାନାକୁ ବନ୍ଦ କରିବାକୁ ଗ୍ରାମବାସୀ ମାନେ ଦାବି କରିଥିଲେ । ଏହା ସହ ଉପସ୍ଥିତ ଅଧିକାରି ମାନେ ବିଭିନ୍ନ ସରକାରୀ ଯୋଜନା ର ଲାଭ କିପରି ପାଇବେ ସେ ନେଇ ସଚେତନ କରିଥିଲେ ।

# ୧୭ନଂ ୱାର୍ଡ ସଂଖ୍ୟାଲଘୁ ଭୂମିହୀନ ପଟ୍ଟା ପାଇବାରୁ ବଂଚିତ, ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତିଙ୍କ ନିକଟରେ ଅଭିଯୋଗ କଲେ ଭୂମିହୀନ

ଭଦ୍ରକ,୧୬/୪(ନି. ପ୍ର):- ରାଜ୍ୟ ଠାରୁ କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ଅସହାୟ ଭୂମିହୀନ ପରିବାରଙ୍କୁ ବିଭିନ୍ନ ଯୋଜନାରେ ଜମିପଟ୍ଟା ପ୍ରଦାନ ପୂର୍ବକ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ପ୍ରୋତ୍ସାହିତ କରିଆସୁଛନ୍ତି । କିନ୍ତୁ ଏବେବି ଭଦ୍ରକ ପୌରପାଳିକା ଅଧୀନରେ ଥିବା ବହୁ ୱାର୍ଡରେ ସଂଖ୍ୟାଧିକ ଭୂମିହୀନ ପରିବାର ଖରାବର୍ଷା ଶୀତ କାକରରେ ପଲ୍ଲା ମାରି ରାସ୍ତା ପାର୍ଶ୍ୱରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଜୀବନ ଅତିବାହିତ କରୁଛନ୍ତି । ଏପରିକି ଅନେକ ସମୟରେ ସରୀସୃପ ଜାତୀୟ ବିଷାକ୍ତ ଜୀବଙ୍କର ସେମାନେ ଶୀକାର ହେଉଛନ୍ତି । ତେବେ ଏହିଭଳି ୧୭ନଂ ୱାର୍ଡ ଭଳି କେତେକ ସଂଖ୍ୟାଲଘୁ ପୌରବାସୀ ଜିଲା ପ୍ରଶାସନ ପକ୍ଷରୁ ଅବହେଳିତ ହେବା ପରେ ଭଦ୍ରକ ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚାର ସଭାପତି ମହମ୍ମଦ ଅଲ୍ଲୀ ସବରଙ୍କୁ ଭେଟି ସେମାନଙ୍କର ଆପତି ଅଭିଯୋଗ ଶୁଣାଇଛନ୍ତି । ଏହି ଲୋକଙ୍କର ଅଭିଯୋଗ ମୂଳେ ମହମ୍ମଦ ଅଲ୍ଲୀ ସବର ସେମାନଙ୍କୁ ଆଶ୍ୱାସନା ଦେଇ ଏବେ ରାଜ୍ୟ ଓ କେନ୍ଦ୍ରରେ ବିଜେପିର ଡବଲ ଇଞ୍ଜିନ ସରକାର ରହିଥିବାରୁ ସେ ସେମାନଙ୍କର ଅଭିଯୋଗକୁ ସ୍ଥାନୀୟ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲା ପ୍ରଶାସନ ଓ ସ୍ଥାନୀୟ କାଉନ୍‌ସିଲରଙ୍କୁ ଅବଗତ କରାଇ ପ୍ରକୃତ ହିତାଧିକାରୀଙ୍କ ପ୍ରତି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରତିଶ୍ରୁତି ଦେଇଛନ୍ତି । ଏ ସଂପର୍କରେ ସବର ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ଗରିବର କୌଣସି ଜାତି ନାହିଁ । ପଛଧାଡିରେ ଠିଆ ହୋଇଥିବା ଲୋକଙ୍କୁ ଯେପର୍ଯ୍ୟନ୍ତ ଉପଯୁକ୍ତ ଉଚିତ୍ ନ୍ୟାୟ ମିଳିପାରିନାହିଁ, ସେପର୍ଯ୍ୟନ୍ତ ଏ ସରକାରର ଉଦ୍ଦେଶ୍ୟ ସଫଳ ହେବନାହିଁ ବୋଲି କହିଥିଲେ । ଆମ ଦଳ ଜାତି ଧର୍ମ ରୁ ଉର୍ଦ୍ଧ୍ୱରେ ରହି ମାନବ ସେବାକୁ ସାମାଜିକ କାର୍ଯ୍ୟ ବୋଲି ବିବେଚନା କରିଥାଏ ବୋଲି କହିଥିଲେ । ଏବଂ ଏହି ସରକାର ନିଶ୍ଚିତ ଭାବେ ଏହି ଭୂମିହୀନଙ୍କୁ ଜମି ଯୋଗାଇଦେବେ ବୋଲି ସେ ଆଶା ଓ ବିଶ୍ୱାସ ରଖିଛନ୍ତି ବୋଲି ଗଣମାଧ୍ୟମକୁ କହିଛନ୍ତି ।

# ଅଗ୍ନିବିପନ୍ନଙ୍କୁ ଭେଟି ସରକାରୀ ସହାୟତା ଯୋଗାଇଦେବାକୁ ଆଲୋଚନା କଲେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ

ଭଦ୍ରକ,୧୬/୪(ନି. ପ୍ର):ଭଦ୍ରକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଷ୍ଣୁପୁର ବିନ୍ଧା ଗ୍ରାମ ପଂଚାୟତ ପୋଡ଼ପୋଡ଼ା ଗ୍ରାମରେ ଟିପୁ ମୁଣ୍ଡା ଙ୍କ ଘରପୋଡି ଯାଇଛି । ଖବର ପାଇ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ପୀଡ଼ିତ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ବ୍ୟକ୍ତିଗତ ସହାୟତା ପ୍ରଦାନ ପୂର୍ବକ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗେଇ ଦେବାକୁ ତହସିଲଦାର ଓ ଜିଲ୍ଲା ପ୍ରଶାସନଙ୍କ ସହିତ ଆଲୋଚନା କରିଛନ୍ତି । ବିଜୁ ଜନତା ଦଳର ଭଦ୍ରକ ବ୍ଲକ ପୂର୍ବତନ ସଭାପତି ପ୍ରଫୁଲ୍ଲ ନାୟକ, ସ୍ଥାନୀୟ ସରପଂଚଙ୍କ ପ୍ରତିନିଧି ସୁରେନ୍ଦ୍ର ପୃଷ୍ଟି, ସ୍ଥାନୀୟ ସମିତି ସଭ୍ୟ ବଟକୃଷ୍ଣ ଜେନା, ଅର୍ଣ୍ଣପାଳ ଗ୍ରାମ ପଂଚାୟତ ର ପୂର୍ବତନ ସରପଂଚ ପ୍ରତାପ ମହାନ୍ତି, ଯୁବନେତା ଦେବାଶିଷ ଭାରତୀଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ କୁଳପତିମାନଙ୍କ ସମ୍ମିଳନୀ

ଭୁବନେଶ୍ୱର,୧୬/୪(ନି. ପ୍ର): ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୪ କୁଳାଧିପତିଙ୍କ ଅନୁମୋଦନ ଲାଭ କରିବା ପରେ ଆଜି ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଏକ ବୈଠକ ବସିଛି । ନୂଆ ଅଧିନିୟମ ଅନୁମୋଦନ ପାଇବାର ଦୁଇ ଦିନ ପରେ ବିଭାଗ ପକ୍ଷରୁ କୁଳପତିମାନଙ୍କ ସମ୍ମିଳନୀ ଡକାଯାଇଛି । ଉତ୍କଳ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍ ହଲ୍‌ରେ ହେବାକୁ ଥିବା ସମ୍ମିଳନୀରେ ଅଧିନିୟମ ଉପରେ ବ୍ୟାପକ ଆଲୋଚନା କରାଯିବ । ନିଯୁକ୍ତି ପ୍ରକ୍ରିୟା ପାଇଁ ଥିବା ନିୟମିତ , ପ୍ରଫେସର ଓ କର୍ମଚାରୀ ନିଯୁକ୍ତି ଯୋଜନା, ପାଠ୍ୟକ୍ରମରେ ସମାନତା, ବିଭିନ୍ନ ପିଜି ବିଭାଗଗୁଡିକୁ ମିଶାଇବା, ଅଣଶିକ୍ଷକ ପଦବିଗୁଡ଼ିକରେ ସମାନତା, ଭିତ୍ତିଭୂମି ପ୍ରକଳ୍ପ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପରେ ଏହି ବୈଠକରେ ଆଲୋଚନା କରାଯିବ । ୧୭ ବିଶ୍ୱବିଦ୍ୟାଳୟର କୁଳପତି, ବିଶ୍ୱବିଦ୍ୟାଳୟ କୁଳସଚିବ, ଉପ କୁଳସଚିବ, ପିଜି କାଉନ୍‌ସିଲ୍ ଅଧକ୍ଷ ମଧ୍ୟ ଏହି ସମ୍ମିଳନୀରେ ସାମିଲ ହୋଇଛନ୍ତି । ଉଚ୍ଚ ଶିକ୍ଷା ବିଭାଗର ମନ୍ତ୍ରୀ ଏହି ବୈଠକରେ ଉପସ୍ଥିତ ଅଛନ୍ତି ।

# ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି ଉପଲକ୍ଷେ ପଣା ବଂଟନ

ଭଦ୍ରକ,୧୬/୪(ନି. ପ୍ର):- ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି ,ହନୁମାନ ଜୟନ୍ତୀ ଓ ଓଡ଼ିଆ ନବ ବର୍ଷ ଅବସରରେ ଧୂଷୁରୀ ଅଟୋ ଚାଳକ ସଂଘ, ଧୂଷୁରୀ ବ୍ୟବସାୟୀ ସଂଘ ଏବଂ ଧୂଷୁରୀ ପ୍ରେସ ୟୁନିୟନ ତରଫରୁ ଧୂଷୁରୀ ଅଟୋ ଷ୍ଟାଣ୍ଡ ନିକଟ, ଥାନା ଛକ ତଥା ତାରିଣୀ ମଣ୍ଡପ ଠାରେ ପଣା ବଂଟନ କରା ଯାଇଥିଲା । ଗ୍ରୀଷ୍ମ ର ରୌଦ୍ର ତାପ ରେ ସମସ୍ତେ ସନ୍ତାପିତ ଏଣୁ ସନ୍ତାପିତ ଜନ ଜୀବନ ର ପ୍ରାଣ କୁ ଶିତଳତା ଓ ତୃଷାର୍ତ ପଥିକ ର ଶୋଷ ମେଂଟାଇବା ପାଇଁ ଏହି ୩ ସଂଗଠନ ର ମିଳିତ ଉଦ୍ୟମ ରେ ଯାତ୍ରୀ ମାନଙ୍କୁ ବେଲ ପଣା ଦ୍ୱାରା ଆପ୍ୟାୟିତ କରାଯାଇ ଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଧୂଷୁରି ଜୋନ ଜିଲ୍ଲା ପରିଷଦ ପ୍ରଦୀପ ମଲ୍ଲିକ, ଧୂଷୁରି ପ୍ରେସ ୟୁନିଅନର ସଭାପତି ସନ୍ତୋଷ ଦାସ, ସମାଜସେବୀ ନିଶିକାନ୍ତ ନାୟକ, ସୁନ୍ଦରପୁର ସମବାୟ ସମିତି ର ନରେଶ ସେଠୀ,ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ, କୋଷାଧକ୍ଷ ରତିକାନ୍ତ ନାୟକ,ଶରତ ଚନ୍ଦ୍ର ମହାପାତ୍ର, କାଳନ୍ଦୀ କୁମାର ଖଟୁଆ,ପ୍ରଶାନ୍ତ କୁମାର ନାୟକ, ବ୍ରଜ ମୋହନ କର, ରାଜେଶ କୁମାର ସାହୁ, ଜନ୍ମଜୟ ସାହୁ, ତରଣି ନାଥ, ଗୋବିନ୍ଦ ଚନ୍ଦ୍ର ନାଥ, ଧନେଶ୍ୱର ପାଣିଗ୍ରାହୀ, ମୋଟୁ ପାଣି, ଖଗେଶ୍ୱର ପାଗଳ, ଚନ୍ଦନ ପରିଡା, ସମାଜ ସେବୀ ସନ୍ତୋଷ ରାୟ ଓ ପୂର୍ବତନ ସରପଂଚ ସୁଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଯାତ୍ରୀ ମାନଙ୍କୁ ପଣା ବଂଟନ କରିଥିଲେ । ଏହି କାର୍ଯ୍ୟ ପାଇଁ ସମସ୍ତ ଧୂଷୁରି ବାସୀ ଭୂୟସୀ ପ୍ରଶଂସା କରିଛନ୍ତି ।

# ଯକ୍ଷ୍ମା ଓ କୋଷ୍ଠରୋଗରେ ଆକ୍ରାନ୍ତ ଅଧିକାଂଶ ଅଧିବାସୀଙ୍କ ଗାଁ ଝରେଇସାହି

ନୀଳଗିରି,୧୬/୪(ନି.ପ୍ର) : ଏବେବି ଦୂରାରୋଗ୍ୟ କୋଷ୍ଠ ବ୍ୟାଧିରେ ପୀଡ଼ିତ ହୋଇ ଅଧିକାଂଶ ଲୋକ ସମାଜରୁ ନିଜକୁ ବାଛନ୍ଦ କରି ଯନ୍ତ୍ରଣା ଭୋଗୁଛନ୍ତି। କେନ୍ଦ୍ର ଓ ରାଜ୍ୟସରକାର କୋଷ୍ଠର ସମ୍ପୂର୍ଣ୍ଣ ବିନାଶପାଇଁ ବିଭିନ୍ନ ପ୍ରତିଷେଧକ ବ୍ୟବସ୍ଥା ହାତକୁ ନେଇଥିଲେ ମଧ ଏହାର ସମ୍ପୂର୍ଣ୍ଣ ସମାଧାନ କରିବାରେ ବିଫଳ ହୋଇଛନ୍ତି। ଏଭଳି ଏକ ଗାଁ ରହିଛି ଯଉଠି ଅଧିକାଂଶ ଲୋକ ଯକ୍ଷ୍ମା ଓ କୋଷ୍ଠ ବ୍ୟାଧିରେ ଏବେବି ପୀଡ଼ିତ ଅଛନ୍ତି। ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ଦକ୍ଷିଣନରସିଂହପୁର ପଞ୍ଚାୟତ ଗାଙ୍ଗପୁରା ଗ୍ରାମର ଝରେଇସାହି ଯାହା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଠାରୁ ମାତ୍ର ୩କିଲୋମିଟର ଦୂରରେ ଅବସ୍ଥିତ ଉକ୍ତ ଗ୍ରାମର ଅଧିକାଂଶ ଲୋକ ଯକ୍ଷ୍ମା ଓ କୋଷ୍ଠ ରୋଗରେ ଆକ୍ରାନ୍ତହୋଇ ଯନ୍ତ୍ରଣା ଭୋଗୁଛନ୍ତି। ଅଧିକାଂଶ ଲୋକଙ୍କର ଯକ୍ଷ୍ମାରୋଗରେ ଜୀବନ ମଧ ଯାଇଛି। ଏବେବି କୋଷ୍ଠରୋଗରେ ଗ୍ରାମର ରତନ ସିଂ, ଗୁରୁବାରି ସିଂ, ସନିଆ ସିଂ, ସନିଆର ଝିଅ ଏହି ବ୍ୟାଧିରେ ପୀଡିତ ଅଛନ୍ତି। ଏତଦ୍ ଭିନ୍ନ ଜଗା ସିଂ, ସସ୍ମିତା ସିଂ, ରୁହ୍ୟା ସିଂ, ବିଜୟ ସିଂ, କାଳି ସିଂ, ସମ୍ୟାରି ସିଂ, କାର୍ତ୍ତିକ ସିଂ, ପୂଜା ସିଂ ପ୍ରମୁଖ ବହୁ ଆଦିବାସୀ ସଂପ୍ରଦାୟର ଲୋକ ଏହି ରୋଗରେ ପୀଡିତ ଥିବା ଜଣାଯାଇଛି। ବହୁଲୋକ ମଧ ଯକ୍ଷ୍ମାରୋଗରେ ସୁସ୍ଥହୋଇ ସାଧାରଣ ଜୀବନ ଅତିବାହିତ କରୁଛନ୍ତି। ତେବେ ଉକ୍ତ ଗ୍ରାମର ଅଧିବାସୀ ଆଧୁନିକ ଚିକିତ୍ସା ପ୍ରତି ସଚେତନ ନଥିବା କିମ୍ୱା ସରକାରୀ ଉଦାସୀନତା ଯୋଗୁଁ ଏଭଳି ଘଟଣା ଦେଖିବାକୁ ମିଳିଛି।ଏନେଇ ଉକ୍ତ ପଞ୍ଚାୟତର ସମିତିସଭ୍ୟା ତଥା ସମାଜସେବୀ ପଦ୍ମଜା କାନୁନଗୋ ନୀଳଗିରି ଉପଖଣ୍ଡ ଚିକିତ୍ସାଧିକାରିଙ୍କୁ ଚିଠିଲେଖି ତୁରନ୍ତ ମେଡ଼ିକାଲ ଟିମ୍ ପଠାଇ ଚିକିତ୍ସା କରାଇବା ସଙ୍ଗେ ସଙ୍ଗେ ସଚେତନ କରାଇବାକୁ ଅନୁରୋଧ କରିଛନ୍ତି।

# ଐତିହ୍ୟ ଗଣ ଦୌଡ ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ଅନୁଷ୍ଠିତ

ଖୋର୍ଦ୍ଧା,୧୬/୪(ନି.ପ୍ର): ଆଜି ଜିଲ୍ଲା ସଦର ମହକୁମା ଖୋର୍ଦ୍ଧା ଠାରେ ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଜିଲ୍ଲା କ୍ରୀଡା ବିଭାଗ ଆନୁକୂଲ୍ୟରେ ଏକ ଐତିହ୍ୟ ଗଣ ଦୌଡ ଅନୁଷ୍ଠିତ ହୋଇଯାଇଅଛି । ଓଡ଼ିଆର ଅସ୍ମିତା ତଥା ଓଡିଶାର ସଂସ୍କୃତି, ବୈଭବ, ପରମ୍ପରା, ବୀରତ୍ୱ ଏବଂ ବିକଶିତ ଓଡିଶାର ସ୍ୱପ୍ନକୁ ପୂରଣ କରିବାପାଇଁ ସମସ୍ତେ ଇତିହାସ ପାଇଁ ଦୌଡିବା ଏବଂ ଇତିହାସ କଥା ମନେ ପକାଇ ବିକଶିତ ଓଡିଶାର ବାସ୍ତବ ରୁପାୟନ ଦେବାକୁ ଆଜି ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବି ଡ଼ି ଓ ଶ୍ରୀମତୀ କ୍ଷୀରାବ୍ଧି ତନୟା ସାହୁ ଗଣ ଦୌଡ଼ାକୁ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡ଼ିଉମ ଠାରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରି ଯୁବକ ମାନଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଜିଲ୍ଲା କ୍ରୀଡା ଅଧିକାରୀ ଦିବସ ପାଳନର ଉଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ପ୍ରକାଶ କରିଥଲେ। ଗଣଦୌଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଟ୍ରାଫିକ ଛକରେ ବୁଲି ପୁନଃରାୟ ଷ୍ଟାଡ଼ିୟମରେ ପହଂଚି ଥିଲା କ୍ଷସେଠାରେ ସମସ୍ତ ଅଂଶ ଗ୍ରହଣ କାରିଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥଲା। ଗଣଦୌଡ ରେ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଶ୍ରୀ ଉପେନ୍ଦ୍ର ନାଥ ଦାସ ପରିଚାଳନାରେ ସହଯୋଗ କରିଥିବାବେଳେ ଖୋର୍ଦ୍ଧା ଜିଲ୍ଲାର କ୍ରୀଡାବିତ, ସହରର ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି, ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଜାତୀୟ ସମର ଶିକ୍ଷାର୍ଥୀ ଛାତ୍ର ଏବଂ ସ୍ୱେଚ୍ଛାସେବୀ ଯୁବକ ମାନେ ଅଂଶ ଗ୍ରହଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ନ୍ୟାସନାଲ ହେରାଲ୍ଡ ମାମଲାରେ...

ଏବଂ ଅନ୍ୟାନ୍ୟ ବରିଷ୍ଠ ନେତୃମଣ୍ଡଳୀଙ୍କ ବିରୁଦ୍ଧରେ ଏବେ ଯେଉଁ ଚାର୍ଜସିଟ୍ ଦାଖଲ ହୋଇଛି ସେଥିରେ ସାଙ୍ଘାତିକ ଭାବେ ସରକାରୀ କ୍ଷମତାର ଅପବ୍ୟବହାର ହୋଇଛି। ଏହା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଥିବା ବିରୋଧ ଦଳର ବିଚାର ଉପରେ ସିଧାସଳଖ ଆକ୍ରମଣ। ବେପରୁଆ ଓ ସ୍ୱେଚ୍ଛାଚାରୀ ହୋଇପଡିଥିବା ଶାସକ ଦଳର ଏହା ରାଜନୈତିକ ଫାଇଦା ପାଇଁ ଏକ ଅପଚେଷ୍ଟା । ଏହା ଅତି ନିକୃଷ୍ଟ ପ୍ରତିହିଂସା ପରାୟଣ ରାଜନୀତି ବୋଲି ସେ କହିଛନ୍ତି। କଂଗ୍ରେସ ଦଳ ଏବଂ ଏହାର ନେତୃତ୍ୱ ନୀରବ ରହିବେ ନାହିଁ । ଆମେ ଭାରତର ଆତ୍ମା ପାଇଁ ପୂର୍ବରୁ ଲଢ଼େଇ କରିଛୁ ଏବଂ ଆଉଥରେ ଏହି ଲଢ଼େଇ କରିବୁ। ସତ୍ୟ, ନ୍ୟାୟ ଏବଂ ସାମ୍ବିଧାନିକ ଲୋକତନ୍ତ୍ରର ମୂଲ୍ୟ ସହ ଆମେ ସାଲିସ କରିବୁ ନାହିଁ । " ସତ୍ୟ ମେବ ଜୟତେ " ଆମ ପାଇଁ କେବଳ ଏକ ସ୍ଲୋଗାନ ନୁହେଁ – ଏହା ଏକ ଦୃଢ଼ ବିଶ୍ୱାସ । ସତ୍ୟ ଓ ଗଣତନ୍ତ୍ରଙ୍କୁ ରକ୍ଷା କରିବା ସହ ସ୍ୱେଚ୍ଛାଚାରିତାକୁ ସାହାସର ସହ ସାମ୍ନା କରିବା ପାଇଁ ଏକତ୍ରୀତ ହେବାର ସମୟ ଆସିଛି ।

### ୱାକଫ ଆଇନର ବିବାଦ ମାମଲା : ...

"ବିଧାନସଭା କୋର୍ଟର ରାୟକୁ ବାଧତାମୂଳକ ହେବ ନାହିଁ ବୋଲି ଘୋଷଣା କରିପାରିବ ନାହିଁ," ମୁଖ୍ୟ ବିଚାରପତି ଖାନ୍ନା କହିଛନ୍ତି। "ହଁ, କିଛି ଅପବ୍ୟବହାର ହେଉଛି। କିନ୍ତୁ ପ୍ରକୃତ ୱାକଫ ମଧ ଅଛି।" "ଆପଣ କ'ଣ ହିନ୍ଦୁ ବୋର୍ଡରେ ମୁସଲମାନମାନଙ୍କୁ ଅନୁମତି ଦେବେ ?"କୋର୍ଟ ତା'ପରେ ନୂତନ ଆଇନରେ ଅଣ-ମୁସଲିମମାନଙ୍କୁ କେନ୍ଦ୍ରୀୟ ୱାକଫ ପରିଷଦର ଅଂଶ ହେବାକୁ ଅନୁମତି ଦେବାର ଏକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ଶୁଣାଣିର ସବୁଠାରୁ ଉତ୍ତେଜକ ମୁହୂର୍ତ୍ତ ମଧ୍ୟରୁ ଗୋଟିଏ ଥିଲା। ମୁଖ୍ୟ ବିଚାରପତି ଖାନ୍ନା ସଲିସିଟର ଜେନେରାଲ ତୁଷାର ମେହେଟାଙ୍କୁ ସ୍ପଷ୍ଟ ଭାବରେ ପଚାରିଥିଲେ। ଏହି ଚ୍ୟାଲେଞ୍ଜ କୋର୍ଟକୁ ଧାର୍ମିକ ଟ୍ରଷ୍ଟଗୁଡ଼ିକୁ ସରକାର କିପରି ଆଭିମୁଖ୍ୟ ଦେଖାଉଛନ୍ତି ସେଥିରେ ଏକ ସମ୍ଭାବ୍ୟ ଦ୍ୱୈତ ମାନଦଣ୍ଡ ଭାବରେ କ'ଣ ଦେଖାଯାଉଛି ତାହା ଉପରେ ଗୁରୁତ୍ୱାରୋପ କରିଥିଲା। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ରହି ମେହଟା ଆଇନକୁ ରକ୍ଷା କରି କହିଛନ୍ତି ଯେ, ଏହା ଏକ ମିଳିତ ସଂସଦୀୟ କମିଟି ଦ୍ୱାରା ବିସ୍ତୃତ ସଂସଦୀୟ ବିତର୍କ ଏବଂ ଯାଞ୍ଚ ପରେ ଗୃହୀତ ହୋଇଛି। ସାର୍ବଜନୀନ ଅଶାନ୍ତିର ରିପୋର୍ଟର ଜବାବରେ ମେହଟା କହିଛନ୍ତି, "ସେମାନେ ଭାବନ୍ତି ଯେ ସେମାନେ ବ୍ୟବସ୍ଥା ଉପରେ ଚାପ ପକାଇ ପାରିବେ।" ଏହାର ଉତ୍ତରରେ, ସିବଲ କହିଛନ୍ତି: "କିଏ ଚାପ ପକାଉଛି ତାହା ଜଣାନାହିଁ।" ମୁଖ୍ୟ ବିଚାରପତି ଚାଲିଥିବା ହିଂସା ଏବଂ ପ୍ରତିବାଦକୁ "ଅତ୍ୟନ୍ତ ବିଚଳିତକାରୀ" ବୋଲି କହିଛନ୍ତି, ଏବଂ ଆଇନର ସକାରାତ୍ମକ ଉପାଦାନଗୁଡ଼ିକୁ ଯଥାସମ୍ଭବ ସ୍ୱୀକାର କରିବାକୁ ମଧ ଅନୁରୋଧ କରିଛନ୍ତି। ତେବେ ଏହି ମାମଲା ସ୍ଥଗିତ ରଖାଯାଇଛି ଏବଂ ଆସନ୍ତାକାଲି ପୁଣି ଶୁଣାଣି ଆରମ୍ଭ ହେବ। କିନ୍ତୁ ଏହା ସ୍ପଷ୍ଟ ଯେ ମାମଲା ଧର୍ମନିରପେକ୍ଷତା, ସଂଖ୍ୟାଲଘୁ ଅଧିକାର ଏବଂ ବିଧାନସଭା କ୍ଷମତାର ସାମ୍ବିଧାନିକ ସୀମା ଉପରେ ଏକ ପରିଭାଷିତ ଆଇନଗତ ଲଢ଼େଇ ହେବାକୁ ଯାଉଛି। ସୁପ୍ରିମକୋର୍ଟ ଇତିହାସ, ଆଇନ ଏବଂ ବିଶ୍ୱାସକୁ ସନ୍ତୁଳିତ କରୁଥିବାରୁ, ଏହାର ରାୟ ଆଗାମୀ ଦଶନ୍ଧି ଧରି ମୁସଲିମ ଧାର୍ମିକ ସମ୍ପତ୍ତିଗୁଡ଼ିକୁ କିପରି ପରିଚାଳିତ କରାଯାଏ ତାହା ପୁନଃଆକୃତି ଦେଇପାରେ।

# ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ଡ଼. ବି ଆର. ଆମ୍ବେଦକର ଜୟନ୍ତୀ ପାଳିତ




ଖୋର୍ଦ୍ଧ,୧୬/୪(ନି.ପ୍ର) : ଜିଲ୍ଲା ସଦର ମହକୁମା ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହ ଠାରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଏବଂ ମୁଖ୍ୟ ଅତିଥି ଶ୍ରୀ ପ୍ରତାପ ଚନ୍ଦ୍ର ବେଉରାଙ୍କ ପୌରାହିତ୍ୟରେ ୧୩୫ତମ ଡ଼. ବାବାସାହେବ ଭୀମ ରାମଜୀ ଆମ୍ବେଦକରଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଅଛି। ଡ଼. ବି ଆର ଆମ୍ବେଦକର ଛାତ୍ର ଜୀବନରୁ କର୍ମଠ, ଉଦୀୟମାନ, ପରୋପକାରୀ ଏବଂ ଭଗବାନଙ୍କ ସୃଷ୍ଟିରେ ସବୁ ମଣିଷ ସମାନବୋଲି ଭାବୁଥିଲେ। ସେ ଦିନକୁ ୧୮ଘଣ୍ଟା ସମୟ ପାଠପଢାରେ ବିନିଯୋଗ କରୁଥିଲେ ଯାହା ଫଳସ୍ୱରୂପ ସେ ଭାରତର ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରର ସମ୍ବିଧାନ ଗଢି ଭାରତ ରତ୍ନ ଉପାଧିରେ ଭୂଷିତ ହୋଇ ଅମର ହୋଇଯାଇଛନ୍ତି । ଛାତ୍ର ଛାତ୍ରୀ ମାନେ ଆମ୍ବେଦକ କରଙ୍କ ଜୀବନାଦର୍ଶନକୁ ଆପଣେଇ କଠିନ ପରିଶ୍ରମ କରି ନିଜର ସିଦ୍ଧାନ୍ତ ଠିକ ରଖି ପାରିଲେ ନିଃ ସନ୍ଦେହ ସେମାନେ ଆମ୍ବେଦକରଙ୍କ ଭଳି ଭଲ ମଣିଷ ହୋଇ ନିଜ ପିତା ମାତା ଓ ରାଷ୍ଟ୍ରର ଗୌରବ ଟେକ ରଖିବାକୁ ଆହ୍ୱାନ ଦେଇଥିଲେ । ସାମ୍ମାନିତ ଅତିଥିଭାବେ ଜିଲ୍ଲାମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଖୋର୍ଦ୍ଧା ଶ୍ରୀ ଜ୍ୟୋତି ଶଙ୍କର ସାହୁ ଯୋଗଦେଇ କହିଲେ ଆମ୍ବେଦକର ଜଣେ ଦୁରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ । ଭାରତ ଭଳି ବୃହତ ଗଣତାନ୍ତ୍ରିକ ରଷ୍ଟ୍ରରେ ତାଙ୍କର ଅନବଦ୍ୟ ସୃଷ୍ଟି ସମ୍ବିଧାନ ରଚନା ତାଙ୍କୁ ଚିର ସ୍ମରଣୀୟ କରି ରଖିବବୋଲି କହି ପ୍ରତ୍ୟକ ବ୍ୟକ୍ତି ଅଧିକାର ପୂର୍ବରୁ କର୍ତବ୍ୟ ପ୍ରତି ସଚେତନ ହେଲେ ଆମର ଜାତୀୟ ଏକତା, ଅଖଣ୍ଡତା, ସହଂତି, ସଂପ୍ରିତି, ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମାନତା ରଖିବାକୁ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼. ଗୀତାଂଶୁ ଦାଶ ଯୋଗଦେଇ କହିଲେ ଅସ୍ପୃଶ୍ୟତା ଦୂର କରିବାରେ ଆମ୍ବେଦକର ଯେଭଳି ନିଜ ଜୀବନକୁ ଉତ୍ସର୍ଗ କରି ଯାଇଛନ୍ତି, ସେଥିପାଇଁ ରାଷ୍ଟ୍ର ସବୁଦିନ ପାଇଁ ତାଙ୍କୁ ମନେ ରଖିବ। ଏଣୁ ଛାତ୍ରଛାତ୍ରୀମାନେ ନିଜ ମନରେ ଥିବା ସଂକୀର୍ଣ୍ଣତା ମନୋଭାବ ତ୍ୟାଗ କରି ଆମ୍ବେଦକରଙ୍କ ତ୍ୟାଗ ଆଦର୍ଶରେ ଅନୁପ୍ରାଣୀତ ହେଲେ ବିକଶିତ ରାଷ୍ଟ୍ରର ସ୍ୱପ୍ନ ସାକାର ହେବବୋଲି ଉଦବୋଧନ ଦେଇଥିଲେ । ସେହିପରି ଡେପୁଟି କଲେକ୍ଟର, ନ୍ୟାୟିକ ସୃଷ୍ଟି ଅନନ୍ୟା ଶତପଥୀ, ଡେପୁଟି କଲେକ୍ଟର, ଜରୁରୀ, ଶ୍ରୀତପା ମିଶ୍ର, ଡେପୁଟି କଲେକ୍ଟର ଶ୍ରୀମତୀ ଟୁଲିଆମା ପ୍ରଧାନ, ଡେପୁଟି କଲେକ୍ଟର, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଶ୍ରୀ ରଞ୍ଜନ କୁମାର ମହାନ୍ତି, ଡେପୁଟି କଲେକ୍ଟର, ପ୍ରତିଷ୍ଠାନ, ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ଶ୍ରୀ ଦେବବ୍ରତ କର ଜିଲ୍ଲା ପଂଚାୟତ ଅଧିକାରୀ, ଶ୍ରୀ ଶ୍ୟାମଲେନ୍ଦୁ ନାୟକ, ବରିଷ୍ଠ ସାମ୍ବାଦିକ ଶ୍ରୀ ଉମାଶଙ୍କର ପ୍ରସାଦ, ଛାତ୍ରୀ ଆଦ୍ୟାଶା ମିଶ୍ର, ଛାତ୍ର ଶିଶିର ମହାରଣା ପ୍ରମୁଖ ଡ.ବି ଆର ଆମ୍ବେଦକରଙ୍କ କାଳଜୟୀ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିବୃନ୍ଦ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ କ୍ଷ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ ସହ ସଭାକାର୍ଯ୍ୟ ସଞ୍ଚାଳନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଖୋର୍ଦ୍ଧା ଶ୍ରୀ ଲକ୍ଷ୍ମଣ କୁମାର ବେହେରା ସମ୍ପାଦିତ କରିଥିଲେ । ଅନ୍ୟ ମାନଙ୍କ ମଧରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ପାଲତୋଟାପଡା, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ,ବି ଯେ ବି ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,ଗୁରୁଜଙ୍ଗା ଉଚ୍ଚ ବିଦ୍ୟାଳୟ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ, ଗଣମାଧମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

# ଲାୟନ୍ସ କ୍ଲବ ପକ୍ଷରୁ ଗୋସେବା ସଂସ୍ଥାନକୁ ପାଞ୍ଚଟି ଫ୍ୟାନ ପ୍ରଦାନ

ପୁରୀ,୧୬/୪(ନି.ପ୍ର) : ମହା ବିଷୁବ ପଣା ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଉପଲକ୍ଷେ ଶ୍ରୀ ଜଗନ୍ନାଥ ଗୋ ସେବା ସଂସ୍ଥାନ, ବାଘ ଆଖେଡା ମଠ, ବଡଶଙ୍ଖ ଠାରେ ଲାୟନ୍ସ କ୍ଲବ, ପୁରୀ ତରଫରୁ ୫ ଗୋଟି ସିଲିଂ ଫ୍ୟାନ ଓ ଚୁନି ଚୋକଡ, କୁଣ୍ଡା, ଘାସ ଆଦି ବଂଟନ କରାଯାଇଥିଲା। ଗୋସେବା ସଂସ୍ଥାନର ସୁରେନ୍ଦ୍ର ସାହୁ ସବୁ ଜିନିଷ ଗ୍ରହଣ କରିଥିଲେ। କ୍ଲବର ସଭାନେତ୍ରୀ ଲାୟନ ବିଷ୍ଣୁପ୍ରିୟା ଦାସ, ସମ୍ପାଦକ ରୁଦ୍ର ନାରାୟଣ ରଥ, କୋଷାଧକ୍ଷ ସୁବ୍ରତ କୁମାର ପାଲ, ଲାୟନ ସଞ୍ଜୟ କୁମାର ପ୍ରଧାନ, ଲାୟନ ଅଜୟ କୃଷ୍ଣ ଦାସ, ଲାୟନ ଶ୍ୟାମ ପ୍ରସାଦ ଚନ୍ଦୁକା, ଲାୟନ ଶିବ ଦାସ ମହାପାତ୍ର ଉପସ୍ଥିତ ଥିଲେ ।

# ଜିଲ୍ଲା ସାଂଗଠନିକ ବୈଠକ




ବାଲେଶ୍ୱର,୧୬/୪(ନି.ପ୍ର) : ଭାରତୀୟ ଜନତା ପାର୍ଟିର ଜିଲ୍ଲା ମୁଖ୍ୟାଳୟରେ ଜିଲ୍ଲା ସାଂଗଠନିକ ବୈଠକ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଇଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ସାମୁହିକ ବନ୍ଦେ ମାତରମ୍ ଓ ଭାରତ ମାତାଙ୍କ ପୂଜନ ପରେ ଆନୁଷ୍ଠାନିକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ମଞ୍ଚ ଆହ୍ୱାନ କରିଥିବା ବେଳେ ଚନ୍ଦ୍ରଶେଖର ନନ୍ଦ ସୂଚନା ପ୍ରଦାନ କରିଥିଲେ। ପ୍ରାରମ୍ଭିକ ଭାଷଣରେ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ବେହେରା ସମସ୍ତଙ୍କୁ ସ୍ୱାଗତ କରି ଆଗାମୀ କାର୍ଯ୍ୟପନ୍ଥା ଓ ସାଂଗଠନିକ ଅଭିବୃଦ୍ଧି ବିଷୟରେ ସୂଚନା ଦେଇଥିଲେ। ପୂର୍ବତନ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଉମାକାନ୍ତ ମହାପାତ୍ର ୧୮ ଟି କରଣୀୟ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି ଓ ଶୁଭଙ୍କର ମହାପାତ୍ର ବିଗତ ଦିନରେ ହୋଇଥିବା ସାଂଗଠନିକ କାର୍ଯ୍ୟକ୍ରମରେ ସମୀକ୍ଷା କରିବା ସହିତ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋକପାତ କରିଥିଲେ। ନିଳଗିରି ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ ପୁରୀରେ ହୋଇଥିବା ସାଂସଦ ଓ ବିଧାୟକଙ୍କ ପ୍ରଶିକ୍ଷଣ ଶିବିରର ଉପଲବ୍ଧୀ ବିଷୟରେ କହିଥିଲେ, ଯାହା ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କ ମନରେ ଅଦମ୍ୟ ଉତ୍ସାହ ଭରିଦେଇଥିଲା। ସର୍ବଶେଷରେ ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଜିଲ୍ଲା ସାଂଗଠନିକ ସଂରଚନାର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିବା ସହିତ ବୁଥ୍ ସ୍ତରରୁ ସଂଗଠନକୁ ମଜଭୁତ ଓ ଗତିଶୀଳ କରିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ସେ କହିଥିଲେ ଯେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ବିଷୟରେ ସାଧାରଣ ଲୋକଙ୍କୁ ଅବଗତ କରାଇବାକୁ। ଅଧିକରୁ ଅଧିକ ହିତାଧିକାରୀ କେମିତି ସରକାରୀ ଯୋଜନାରୁ ଲାଭବାନ ହୋଇପାରିବେ ସେ ଦିଗରେ ଯତ୍ନବାନ ହେବାକୁ। ଏହି ଅବସରରେ ସାଂଗଠନିକ ଜିଲ୍ଲାର ୩୩ ମଣ୍ଡଳ ବିଦାୟୀ ସଭାପତି ଓ ନୂତନ ସଭାପତିଙ୍କୁ ମଞ୍ଚାସିନ ନେତୃତ୍ୱ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାମୁହିକ ଜନ-ଗଣ-ମନ ଗାନ ପରେ ସଭାକାର୍ଯ୍ୟ ଶେଷ ହୋଇଥିଲା।

# ଇଡି ଦ୍ୱାରା ରାହୁଲ ଗାନ୍ଧୀଙ୍କ ମୁହଁ ବନ୍ଦ କରିବାର ପ୍ରୟାସ ବିଜେପିର ସଫଳ ହେବ ନାହିଁ : ବାଲେଶ୍ୱର କଂଗ୍ରେସ




ବାଲେଶ୍ୱର,୧୬/୪(ନି.ପ୍ର) :ରାଜନୈତିକ ପ୍ରତିହିଂସା ପରାୟଣ ହୋଇ ଓ ରାହୁଲ ଗାନ୍ଧୀଙ୍କ କ୍ରମବର୍ଦ୍ଧିଷ୍ଣୁ ଲୋକପ୍ରିୟତା ରେ ଭୟଭୀତ ହୋଇ ମୋଦି ସରକାର ଆମର ସର୍ବମାନ୍ୟ ନେତ୍ରୀ ଶ୍ରୀମତୀ ସୋନିଆ ଗାନ୍ଧୀ ଓ ଲୋକସଭାର ବିରୋଧୀ ଦଳ ନେତା ଶ୍ରୀ ରାହୁଲ ଗାନ୍ଧୀଙ୍କ ନାମରେ ସୁପ୍ରିମ କୋର୍ଟ ଦ୍ୱାରା ନାକଚ ହୋଇଥିବା ନେସନାଲ ହେରାଲଡ଼ କେଶ ରେ ମିଥ୍ୟା ଚାର୍ଜସିଟ ଦାଖଲ କରିଛନ୍ତି । ଅଖିଳ ଭାରତ କଂଗ୍ରେସ କମିଟିର ନିଷ୍ପତ୍ତି ଓ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଆଜି ବାଲେଶ୍ୱର ଜ଼ିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରିଙ୍କ ନେତୃତ୍ୱ ରେ ଦୂର ସଂଚାର ଭବନ ସମ୍ମୁଖରେ ମୋଦି ସରକାରର ଏହି ଅଗଣତାନ୍ତ୍ରିକ ଓ ପ୍ରତିହିଂସା ପରାୟଣ ରାଜନୀତି ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ ଏଥିରେ ଭୟଭୀତ ନହୋଇ ଆହୁରି ଶାଣିତ ସ୍ୱର ରେ ବିଜେପିର ଏକଛତ୍ରବାଦୀ ନୀତି ବିରୁଦ୍ଧରେ ଲଢେଇ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ରେମୁଣା ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ବରିଷ୍ଠ କାଉନସିଲର ପଦ୍ମଲୋଚନ ଲେଙ୍କା, ବରିଷ୍ଠ ନାରୀ ନେତ୍ରୀ ଅର୍ଚନା ନନ୍ଦୀ, ଜ଼ିଲ୍ଲା ଉପସଭାପତି ଗୋପୀନାଥ ପାଢ଼ୀ, କଂଗ୍ରେସ ଯୁବ ନେତା ସରୋଜ ଲେଙ୍କା, ଜ଼ିଲ୍ଲା କଂଗ୍ରେସ ମୁଖପାତ୍ର ସୁଧାଂଶୁ ଜେନା, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ନାରୀ ନେତ୍ରୀ ଜ୍ୟୋତ୍ସ୍ନା ସେନାପତି, କୁମୁଦିନୀ ଦାସ, ବ୍ଲକ ସଭାପତି ସର୍ବଶ୍ରୀ ରାଜେନ୍ଦ୍ର ମହାନ୍ତି, ଶ୍ରୀକାନ୍ତ ଜେନା, ରାଜୀବ ପରିଡା, ଯୁବ ନେତା ଦେବଦତ୍ତ ଦାସ, ତୁଷାର କାନ୍ତି ତାପସୀ, ସଂଖ୍ୟାଲଘୁ ସେଲ ଅଧକ୍ଷ ସେକ ଅସଗାର ଅଲ୍ଲୀ, ଯୁବ ଛାତ୍ର ନେତା ଜୀବନ ମହାପାତ୍ର, ଜଗନ୍ନାଥ ମହାପାତ୍ର, ନବକିଶୋର ଭୂୟାଁ, ରାଧା ସାୟହୁ, ହରିଶଙ୍କର ଜେନା, କେଶବ ନାୟକ, ଜୁବିଲି ପଣ୍ଡା, ମଦନ ଭକ୍ତା, କନ ବେହେରା, ନିରଞ୍ଜନ ବେହେରା ଓ ନରେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇ ଥିଲେ ।

## ଏସ୍. ଇ. ରେଳବାଇ - ଟେଣ୍ଡର

ଇ-ଟେଣ୍ଡର ନୋଟିସ୍ ନମ୍ବର: DCE-CON-II KGP-2-2025 । ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ତାଙ୍କ ପକ୍ଷରୁ, ଖଡ଼ଗପୁରର ଉପ-ମୁଖ୍ୟ ଯନ୍ତ୍ରୀ (Con-II) ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ନିମ୍ନଲିଖିତ ଟେଣ୍ଡର www.ireps.gov.in ୱେବସାଇଟ୍ ରେ ଅପଲୋଡ୍ କରାଯାଇଛି। ଟେଣ୍ଡର ଧାର୍ଯ୍ୟ ତାରିଖରେ ଦିନ ୧୨.୦୦ ଟାରେ ବନ୍ଦ ହେବ। **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ବାରିପଦା (BPO), ବାଙ୍ଗିରିପୋସି (BGY) ଏବଂ ଚକୁଳିଆ (CKU) AXEN/C କାର୍ଯ୍ୟାଳୟରେ କ୍ୟାମ୍ପ ଅଫିସ ଏବଂ ଉପ-ସିଇ/ସି-ଓଓ/ଖଡ଼ଗପୁର, ଏସ୍.ଇ. ରେଳବାଇ ଅଧୀନରେ ଅନ୍ୟାନ୍ୟ ବିବିଧ ମରାମତି କାର୍ଯ୍ୟ। **ମୂଲ୍ୟ:** ୯,୬୩,୬୬,୮୦୧.୯୪। **EMD** 6,31,800/-। ଶେଷ ତାରିଖ: ୧୩.୦୫.୨୦୨୫। **ସମାପ୍ତି ଅବଧି:** ୧୮ (ଅଠର) ମାସ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ **www.ireps.gov.in** ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି ଜିନିଷଗୁଡ଼ିକ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡ୍ରଦାତାମାନେ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରିପାରିବେ।

**(PR-53)**

# ଟାଉନ୍ ହଲ ରୋଡ଼ ଶ୍ରୀ ହନୁମାନ ମନ୍ଦିରରେ ବାର୍ଷିକ ଉତ୍ସବ ଓ ଶ୍ରୀହନୁମାନ ଜୟନ୍ତୀ ପାଳନ

ବାଲେଶ୍ୱର,୧୬/୪(ନି.ପ୍ର) :ଟାଉନ୍‌ହଲ ରୋଡ଼ରେ ଥିବା ଶ୍ରୀମହାବୀର ହନୁମାନ ମନ୍ଦିରରେ ସୁଦକ୍ଷ ବୈଦିକ ପଣ୍ଡିତ ବ୍ରାହ୍ମଣଙ୍କ ଦ୍ୱାରା ମନ୍ଦିର କମିଟିର ଆବାହକ ଡକ୍ଟର ଗୌରସାଧନ ମିଶ୍ର (ଧରଣୀ ନନା)ଙ୍କ ପରାମର୍ଶରେ ଯଥାବିଧି ବାର୍ଷିକ ଉତ୍ସବ ସହିତ ଶ୍ରୀହନୁମାନ ଜୟନ୍ତୀ ତା ୧୪.୦୪.୨୦୨୫ ରିଖରେ ଯଥୋଚିତ ଉତ୍ସବ ଓ ମାଯ୍ୟାଦାର ସହ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପୂଜକ ପଣ୍ଡିତ କୃତିବାସ ପଣ୍ଡାଙ୍କ ପୌରାହିତ୍ୟରେ କାର୍ଯ୍ୟସୂଚୀ ଅନୁଯାୟୀ ସମସ୍ତ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି । ଦିବସବ୍ୟାପୀ ଆୟୋଜିତ ଉତ୍ସାହରେ ଷୋଡଶ ଉପଚାର ପୂଜା ସହିତ ହନୁମାନଙ୍କ ବୀଜମନ୍ତରେ ବିଶ୍ୱକଲ୍ୟାଣ ନିମନ୍ତେ ୧୦୮୦ ଥର ହୋମଯଜ୍ଞ ଏବଂ ସନ୍ଧ୍ୟାରେ ପୂର୍ଣ୍ଣାହୁତି ଓ ପୁଷ୍ପାଳତୀ ସହ ୧୦୮ ଲଡୁ ଭୋଗ ଉକ୍ତ ଓ ପବିତ୍ରତାର ସହ ପାଳିତ ହୋଇଥିଲା ଏବଂ ଏହି ଅବସରରେ ମନ୍ଦିର କମିଟି ତରଫରୁ ଭକ୍ତମାନଙ୍କ ପାଇଁ ଲଡୁ ଭୋଗ ଓ ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଥିଲା । ଏହି ଧାର୍ମିକ ଓ ଆଧାତ୍ମିକ କାର୍ଯ୍ୟକ୍ରମ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାଏକଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା ଏବଂ ଏଥିରେ ମନ୍ଦିର କମିଟି ତରଫରୁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମନ୍ଦିର କମିଟିର ସଦସ୍ୟ ଓ ଶୁଭେଚ୍ଛୁ ବିଶେଷ ଭାବେ ଯୁବ କର୍ମକର୍ତାଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ସୁପରିଚାଳିତ ହୋଇଥିଲା। ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତଙ୍କ ଦ୍ୱାରା ବିଧାୟକ ପାଣ୍ଠି ସରକାରୀ ଅନୁଦାନରେ ଏହି ମନ୍ଦିରର ଉନ୍ନତିକ୍ଳେ ୨ ଲକ୍ଷ ଟଙ୍କା ଅର୍ଥରେ କାର୍ଯ୍ୟ ହୋଇଥିବାରୁ କମିଟି ତରଫରୁ ତାଙ୍କୁ ସମସ୍ତଙ୍କର ଉପସ୍ଥିତିରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ମହାନ୍ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ ବ୍ୟକ୍ତି ଓ ଭକ୍ତମାନେ ଯୋଗଦାନ ଦେଇ ଶ୍ରୀହନୁମାନ ଚାଳିଶା ପାଠ ସହ ଜୟ ଶ୍ରୀରାମ, ଜୟ ଶ୍ରୀ ହନୁମାନ ଓ ଶଙ୍ଖଧ୍ୱନିରେ ସମଗ୍ର ଅଂଚଳକୁ ଭକ୍ତିମୟ କରିଥିଲେ । ଏଥିରେ ମନ୍ଦିର କମିଟିର ବରିଷ୍ଠ ସଦସ୍ୟ ସର୍ବଶ୍ରୀ ଲକ୍ଷ୍ମଣ କୁମାର ବାରିକ, ପ୍ରଶାନ୍ତ କୁମାର ଦାସ, ବସନ୍ତ କୁମାର ଦାସ, ରାଜେନ୍ଦ୍ର ବେହେରା, ରଞ୍ଜିତ ନନ୍ଦୀ, ସିଦ୍ଧାର୍ଥ ପ୍ରଧାନ, ଶାନ୍ତନୁ କୁମାର ଲେଙ୍କା ଓ ବିକ୍ରମ କେଶରୀ ମହାପାତ୍ର ପ୍ରମୁଖ ଯୋଗଦାନ ଦେଇଥିଲେ । ଏହି ଉତ୍ସବର ସର୍ବସଫଳତା ପାଇଁ ମନ୍ଦିର କମିଟିର ଆବାହକ ଡକ୍ଟର ଗୌର ସାଧନ ମିଶ୍ର କମିଟିର ସବୁ ସଦସ୍ୟ ଓ ଶୁଭେଚ୍ଛୁ ସମସ୍ତଙ୍କୁ ତାଙ୍କର ପୂର୍ଣ୍ଣ ସହଯୋଗ ପାଇଁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ ଓ ଶେଷରେ ଶ୍ରୀ ହନୁମାନଙ୍କ କୃପାଭିକ୍ଷା କରି ସବୁ ଭକ୍ତ ତଥା ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ।

# ସମ୍ବଲପୁର-ରାୟଗଡା-ସମ୍ବଲପୁର ଏକ୍ସପ୍ରେସ ଦେଓଗାଁ ରୋଡରେ ରହଣି କରିବ

ସମ୍ବଲପୁର,୧୬/୪(ନି.ପ୍ର) : ରେଳଯାତ୍ରୀଙ୍କ ସୁବିଧା ବୃଦ୍ଧି କରିବା ଲକ୍ଷ୍ୟରେ, ପୂର୍ବତଟ ରେଳପଥ ୧୬ ଏପ୍ରିଲ ୨୦୨୫ ଠାରୁ ପରୀକ୍ଷାମୂଳକ ଭାବରେ ଦେଓଗାଁ ରୋଡ ଷ୍ଟେସନରେ ସମ୍ବଲପୁର-ରାୟଗଡା-ସମ୍ବଲପୁର ଏକ୍ସପ୍ରେସର ରହଣି ପ୍ରଦାନ କରିବାକୁ ନିଷ୍ପତି ନେଇଛି । କାର୍ଯ୍ୟସୂଚୀ ଅନୁଯାୟୀ, ୧୬ ଏପ୍ରିଲ ୨୦୨୫ ଦିନ ସମ୍ବଲପୁରରୁ ଛାଡୁଥିବା ୧୮୩୦୧ ସମ୍ବଲପୁର-ରାୟଗଡା ଏକ୍ସପ୍ରେସ ସକାଳ ୮ଟା୧୪ ମିନିଟରେ ଦେଓଗାଁ ରୋଡରେ ପହଂଚିବ ଏବଂ ସକାଳ ୮ଟା ୧୬ ମିନିଟରେ ରାୟଗଡା ଅଭିମୁଖେ ଯାତ୍ରା କରିବ। ଫେରିବା ମାର୍ଗରେ ୧୬ ଏପ୍ରିଲ ୨୦୨୫ ରେ ରାୟଗଡାରୁ ଛାଡୁଥିବା ୧୮୩୦୨ ରାୟଗଡା-ସମ୍ବଲପୁର ଏକ୍ସପ୍ରେସ ସନ୍ଧ୍ୟା ୪ଟା ୪୦ ମିନିଟରେ ଦେଓଗାଁ ରୋଡରେ ପହଂଚିବ ଏବଂ ସନ୍ଧ୍ୟା ୪ଟା ୪୨ ମିନିଟରେ ସମ୍ବଲପୁର ଅଭିମୁଖେ ଯାତ୍ରା କରିବ। ଦେଓଗାଁ ରୋଡରେ ଯାତ୍ରୀମାନଙ୍କ ପାଇଁ ସଂଯୋଗୀକରଣକୁ ଉନ୍ନତ କରିବା ସହ ସୁଗମ ଯାତ୍ରାକୁ ସହଜ କରିବା ପାଇଁ ସମ୍ବଲପୁର ରେଳ ମଣ୍ଡଳ କର୍ତୃପକ୍ଷଙ୍କ ପକ୍ଷରୁ ଏହି ନିଷ୍ପତି ନିଆଯାଇଛି। ଯାତ୍ରୀଙ୍କ ଚାହିଦା ଏବଂ ଭବିଷ୍ୟତର ସମ୍ଭାବ୍ୟତା ମୂଲ୍ୟାଙ୍କନ କରିବା ପାଇଁ ରହଣି ଉପରେ ନଜର ରଖାଯିବ। ଯାତ୍ରୀମାନଙ୍କୁ ଏହି ସମୟ ସୂଚୀକୁ ଧ୍ୟାନ ଦେବାକୁ ଏବଂ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ଅନୁରୋଧ କରାଯାଇଛି।

# ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଦଣ୍ଡାଦେଶ

ଖୋର୍ଦ୍ଧା, ୧୬/୪ (ନି.ପ୍ର): ନାବାଳିକା ଦୁଷ୍କର୍ମ ମାମଲାର ପର୍ଦ୍ଦାଫାଶ କରିବା ସହ ସଫଳ ତଦନ୍ତ ଓ ବଳିଷ୍ଠ ସାକ୍ଷ୍ୟ ପ୍ରମାଣ ଲାଗି ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଗାର ଦଣ୍ଡାଦେଶ ହୋଇଥିବାରୁ ଖୋର୍ଦ୍ଧା ଅବସରପ୍ରାପ୍ତ ଅତିରିକ୍ତ ଏସପି ସୁରେଶ ଚନ୍ଦ୍ର ଦାସ ଏବଂ କ୍ରାଇମ ବ୍ରାଂଚ ଇନ୍ସପେକ୍ଟର ତଥା ପୂର୍ବତନ ବାଣପୁର ଥାନା ଏସଆଇ ରାଜକିଶୋର ବେହେରାଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଛନ୍ତି ଓଡିଶା ଡିଜିପି ୱାଇ.ବି ଖୁରାନିଆ।ସୂଚନା ମୁତାବକ ୨୦୨୦ ମସିହାରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅଂଚଳରେ ଜଣେ ନାବାଳିକା ଦୁଷ୍କର୍ମର ଶିକାର ହୋଇଥିଲେ। ଉକ୍ତ ମାମଲାର ତତ୍କାଳୀନ ବାଣପୁର ଥାନା ଏସଆଇ ତଥା ବର୍ତ୍ତମାନ କ୍ରାଇମ ବ୍ରାଂଚ ଇନ୍ସପେକ୍ଟର ରାଜକିଶୋର ବେହେରା ତଦନ୍ତକାରୀ ଅଧିକାରୀ ଥିଲେ ଏବଂ ତତ୍କାଳୀନ ଖୋର୍ଦ୍ଧା ଅତିରିକ୍ତ ଏସପି (ବର୍ତ୍ତମାନ ଅବସରପ୍ରାପ୍ତ) ସୁରେଶ କୁମାର ଦାସ ମାମଲାକୁ ପରିଚାଳନା କରୁଥିଲେ।ତେବେ ଉଭୟ ଅଧିକାରୀଙ୍କ ସଫଳ ତଦନ୍ତ, ପରିଚାଳନା ଓ ସାକ୍ଷ୍ୟ ପ୍ରମାଣ ବଳରେ ଉକ୍ତ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ଦଳବେହେରାଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଜଜ(ପୋକସୋ) ତଥା ଅତିରିକ୍ତ ଦୌରା ଜଜ ପ୍ରଦୀପ କୁମାର ବେହେରା ୨୦ ବର୍ଷ କାରାଗାର ଓ ଦଶ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଉକ୍ତ ମାମଲାକୁ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୁବ୍ରତ ପ୍ରିୟଦର୍ଶୀ ପରିଚାଳନା କରୁଥିଲେ।ତେବେ ଉକ୍ତ ରାୟ ଦ୍ୱାରା ଓଡିଶା ପୋଲିସର ମନୋବଳକୁ ବୃଦ୍ଧି କରାଇ ଥିବା ବେଳେ ପୋଲିସ ଅଧିକାରୀ ମାନେ ଏହା ଦ୍ୱାରା ପ୍ରେରିତ ହୋଇ ଆଗକୁ ଆହୁରି ଦକ୍ଷତାର ସହ ମାମଲାର ତଦନ୍ତ କରିବେ ବୋଲି ଡିଜିପି ଆଶା କରିଛନ୍ତି। ଏହି ଅବସରରେ ଓଡିଶା ଡିଜିପି ଶ୍ରୀ ଖୁରାନିଆ ଉଭୟ ଅଧିକାରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିବା ସହ ଅଭିନନ୍ଦନ ଜଣାଇଛନ୍ତି ଏବଂ ଉଭୟ ଅଧିକାରୀ ନିଜର ଡ୍ୟୁଟି ପ୍ରତି ସମର୍ପିତ ହୋଇ କାର୍ଯ୍ୟ କରିଥିବାରୁ ଓଡିଶା ପୋଲିସ ପାଇଁ ପ୍ରେରଣା ପାଲଟିଥିବା ପ୍ରଶଂସା ପତ୍ରରେ ଉଲ୍ଲେଖ କରିଛନ୍ତି।

# ଜାତୀୟ କବି ବାଞ୍ଛାନିଧି ସ୍ମାରକୀ ସମ୍ମାନ ପାଇବେ କବି ନିରାକାର ଦାସ



ଭୁବନେଶ୍ୱର, ୧୬/୪ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜାତୀୟ କବି ବାଞ୍ଛାନିଧି ସ୍ମୃତି ପରିଷଦର ମିଳିତ ସହଯୋଗରେ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ୧୨୮ ତମ ଜୟନ୍ତୀ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନରେ ଆସନ୍ତା ୨୦ ତାରିଖରେ ମହାସମାରୋହରେ ପାଳିତ ହେବ । ପ୍ରତିବର୍ଷ ଭଳି ଏ ବର୍ଷ ବାଞ୍ଛାନିଧି ସ୍ମୃତି ପରିଷଦ ପକ୍ଷରୁ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ । ଚଳିତ ବର୍ଷ ବିଶିଷ୍ଟ ପ୍ରଗତିଶୀଳ କବି ନିରାକାର ଦାସଙ୍କୁ ମର୍ଯ୍ୟାଦାଜନକ "ଜାତୀୟ କବି ବାଞ୍ଛାନିଧି ସ୍ମାରକୀ ସମ୍ମାନ"ରେ ସମ୍ମାନିତ କରାଯିବ । ପରିଷଦର ସଭାପତି ଡ଼ାଃ ଦୁର୍ଯ୍ୟୋଧନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଏହି ନିଷ୍ପତ୍ତି ନିଆଯାଇଥିବା ଅନୁଷ୍ଠାନର ସହ ସମ୍ପାଦକ କୃଷ୍ଣଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି । ନବ୍ୟ ସାମ୍ୟବାଦୀ ଚେତନାର ଦରଦୀ କବି ନିରାକାର ଦାସଙ୍କ ରଚିତ - ଭିନ୍ନ ଇଲାକାର ସ୍ୱର, ମହରଗ ପାଦେ ମାଟିର ସ୍ୱପ୍ନ, ଏ ଯୁଦ୍ଧ ନୁହେଁ ତୁମର, ଅସରନ୍ତି ଯାତ୍ରା, ବିଦୀର୍ଣ୍ଣ ବସୁଧା, ମୁଁ ସର୍ବହରାର କବି, ସ୍ୱର ସମୟର ଆଦି କବିତା ପୁସ୍ତକ ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛି । ଏହି ଉତ୍ସବରେ ଭଦ୍ରକର ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହ କବି ଶ୍ରୀ ଦାସଙ୍କୁ ସମ୍ମାନିତ କରାଯିବ ଏବଂ ଭଦ୍ରକ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବାଞ୍ଛାନିଧି ସଙ୍ଗୀତ ପରିବେଷଣ କରାଯିବ ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି ।

# ଅବସର ପତ୍ରିକା ପକ୍ଷରୁ ବିଷୁବ ମିଳନ ଅନୁଷ୍ଠିତ



ବାସୁଦେବପୁର, ୧୬/୪ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ପରିସରରେ ଅବସର ସାହିତ୍ୟ ପତ୍ରିକା ଆନୁକୂଲ୍ୟରେ ବିଷୁବ ମିଳନ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଶିଷ୍ଟ କବି ଅଭିମନ୍ୟୁ ବେହେରା ସଭାପତିତ୍ୱ କରିଥିଲେ। ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ଗାଳ୍ପିକ ରଜନୀକାନ୍ତ ମହାନ୍ତି, ପ୍ରାବନ୍ଧିକ ଅଭୟ କୁମାର ଦାସ, କବି ଡକ୍ଟର ପ୍ରଭାତ ନଳିନୀ ମହାପାତ୍ର, ସ୍ତମ୍ଭକାର ବିଶ୍ୱ ରଂଜନ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କଳା ସାହିତ୍ୟ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅଧ୍ୟାପକ ଡକ୍ଟର ବିଶ୍ୱ ରଞ୍ଜନ ଦାସ, ପ୍ରାବନ୍ଧିକ ବାସୁଦେବ ବାରିକ, ଶିକ୍ଷାବିତ୍ ରବି ନାରାୟଣ ସେନାପତି ଓ କବି ସଞ୍ଜୟ ପଣ୍ଡା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇ ଥିଲା। ଏହି ସଭାରେ କବି ସୁଧାଂଶୁ ଶେଖର ମିଶ୍ର ସଭାପତିତ୍ୱ କରିଥିଲେ । କବି କମଳାକାନ୍ତ କର, କବି ଯାମିନି କାନ୍ତ ପାଢ଼ୀ, କବି ରତ୍ନାକର ବାରିକ୍, କବି ଧନେଶ୍ୱର ରାଉତ, କବି ରତ୍ନାକର ପଣ୍ଡା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କବିତା ପାଠ ଉତ୍ସବରେ ସଂଯୋଜନା କରିଥିଲେ କବି ଶାନ୍ତିଲତା ପଣ୍ଡା ଓ କବି ଗୟାଧର ଦାସ। ଏହି ଉତ୍ସବରେ କବି ବନମାଳି ବାରିକଙ୍କ ପୁତ୍ର ପାର୍ଥ ସାରଥୀ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ କବି ସୁଧାଂଶୁ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କବି ସ୍ୱର୍ଣ୍ଣପ୍ରଭା ବାରିକ୍, ପୁଷ୍ପାଞ୍ଜଳି ବାରିକ୍, ସୂର୍ଯ୍ୟ ସାରଥୀ ବାରିକ, ଖଗେଶ୍ୱର ବାରିକ୍ ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ ।

# ଖରସ୍ରୋତା ନଦୀ ପୋଲରୁ ଡେଇଁ ନର୍ସିଂ ଛାତ୍ରୀଙ୍କ ଆମହତ୍ୟା ଉଦ୍ୟମ

କୋରେଇ, ୧୬/୪ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଖରସ୍ରୋତା ନଦୀ ପୋଲରୁ ଆଜି ଅପରାହ୍ନରେ ଜଣେ ନର୍ସିଂଛାତ୍ରୀ ଆମହତ୍ୟା କରିବାକୁ ନଦୀକୁ ଡେଇଁ ପଡିବା ବେଳେ ମତ୍ସ୍ୟଜିବୀ ମାନଙ୍କ ଦ୍ୱାରା ଉଦ୍ଧାର ହୋଇଛି । ପ୍ରକାଶଯେ ଯାଜପୁର ଜିଲ୍ଲା ଟମକା ଥାନା ଅନ୍ତର୍ଗତ ଦେଉଳକଣା ଗ୍ରାମର ବିଷ୍ଣୁ ପାତ୍ରଙ୍କ ଝିଅ ପୂଜାରାଣୀ ପାତ୍ର (୨୧) ଧର୍ମଶାଳା ସାଇ ଦୁର୍ଗା ନର୍ସିଂ କଲେଜରେ ପାଠ ପଢୁଥିବା ବେଳେ କୁଆଖିଆ ସତସଂଗ ବିହାର ନିକଟସ୍ଥ ହଷ୍ଟେଲରେ ରହୁଥିଲା । କୌଣସି କାରଣରୁ ସେ ସେଠାରୁ ଚାଲି ଚାଲି ଆସି ନଦୀରେ ଗଭୀର ପାଣିଥିବା ସ୍ଥାନ ଦେଖି ପୋଲ ଉପରୁ ତଳକୁ ଡେଇଁପଡିଥିଲା । ସୌଭାଗ୍ୟବଶତଃ ନଦୀରେ ମାଛ ଧରୁଥିବା ମତ୍ସ୍ୟଜିବୀମାନେ ଏହା ଦେଖି ତାକୁ ଉଦ୍ଧାର କରି କୂଳକୁ ଆଣିଥିଲେ । ପାଣିକୋଇଲି ବିଦ୍ୟୁତ ବିଭାଗର ମଳପଡା ଦାୟିତ୍ୱରେ ଥିବା କର୍ମଚାରୀ ଅଲେଖ ସେଠୀ ଓ ରଘୁନାଥ ସାହୁ ତାଙ୍କୁ ସେଠାରୁ ଆଣି ମସୁଦପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ । ଖବର ପାଇ ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଂଚି ତାର ପରିବାକୁ ଖବର ପଠାଇଥିଲା । ଯୁବତୀ ଜଣଙ୍କ ସୁରକ୍ଷିତ ରହିଥିବା ବେଳେ ଏବେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଛନ୍ତି ।

# ବନମାଳୀ ସେନାପତି ପାଇଲେ ସହଯୋଗ ଅନ୍ନ ହରି ସୁ ସଂପାଦକ ସମ୍ମାନ




ଆଳି,୧୬/୪(ନି.ପ୍ର) ସଂପାଦନା କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ 'ସହଯୋଗ' ଲେଖକ କଲ୍ୟାଣ ନ୍ୟାସ ପକ୍ଷରୁ ପରାଗର ସଂପାଦକ ବିଶିଷ୍ଟ ଗାଳ୍ପିକ, କବି ବନମାଳୀ ସେନାପତିଙ୍କୁ ସହଯୋଗ ଅନ୍ନ ହରି ସୁ ସଂପାଦକ ସମ୍ମାନରେ ସମ୍ମାନିତ କରାଯାଇଛି ।ଗତ ରବିବାର ଦିନ ସନ୍ଧ୍ୟାରେ ସହଯୋଗର ଦଶମ ବାର୍ଷିକ ଉତ୍ସବ ଭୁବନେଶ୍ୱର ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ଲବ୍ଧପ୍ରତିଷ୍ଠ ଗାଳ୍ପିକ ଅନିଲ ପାଢ଼ୀ ଅଧକ୍ଷତା କରିଥିଲେ ।ବରେଣ୍ୟ ଅତିଥି ଭାବରେ ଶିକ୍ଷାବିତ୍ ସତ୍ୟବାଦୀ ବଳିଆର ସିଂ, ସାହିତ୍ୟ ଚର୍ଚ୍ଚାର ସଂପାଦକ ନିହାର ଶତପଥି, ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଫେସର ଯଶୋବନ୍ତ ସାମଲ ଓ ବିଶିଷ୍ଟ ସଂଳାପ ଲେଖକ ଡ. ରଜନୀ ରଂଜନ ଯୋଗଦେଇ ସହଯୋଗ ପରି ଏକ ନିଆରା ସାହିତ୍ୟ ଅନୁଷ୍ଠାନ ର ଭୂୟସୀ ପ୍ରଶଂସା କରିବା ସହ ଉପସ୍ଥିତ ସମସ୍ତ ସାହିତ୍ୟିକ ମାନଙ୍କୁ ସହଯୋଗ ସହ ଯୋଡ଼ି ହେବା ପାଇଁ କହିଥିଲେ। ଓଡିଶାରେ ଅନେକ ସାହିତ୍ୟ ଅନୁଷ୍ଠାନ ଅଛି ଓ ସେମାନେ ସେମାନଙ୍କର ବାର୍ଷିକ ଉତ୍ସବରେ ବରିଷ୍ଠ ଓ ଉତ୍କୃଷ୍ଟ ସାହିତ୍ୟ ରଚନା କରୁଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରନ୍ତି। ଏହା ସାହିତ୍ୟିକ ମାନଙ୍କ ପାଇଁ ନିଶ୍ଚିତ ଭାବରେ ଏକ ପ୍ରେରଣା ଦାୟକ କାର୍ଯ୍ୟ। କିନ୍ତୁ ସହଯୋଗ ଲେଖକ କଲ୍ୟାଣ ନ୍ୟାସ ଯାହା କରୁଛି ତାହା ସାହିତ୍ୟିକ ମାନଙ୍କ ପାଇଁ ଏକାନ୍ତ ଆବଶ୍ୟକ। ଅନେକ ସାହିତ୍ୟିକ ଅଛନ୍ତି ଯେଉଁମାନେ ରାଶି ରାଶି କବିତା ଓ ଶହ ଶହ ଗଳ୍ପ ଲେଖିଥିଲେ ବି ଅର୍ଥ ଅଭାବରୁ ତାହା ପ୍ରକାଶିତ ହୋଇପାରୁନାହିଁ। ସେଗୁଡିକ ପ୍ରକାଶ ପାଇବା ପାଇଁ ସମସ୍ତେ ସାହାଯ୍ୟ କରିବା ପାଇଁ ଆଗେଇ ଆସିବା ଉଚିତ। ଏବଂ ସହଯୋଗ ଏହାର ନେତୃତ୍ୱ ନେବା ଆବଶ୍ୟକତା ଦେଖା ଦେଇଛି। ଅନୁଷ୍ଠାନର ସଂପାଦକ ଗୋପାଳ କୃଷ୍ଣ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିବାସହ ସଂପାଦକୀୟ ବିବରଣୀ ପାଠ କରିଥିଲେ।ଏହି ଅବସରରେ ବର୍ଷିୟାନ ସାହିତ୍ୟିକ ରମେଶ ଚନ୍ଦ୍ର ରଥଙ୍କୁ କୋଡ଼ିଏ ହଜାର ଟଙ୍କାର ଅର୍ଥ ରାଶି ସହ ଉତ୍ତରୀୟ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# କଂଗ୍ରେସର ମଶାଲ ଶୋଭାଯାତ୍ରା




ବଡ଼ସାହି,୧୬।୪(ନି.ପ୍ର)- ଓଡିଶାରେ ନାରୀ ନିର୍ଯ୍ୟାତନା, ଧର୍ଷଣ, ଗଣଧର୍ଷଣ ଓ ଅପହରଣ ଆଦି ଚରଣ ସୀମାରେ ପହଂଚିଛି । ଯାହା ଫଳରେ ରାଜ୍ୟରେ ଉଦବେଗଜନିତ ସ୍ଥିତି ଉପୁଜିଛି । ଏହାର ପ୍ରତିବାଦରେ କଂଗ୍ରେସ ପକ୍ଷରୁ ବିଧାନସଭା ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟମାନ ଘେରାଉ ହୋଇଥିବା ବେଳେ ବର୍ତମାନ ସୁଦ୍ଧା ସରକାର କୁମ୍ଭନିଦ୍ରାରେ ଶୋଇଛନ୍ତି । ତେଣୁ ତୃଣମୂଳ ସ୍ତରରୁ ଏହାକୁ ଜୋରଦାର କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନରେ ପ୍ରତି ବ୍ଲକ୍ ସ୍ତରରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ଅବସରରେ ବଡସାହି ବ୍ଲକ୍ କଂଗ୍ରେସର ଯୁବ ନେତା ଶଶାଙ୍କ ଶେଖର କରଙ୍କ ନେତୃତ୍ୱରେ ଏକ ମଶାଲ ଶୋଭାଯାତ୍ରା ବଜାର ପରିକ୍ରମ କରିଛି । ଏହାପରେ ସେମାନେ ଗାନ୍ଧୀ ପ୍ରତିମୂର୍ତୀ ତଳେ ବିକ୍ଷୋଭ ପ୍ରଦର୍ଶନ କରି ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟବେକ୍ଷକ ରବିନାରାୟଣ ଜେନା, ପୂର୍ବତନ ବ୍ଲକ୍ ସଭାପତି ଗୁଣନିଧି ମହାନ୍ତି, ପୂର୍ଣ୍ଣଚନ୍ଦ୍ର ହାଁସଦା, ପୂର୍ବତନ ବ୍ଲକ୍ ଅଧକ୍ଷ୍ୟ ମନୋରଂଜନ ବଳ, ପୂର୍ବତନ ଯୁବ ସଭାପତି ଦିପ୍ତିଭାନୁ ସେନାପତି, ସତ୍ୟବ୍ରତ ସାହୁ, ଆନନ୍ଦ ପାତ୍ର, ଚିନ୍ତାମଣୀ ଟୁଡୁ ଓ ରବିନାରାୟଣ ମହାନ୍ତଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତା ଯୋଗ ଦେଇଥିଲେ ।

E.mail- rwssdivisionbhadrak@gmail.com

GOVERNMENT OF ODISHA
OFFICE OF THE SUPERINTENDING ENGINEER
R.W.S&S DIVISION, BHADRAK.
* * * * * *

"e" PROCUREMENT NOTICE

Bid Identification No. RWSS (BDK): - 01/ 2025-26

1. Name of the Work : Sinking of Tube well of 100x50mm diameter by hand boring through water jet method in different Blocks of Bhadrak District.
2. Total Number of Work: 39 Nos
3. Estimated Cost : Rs.5.12 Lakhs to Rs. 12.19 Lakhs
4. Class of Contractor D&C
5. Period of Completion : 30 Days to 60 Days

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Bhadrak | RWSS (BDK):- 01/2025-26 | 19.04.2025 (From-10.00 A.M) | 03.05.2025 (up to 05.00 PM) |

Further details can be seen from the e-procurement portal "www.tendersodisha.gov.in"
Subsequent corrigendum if required shall be appeared in the website only.

Executive Engineer
RWS&S Division, Bhadrak

OIPR : 25020/11/0010/2526

# ଭାଲୁ ଆକ୍ରମଣରେ ୨ ଗୁରୁତର



ନୀଳଗିରି - ୧୬/୪ (ନି.ପ୍ର) ମର୍ଣ୍ଣିଂ ୱାକରେ ଯାଉଥିବା ବେଳେ ହଠାତ୍ ଭାଲୁ ଆକ୍ରମଣରେ ଶିକାର ହୋଇ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଦୁଇ ପଥଚାରୀ। ଏଭଳି ଏକ ଅଘଟଣ ଘଟିଛି ନୀଳଗିରି ବ୍ଲକ ଅନ୍ତର୍ଗତ ଆରବନ୍ଧ ପଞ୍ଚାୟତ ଆରବନ୍ଧ ଗ୍ରାମରେ । ଅବକାଶ ନାୟକ (୨୬) ଏବଂ ନିଳୟନ୍ତୀ ବିଶ୍ୱାଳ (୫୦) ନାମକ ଦୁଇଜଣ ପଥଚାରୀ ଆଗପଛ ହୋଇ ଆରବନ୍ଧ ହାଇସ୍କୁଲ ପାଖାପାଖି ଚାଲିଥିବାବେଳେ ଖାଦ୍ୟ ଅନ୍ୱେଷଣରେ ଆସିଥିବା ଏକ ଭାଲୁ ହାବୁଡ଼ରେ ପଡ଼ିଥିଲେ। ଭାଲୁଟି ପ୍ରଥମେ ଅବକାଶଙ୍କୁ ଆକ୍ରମଣ କରିଥିଲା। ଉଭୟ ଭାଲୁ ଓ ଅବକାଶଙ୍କ ମଧ୍ୟରେ କିଛିସମୟ ଲଢେଇ ଚାଲିଥିଲା। ଏଥିମଧ୍ୟରେ ଭାଲୁଟି ଅବକାଶଙ୍କୁ କାମୁଡି ଦେଉଥିଲା। ଫଳରେ ତାଙ୍କର ବାମହାତରେ ଗଭୀର କ୍ଷତସୃଷ୍ଟି ହୋଇଥିଲା। ପରେ ପଛରେ ଆସୁଥିବା ନିଳୟନ୍ତୀ ମଧ ଭାଲୁ ଆକ୍ରମାଣରେ ଶିକାର ହୋଇଥିଲେ । ଏଥିରେ ନିଳୟନ୍ତୀଙ୍କର ପିଠିରେ ଗଭୀତ କ୍ଷତ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ଉଭୟଙ୍କୁ ଭାଲୁ ନିକଟରୁ ଉଦ୍ଧାର କରି ପ୍ରଥମେ ବରହମପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇ ଚିକିତ୍ସା କରାଯିବା ପରେ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିବାରୁ ନୀଳଗିରି ଡାକ୍ତରଖାନରେ ଭର୍ତ୍ତି କରାଯାଇଛି। ଖବରପାଇ ସ୍ଥାନୀୟ ସରପଞ୍ଚ କୁଳମଣି ନାୟକ ହସ୍ପିଟାଲରେ ପହଂଚି ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହିତ ଆଶୁ ଆରୋଗ୍ୟ କାମନା କରିଥିଲେ।

# ରାଜ୍ୟବ୍ୟାପୀ ପାଳନ ହେବ ବିଜୁ ବାବୁଙ୍କ ଶ୍ରାଦ୍ଧଦିବସ

ଭୁବନେଶ୍ୱର, ୧୬/୪ (ନି.ପ୍ର): ଆସନ୍ତାକାଲି (ଗୁରୁବାର) ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୮ତମ ତିରୋଧାନ ଦିବସ ଅବସରରେ ରାଜ୍ୟବ୍ୟାପୀ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବ। ଏହା ସହିତ ବିଜୁ ଜନତା ଦଳର ରାଜ୍ୟ ମୁଖ୍ୟାଳୟ ଶଙ୍ଖ ଭବନଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ପ୍ରବାଦ ପୁରୁଷଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିବେ ବୋଲି ଆଜି କାର୍ଯ୍ୟକ୍ରମ ରୂପାୟନ କମିଟିର ଆବାହକ ସଂଜୟ ଦାସବର୍ମା ସୂଚନା ଦେଇଛନ୍ତି । ଶଙ୍ଖଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସବର୍ମା କହିଥିଲେ, ବିଜୁ ବାବୁ ହେଉଛନ୍ତି, ଓଡ଼ିଆ ଜାତିର ସ୍ୱାଭିମାନ ଓ ଅସ୍ମିତା । ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିକୁ ପୋଡ଼ିଦେବା ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିବା ବେଳେ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଏହି ଘଟଣାକୁ ନେଇ ସାରା ରାଜ୍ୟରେ ପ୍ରତିବାଦର ସ୍ୱର ଉଠିଛି । ସମ୍ବଲପୁର ଠାରେ, ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀଙ୍କ ନେତୃତ୍ୱରେ ଗତକାଲି ଅନୁଷ୍ଠିତ ହୋଇଥିବା ପ୍ରତିବାଦ ସଭାରେ ପ୍ରଦର୍ଶନକାରୀଙ୍କ ଉପରେ ପୋଲିସର ଆକ୍ରମଣ ଏବଂ ମହିଳାଙ୍କ ପ୍ରତି ଅମାନବୀୟ ଆଚରଣ ଘଟଣାକୁ ଆମେ ଦୃଢ଼ ନିନ୍ଦା କରୁଛୁ ।

# ମହିଳାଙ୍କ ନ୍ୟାୟ ପାଇଁ ଜଳେଶ୍ୱର କଂଗ୍ରେସ ତରଫରୁ ବିଶାଳ ମଶାଲ ଶୋଭାଯାତ୍ରା




ଜଳେଶ୍ୱର, ୧୬/୪-(ନିପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାର ମହିଳା ଚାଲାଣ, ଗଣ ଦୁଷ୍କର୍ମ, ବଳାତ୍କାର ଆଦି କାର୍ଯ୍ୟ ବିରୁଦ୍ଧରେ ନାରୀ ନ୍ୟାୟ ପାଇଁ ଜଳେଶ୍ୱର କଂଗ୍ରେସ ତରଫରୁ ମଙ୍ଗଳବାର ସନ୍ଧ୍ୟାରେ ବସ ଷ୍ଟାଣ୍ଡ ଠାରୁ ଜଳେଶ୍ୱର ବଡ଼ବଜାର ଛକ ଅଭିମୁଖେ ଏକ ବିଶାଳ ମଶାଲ ଶୋଭାଯାତ୍ରାରେ ଯାଇ ପ୍ରତିବାଦ କରା ଯାଇଥିଲା ।ଓଡ଼ିଶାରେ ନିଖୋଜ ଥିବା ୬୦୦୦୦ ମହିଳା ଏବଂ ଶିଶୁଙ୍କୁ ଶୀଘ୍ର ଖୋଜିବା, ଓଡ଼ିଶାରେ ନାରୀ ନିର୍ଯାତନା କେମିତି ବନ୍ଦ ହେବ ଏବଂ ନାରୀ ମାନଙ୍କ ପାଇଁ ସରକାର ଖୁବ ଶୀଘ୍ର ଗୃହ କମିଟି ଗଠନ କରନ୍ତୁ ଆଦି ପ୍ରମୁଖ ଦାବି ନେଇ ଏହି ମଶାଲ ଶୋଭାଯାତ୍ରା ଆୟୋଜନ କରା ଯାଇଥିବା ନେଇ କଂଗ୍ରେସ ନେତୃମଣ୍ଡଳୀ ବ୍ୟକ୍ତବ୍ୟ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ସଭାପତି ରାଜୀବ ପରିଡା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଟାଉନ ସଭାପତି ଗିରିଜା ଶଙ୍କର ଦାସ, ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ, ହରିଶଙ୍କର ଜେନା, ବରିଷ୍ଠ କଂଗ୍ରେସ ନେତା ସତ୍ୟ ସୁନ୍ଦର ଦାସ, ସୁଦାମ ଚରଣ ପାତ୍ର, ସବ୍ୟସାଚୀ ଦାସ, ଫରିଦ ଅହମଦ, ମଞ୍ଜୁଶ୍ରୀ ପଣ୍ଡା, ଜସୁମତି କରଣ, କବିତା ଜେନା, ସନ୍ଧ୍ୟା ରାଣୀ ସେନାପତି, ଅନୁପମା ସେନାପତି, ସୁଲୋଚନା ଜେନା, ଝୁମା ମାଝୀ, କଳ୍ପନା ବେହେରା, ସବିତା ଭୂୟାଁ , ସପନ ଜେନା, ଉତ୍ତମ ପାତ୍ର, ସରୋଜ ଦାସ, ସନ୍ଦୀପ ଜେନା, ଭଗବାନ ଜେନା, ଆଶିଷ ଘୋଷ, ଜୟ ନରାୟଣ ପ୍ରଧାନ, ଚନ୍ଦନ କୁମାର ଜେନା, ମିହିର ଭୂୟାଁ, ଗୌରାଙ୍ଗ ମହାପାତ୍ର, ଅଙ୍କିତ ପରିଡା, ବଳରାମ ଘୋଷ, କାର୍ତ୍ତିକ ବାଗ, ରବୀନ୍ଦ୍ର ଜେନା ଏବଂ ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ରାଇବଣିଆ ମଣ୍ଡଳ ସ୍ତରୀୟ ସାଙ୍ଗଠନିକ ବୈଠକ



ଜଳେଶ୍ୱର ୧୬/୪: (ନିପ୍ର)ଆଜି ସକାଳ ୧୧ ଘଟିକା ସମୟରେ ୭ଜୁନ ରାଇବଣିଆ ମଣ୍ଡଳ ଅନ୍ତର୍ଗତ ଗହିରାଖାଲ ଡାକ ବଙ୍ଗଳାରେ ଭାରତୀୟ ଜନତା ପାର୍ଟି ରାଇବଣିଆ ମଣ୍ଡଳର ୩୮ ଗୋଟି ବୁଥ୍ର ସଭାପତିଓ ଆଠଟି ଶକ୍ତି କେନ୍ଦ୍ରର ପ୍ରମୁଖ ମାନଙ୍କୁ ନେଇ ରାଇବଣିଆ ମଣ୍ଡଳର ମଣ୍ଡଳ ସଭାପତି ଶ୍ରୀ ସଞ୍ଜିବ କୁମାର ଜେନା ଙ୍କ ସଭାପତିତ୍ୱରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସମସ୍ତ ପଦାଧିକାରୀଙ୍କ ସତ୍ୟପାଠ କରାଯାଇଥିଲା ।ବୁଥ ସଭାପତି ମାନଙ୍କର ଭାରତୀୟ ଜନତା ପାର୍ଟିରେ ଅଖଣ୍ଡ କ୍ଷମତା ଏବଂ ଭୂମିକା ବିଷୟରେଆଲୋକପାତକରାଯାଇଥିଲା୭ ନମ୍ବର ଜୁନ ରାଇବଣିଆ ମଣ୍ଡଳର ସମସ୍ତ ଶକ୍ତିକେନ୍ଦ୍ରର ପ୍ରମୁଖ ଏବଂ ବୁଥ ସଭାପତି ମାନେ ଭାରତୀୟ ଜନତା ପାର୍ଟିର ସଂଗଠନକୁ ମଜଭୁତ କରିବେ ବୋଲି ସଂକଳ୍ପ ଓ ପ୍ରତିଜ୍ଞା ନେଲେ ଏହି ବୈଠକରେ ଯୋଗଦାନ କରିଥିଲିପୂର୍ବତନ ରାଇବଣିଆ ମଣ୍ତଳ ସଭାପତି ତରୁଣ ପଟ୍ଟନାୟକ, ସୁଜିତ୍ ଦାସ, ଅଜିତ୍ କୁମାର ଘୋଷ, ଗୌତମ ପାତ୍ର, ସନତ ସାହୁ, ତପନ ସାହୁ,ଦିବେନ୍ଦୁ ଦେ, ବସନ୍ତ କୁମାର ମହାନ୍ତି, ଦିଗାମ୍ବର ଦାସ, ଅଜିତ୍ ସିଂ ପ୍ରମୁଖ ଯୁବ ନେତା ମାନେ ଉପସ୍ଥିତ ରହିଥିଲେ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida